

ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-76 ◆TUESDAY ◆9 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୭୬ ◆ମଙ୍ଗଳବାର ◆୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନେପାଳ ଅଶାନ୍ତ

## ସେନା ଗୁଳିରେ ୨୦ ମୃତ

### ଓଲି ସରକାର ବିରୋଧୀ ଆନ୍ଦୋଳନ ଉଗ୍ର; ସଂସଦରେ ପଶିଲେ ବିକ୍ଷୋଭକାରୀ

**ଇସ୍ତଫା ଦେଲେ ଗୃହମନ୍ତ୍ରୀ**


**ବିହାରର ୭ ଜିଲ୍ଲା ସୀମା ସିଲ୍**


■ **କାଠମାଣ୍ଡୁ, ୮।୯(ଏଜେନ୍ସି):** ନେପାଳରେ ଭୟଙ୍କର ଅଶାନ୍ତି ଦେଖାଦେଇଛି। ଓଲି ସରକାରଙ୍କ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ସହିତ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ଯୁବ ଆନ୍ଦୋଳନକାରୀ ଆଜି ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଂସଦ ଆଡ଼କୁ ମାର୍ଚ୍ଚ କରିଛନ୍ତି। ସେମାନଙ୍କୁ ଅଟକାଇବା ଲାଗି ସରକାର ଜାରି କରିଥିବା ନିଷେଧାଜ୍ଞାକୁ ଖାତିର ନକରି ସେମାନେ ସଂସଦ ଭବନ ଆଡ଼କୁ ମାଡ଼ିଯାଇଛନ୍ତି। ଅନେକ ଆନ୍ଦୋଳନକାରୀ ସଂସଦରେ ପଶିଥିବାର ଖବର ମଧ୍ୟ ମିଳିଛି। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଆହତ ହୋଇଥିବା ଖବର ମିଳିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ଅଞ୍ଚଳରେ ସେନା ମୁତୟନ କରାଯାଇଛି। କର୍ଫ୍ୟୁ କଟକଣା ଜାରି କରାଯିବା ସହିତ ଗଣ୍ଡଗୋଳକାରୀଙ୍କୁ ଦେଖିବାମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଦେଶରେ ଅଶାନ୍ତି ପାଇଁ ନୈତିକତା ଦୃଷ୍ଟିରୁ ଓଲି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି ଗୃହ ମନ୍ତ୍ରୀ ରମେଶ ଲେଖାକ୍।

ମିଳିଥିବା ସୂଚନା ଅନୁଯାୟୀ ଦୁର୍ନୀତିକୁ ନେଇ ପ୍ରଧାନମନ୍ତ୍ରୀ କେପି ଓଲିଙ୍କ ସରକାର ବିରୋଧରେ ଦେଶବ୍ୟାପୀ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଦୁର୍ନୀତି ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ରହିଥିବାରୁ ଏହାକୁ ହଟାଇବା ଲାଗି ବିରୋଧୀ ଦଳ ପକ୍ଷରୁ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି। ଯୁବଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଜରିଆରେ ସରକାର ବିରୋଧରେ ▶ପୃଷ୍ଠା-୭



# ଉପରାଷ୍ଟ୍ରପତି ନିର୍ବାଚନ ଆଜି





## ସିପି ରାଧାକୃଷ୍ଣନ ବନାମ୍ ବି ସୁଦର୍ଶନ ରେଡ୍ଡୀ

■ **ନୂଆଦିଲ୍ଲୀ, ୮।୯(ଏଜେନ୍ସି):** କିଏ ହେବେ ଭାରତର ନୂଆ ଉପରାଷ୍ଟ୍ରପତି? ଏନ୍‌ଡିଏର ସିପି ରାଧାକୃଷ୍ଣନ ନା ଇଣ୍ଡିଆ ବ୍ଲକ୍‌ର ବି ସୁଦର୍ଶନ ରେଡ୍ଡୀ? ଆସନ୍ତାକାଲି ହେବାକୁ ଯାଉଥିବା ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ହୋଇଯିବ। ସଂସଦ ଭବନରେ ମଙ୍ଗଳବାର ସକାଳ ୧୦ଟାରୁ ମତଦାନ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଭୋଟଗଣତି ହେବ ଏବଂ ସନ୍ଧ୍ୟାରେ ହିଁ ଫଳାଫଳ ଘୋଷଣା ହୋଇଯିବ।

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜର ସଦସ୍ୟମାନେ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଏବେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୧ ଥିବାବେଳେ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୯୧ଟି ଭୋଟ୍ ଆବଶ୍ୟକ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୪୨୫ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ରାଧାକୃଷ୍ଣନ ବିଜୟୀ ହେବାର ସମ୍ଭାବନା ଅଧିକ। ୱାଇଏସ୍‌ଆର୍‌ପିର ୧୧ ଜଣ ସାଂସଦ ମଧ୍ୟ ରାଧାକୃଷ୍ଣନଙ୍କୁ ସମର୍ଥନ ଘୋଷଣା କରିଥିବାରୁ ସମର୍ଥକଙ୍କ ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ସଭ୍ୟସଂଖ୍ୟା ୩୧୨ ରହିଥିବା ବେଳେ ଆପ୍‌ର ୧୨ ଜଣ ସାଂସଦ ସୁଦର୍ଶନ ରେଡୀଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ତେଣୁ ବିରୋଧୀ ପ୍ରାର୍ଥୀଙ୍କ ସପକ୍ଷରେ ୩୨୪ ସଭ୍ୟଙ୍କ ସମର୍ଥନ ରହିଛି। ସୁତରାଂ, ସରକାରୀ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକତା ଠାରୁ ୪୫ଟି ଅଧିକ ଭୋଟ୍ ଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କ ପାଖରେ ୬୭ଟି ଭୋଟ୍ କମ୍ ରହିଛି। ଏହି ନିର୍ବାଚନରେ ବିଜେଡି ଏବଂ ବିଆରଏସ୍ ମତଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି। ସଂସଦରେ ବିଜେଡିର ୭ ଜଣ ଏବଂ ବିଆର୍‌ଏସ୍‌ର ୪ ଜଣ ସଦସ୍ୟ ଅଛନ୍ତି।

ଉଭୟ ସରକାରୀ ଓ ବିରୋଧୀ ଦଳ ନିର୍ବାଚନ ପୂର୍ବରୁ ମକଡ୍ରିଲ୍ କରିଛନ୍ତି। ଭୋଟ୍ ଯେମିତି ନାକଚ ନ ହୁଏ, ସେଥିଲାଗି ସାଂସଦମାନଙ୍କୁ ତାଲିମ୍ ଦେଇଛନ୍ତି। ୨୦୧୭ରେ ୧୧ଟି ଭୋଟ୍ ନାକଚ ହୋଇଥିବା ବେଳେ ୨୦୨୨ରେ ୧୫ ଏବଂ ୧୯୯୭ରେ ସର୍ବାଧିକ ୪୬ଟି ଭୋଟ୍ ନାକଚ ହୋଇଥିଲା। ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନ ପାଇଁ ଦଳମାନଙ୍କ ପକ୍ଷରୁ ହୁଇପ୍ ଜାରି କରାଯିବାର ବ୍ୟବସ୍ଥା ନାହିଁ। ତେଣୁ ମତଦାନ ବେଳେ କ୍ରସ୍‌ଭୋଟିଂ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ▶ପୃଷ୍ଠା-୭



**ମୋଟ୍ ସାଂସଦ ସଂଖ୍ୟା ୭୮୧**

| | |
|---|---|
| ଏନ୍‌ଡିଏ | ୪୨୫ |
| ଇଣ୍ଡିଆ ମେଣ୍ଟ | ୩୧୨ |
| ଅନ୍ୟ ଦଳ | ୪୪ |


**ମ୍ୟାଜିକ୍ ନମ୍ବର ୩୯୧**

**ଉପରାଷ୍ଟ୍ରପତି ନିର୍ବାଚନ** ନବୀନ ନେଲେ ବଡ଼ ନିଷ୍ପତ୍ତି

# ମତଦାନରୁ ବିରତ ରହିବ ବିଜେଡି

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ବିଜେଡି। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏପରି ବଡ଼ ନିଷ୍ପତ୍ତି ନେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଜେଡି ସଂସଦୀୟ ଦଳ, ପିଏସି ସଦସ୍ୟ ତଥା ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ନବୀନ ଏହି ନିଷ୍ପତ୍ତି ନେଇଛନ୍ତି। ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୋମବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଡ. ପାତ୍ର କହିଛନ୍ତି ଯେ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଏବଂ ସାଂସଦମାନଙ୍କ ସହ ବିଚାରବିମର୍ଶ କରିବା ପରେ ଦଳର ସଭାପତି ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ୭ ଜଣ ରାଜ୍ୟସଭା ସାଂସଦ ମତଦାନ କରିବେ ନାହିଁ। ଉଭୟ ଏନ୍‌ଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟଠାରୁ ବିଜେଡି ସମଦୂରତ୍ୱ ରକ୍ଷା କରି ଆସିଛି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକସ୍ଥଳେ ବିଜେଡି ପ୍ରସଙ୍ଗଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି। ତେଣୁ ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ରାଜ୍ୟସ୍ୱାର୍ଥକୁ ଆଗରେ ରଖି ନବୀନ ଏପରି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ବିକାଶ ସହ ରାଜ୍ୟର ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ସର୍ବଦା ଚେଷ୍ଟିତ ବୋଲି ।।ସେ କହିଛନ୍ତି। ଡ. ପାତ୍ର କହିଛନ୍ତି, ରାଜ୍ୟର ସ୍ୱାର୍ଥ ▶ପୃଷ୍ଠା-୭



**ଏନ୍‌ଡିଏ-ଇଣ୍ଡିଆ ମେଣ୍ଟ ଠାରୁ ସମଦୂରତ୍ୱ ନୀତି ବଜାୟ**

**ରାଜ୍ୟସ୍ୱାର୍ଥ ଆଗ; ଆବଶ୍ୟକ ହେଲେ ପ୍ରସଙ୍ଗ ଭିତ୍ତିକ ସମର୍ଥନ**

# ପରଲୋକରେ ବିଧାୟକ ରାଜେନ୍ଦ୍ର ଢୋଲକିଆ

■ **ନୂଆପଡ଼ା, ୮।୯ (ସମିସ):** ନୂଆପଡ଼ା ବିଧାୟକ ତଥା ବିଜେଡି ନେତା ରାଜେନ୍ଦ୍ର ଢୋଲକିଆ ଆଉ ନାହାନ୍ତି। ୬୯ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ସୋମବାର ପୂର୍ବାହ୍ନ ୧୦ଟାରେ ଚେନ୍ନାଇସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲା ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସମେତ ▶ପୃଷ୍ଠା-୭



**ଆଜି ଚେନ୍ନାଇରୁ ଆସିବ ମରଶରୀର**

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

# ‘ଉତ୍କଳ’ ହଷ୍ଟେଲ୍‌ରୁ ବିଦାହେଲେ ଅଣଛାତ୍ର

■ **ଭୁବନେଶ୍ୱର, ୮।୯ (ସମିସ):** ବାଣୀବିହାର ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନ ଅଣ୍ଟା ଭିଡ଼ିଛି। କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଣଛାତ୍ରଙ୍କ ଦଖଲରେ ଥିବା ୧୬୦ରୁ ଅଧିକ ରୁମ୍‌କୁ ସୋମବାର ଖାଲି କରାଯାଇଛି।

**ମୁତୟନ ହୋଇଥିଲେ ୭ ପ୍ଲାଟୁନ ପୁଲିସ୍ ଫୋର୍ସ ଓ ୨୦ ଅଫିସର**

**ପୁଣି ହଷ୍ଟେଲ୍ ଫେରିଲେ ଅଣଛାତ୍ରଙ୍କୁ ବାନ୍ଧିବ ପୁଲିସ୍**

ପ୍ରଥମେ ସର୍ବାଧିକ ପ୍ରଭାବିତ ୩ ନମ୍ବର ବା ଫକୀରମୋହନ ଛାତ୍ରାବାସକୁ ଖାଲି କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ୨ନମ୍ବର, ୧ନମ୍ବର ଓ ୫ନମ୍ବର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି। ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରି ଜବରଦଖଲ ହୋଇଥିବା ସମସ୍ତ ରୁମ୍‌କୁ ଖାଲି କରାଯାଇଛି। ଆଗକୁ ଅଣଛାତ୍ରଙ୍କ କବ୍‌ଜାରୁ କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଏକାଧିକ ପଦକ୍ଷେପ ସହ ହଷ୍ଟେଲ୍‌ରେ ସଂସ୍କାର ଆଣିବାକୁ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ଗୁରୁତ୍ୱାରୋପ କରିଛନ୍ତି। ଅଣଛାତ୍ରଙ୍କୁ ହଷ୍ଟେଲ୍ ଖାଲି କରିବାକୁ ଏକାଧିକଥର ନୋଟିସ୍ ଦେବା ପରେ ମଧ୍ୟ ସୁଫଳ ନ ମିଳିବାରୁ ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ▶ପୃଷ୍ଠା-୭

**ଖାଲି ହେଲା ଜବରଦଖଲ ହୋଇଥିବା ୧୬୦ରୁ ଅଧିକ ରୁମ୍**




**ଟ୍ରମ୍ପ ଟାରିଫ୍ ମାଡ଼**

# ଜିଡିପି ୦.୫୦% କମିପାରେ

■ **ନୂଆଦିଲ୍ଲୀ, ୮।୯ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଗଷ୍ଟ ୨୭ରୁ ଭାରତରୁ ଆମେରିକା ପଠାଯାଉଥିବା ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁ କରିଛନ୍ତି। ଏହି ବାଣିଜ୍ୟ ଶୁଳ୍କ ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ୦.୫୦% ହ୍ରାସ ଘଟାଇବ ବୋଲି ଦେଶର ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଓ) ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି। ତାଙ୍କର ଅନୁମାନ ଯେ ଯଦି ଏହି ଟାରିଫ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଜାରି ରୁହେ, ତେବେ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ଆହୁରି ଗମ୍ଭୀର ହେବ। ଏହାର ନକାରାତ୍ମକ ପ୍ରଭାବକୁ ଏଡାଇବା କଷ୍ଟକର ହୋଇପଡ଼ିବ। ବିଶେଷକରି ଟ୍ରମ୍ପ୍ ପ୍ରଶାସନର ଏହି ୫୦% ଟାରିଫ୍ ଦେଶର ବୟନ ଏବଂ ଅଳଙ୍କାର କ୍ଷେତ୍ର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ ବୋଲି ଶ୍ରୀ ନାଗେଶ୍ୱରନ୍ କହିଛନ୍ତି।




**ଆସୁଛି ଆଉ ଏକ ଲଘୁଚାପ**

# ୧୧ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତା ୧୧ ତାରିଖରୁ ରାଜ୍ୟରେ ପୁଣିଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୧୩-୧୪ ତାରିଖ ବେଳକୁ କେନ୍ଦ୍ରୀୟ ତଥା ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ମାତ୍ରାଧିକ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୧୧ ତାରିଖରେ ମାଲକାନଗିରି ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ଆଶଙ୍କା ରହିଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ।



ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍ ସହିତ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାଜନିତ ସ୍ଥିତି ସୃଷ୍ଟି ହେଉଛି। ଆଜି ପାରଳାଖେମୁଣ୍ଡିରେ ସର୍ବାଧିକ ୫୨ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୧ମିମି ଓ ଚାନ୍ଦବାଲିରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଏହି ସ୍ଥିତି ଆଗକୁ ମଧ୍ୟ ଜାରି ▶ପୃଷ୍ଠା-୭

# କୃଷି ଅଧିକାରୀ, ପାକ୍ସ କର୍ମଚାରୀଙ୍କୁ ତାଲା ପକାଇଦେଲେ ଚାଷୀ

■ **ସଇଁତଲା, ୮।୯(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ସାର ଅଭାବ ଦେଖାଦେଇଛି। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକରେ ସାର ନ ପାଇ ଚାଷୀ ହଟହଟା ହେଉଛନ୍ତି। ଏ ପରିକି ସାର ପାଇଁ ଲମ୍ବା ଧାଡ଼ି ଲାଗିଥିଲେ ବି ଚାଷୀଙ୍କୁ ସାର ମିଳୁନାହିଁ। ଏଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସୋମବାର ଘୁନସର ସମବାୟ ସମିତିରେ ସାର ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସାର ପାଇବାରୁ ବଞ୍ଚିତ ହୋଇଥିବା ଚାଷୀ ସମବାୟ ସମିତି ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଭଳିକି ଉତ୍ତେଜିତ ହୋଇ ସେଠାରେ ଉପସ୍ଥିତ ଅତିରିକ୍ତ କୃଷି ଅଧିକାରୀ ଓ ସମବାୟ ▶ପୃଷ୍ଠା-୭

**ସାର ବଣ୍ଟନ ବେଳେ ଉତ୍ତେଜନା**



## ଗୋଲାମୁଣ୍ଡା-କେଗାଁ ମୁଖ୍ୟରାସ୍ତା ଅବରୋଧ



■ **ଗୋଲାମୁଣ୍ଡା, ୮।୯ (ସମିସ):** କଳାହାଣ୍ଡି ଜିଲ୍ଲାରେ ଚାଷୀଙ୍କୁ ୟୁରିଆ ସାର ମିଳୁନାହିଁ। ସାର ଅଭାବ ଯୋଗୁଁ ଚାଷୀମାନେ ସୋମବାର ସକାଳୁ ଚପ୍ରିଆ ସେବା ସମବାୟ ସମିତି ସମ୍ମୁଖ ଗୋଲାମୁଣ୍ଡା - କେଗାଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏଥିରେ ହଜାର ହଜାର ଚାଷୀ ଯୋଗ ଦେଇଥିଲେ। ଚପ୍ରିଆ ସେବା ▶ପୃଷ୍ଠା-୭

## କଶ୍ମୀରରେ ଏନ୍‌କାଉଣ୍ଟର, ୨ ଆତଙ୍କବାଦୀ ନିହତ

କୁଲଗାମ୍, ୮।୯ (ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମର ଗୁଦ୍ଦାର ଜଙ୍ଗଲରେ ସୋମବାର ସକାଳୁ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଏହାକୁ ସେନା 'ଅପରେସନ ଗୁଦ୍ଦାର' ନାମ ଦେଇଛି। ଗୁଳି ବିନିମୟରେ ଲସ୍କର-ଇ-ତୋଏବାର ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଦୁଇଜଣ ଜେସିଓ ଯବାନ ମଧ୍ୟ ଆହତ ହୋଇଛନ୍ତି। ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇବା ପରେ ପୁଲିସ, ସେନାର ୯ଆର୍‌ଆର୍ ଓ ସିଆର୍‌ପିଏଫ୍ ମିଳିତ ଭାବେ ଏହି ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଗୁଳି ଚଳାଇବା ପରେ ସେନା ତରଫରୁ ଜବାବ ଦିଆଯାଇଥିଲା। ନିହତ ହୋଇଥିବା ଜଣେ ଆତଙ୍କବାଦୀର ପରିଚୟ ମିଳିଛି। ସେ ସୋପିୟାନରେ ରହୁଥିବା ଅହମ୍ମଦ ଡାର ବୋଲି ପୁଲିସ କହିଛି। ସେ ଲସ୍କର-ଇ- ତୋଏବା ସହିତ ଜଡିତ ଥିଲା ଓ ୨୦୨୩ରୁ ସକ୍ରିୟ ଥିଲା। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଏଜେନ୍ସି ତରଫରୁ ଜାରି କରାଯାଇଥିବା ୧୪ ଜଣିଆ ତାଲିକାରେ ଅହମ୍ମଦ ଡାର ନାମ ଥିଲା। ଏବେ ମଧ୍ୟ ଗୁଦ୍ଦାର ଜଙ୍ଗଲରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି। ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅତିରିକ୍ତ ସୁରକ୍ଷାବଳ ସେଠାକୁ ପଠାଯାଇଛି। ସେପଟେ ଜମ୍ମୁର ଆରଏସ୍ ପୂରା ସେକ୍ଟର ନିକଟସ୍ଥ ଅନ୍ତର୍ଜାତୀୟ ସୀମାରେ ଜଣେ ପାକିସ୍ତାନ ଅନୁପ୍ରବେଶକାରୀକୁ ଗିରଫ କରାଯାଇଛି। ସେ ପଞ୍ଜାବର ସିରାଜ ଖାନ୍ ବୋଲି ଜଣାଯାଇଛି। ତାଙ୍କୁ ରବିବାର ଅଟ୍ରି ପୋଷ୍ଟ ନିକଟ୍‌ରେ ଗିରଫ କରାଯାଇଥିଲା। ତା ପାଖରୁ କିଛି ପାକିସ୍ତାନୀ ମୁଦ୍ରା ଜବତ କରାଯାଇଛି।

## ଜେରୁଜେଲମରେ ଆତଙ୍କବାଦୀ ଆକ୍ରମଣ; ୬ ମୃତ

ଜେଲ ଅଭିଭ୍, ୮।୯ (ଏଜେନ୍ସି): ଉତ୍ତର ଜେରୁଜେଲମର ଏକ ବ୍ୟସ୍ତବହୁଳ ଛକରେ ସୋମବାର ଆତଙ୍କବାଦୀ ଆକ୍ରମଣ ହୋଇଛି। କିଛି ଆତଙ୍କବାଦୀ ରାମୋଟ ଜଙ୍କସନ୍‌ରେ ଏକ ବସ୍ ଓ କାର୍ ଉପରକୁ ପ୍ରବଳ ଗୁଳି ବର୍ଷଣ କରିଥିଲେ। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ସ୍ଥିତି ସଙ୍କଟାପନ୍ନ ରହିଛି। ବସ୍‌ରେ ଯିବାକୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଆତଙ୍କବାଦୀମାନେ ଗୁଳିବର୍ଷା କରିଥିଲେ ବୋଲି ପୁଲିସ କହିଛି। ଦୁଇଜଣ ଆତଙ୍କବାଦୀ ପୁଲିସ ଗୁଳିରେ ନିହତ ହୋଇଛନ୍ତି। ଶହେରୁ ଉର୍ଦ୍ଧ୍ୱ ଇସ୍ରାଏଲ ସୈନିକ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି ଘଟଣାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲ ଏକାଧିକ ସ୍ଥାନରେ ଓ ଭିନ୍ନ ଭିନ୍ନ ଶତ୍ରୁଙ୍କ ବିରୋଧରେ ଯୁଦ୍ଧ ଲଢୁଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।

## ଭାରତ-ବାଂଲା ସୀମାରୁ ୫ କୋଟିର ସୁନା ଜବତ

କୋଲକାତା, ୮।୯ (ଏଜେନ୍ସି): ଭାରତ-ବାଂଲାଦେଶ ସୀମାବର୍ତ୍ତୀ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରୁ ୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏହି ସୁନା ବିସ୍କୁଟ୍‌ଗୁଡିକ ଜବତ କରିବା ସହ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି ବୋଲି ସୋମବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ସୂଚନା ଆଧାରରେ ବିଏସ୍‌ଏଫ୍‌ର ସାଉଥ ବେଙ୍ଗଲ ଫ୍ରଣ୍ଟିୟର ଶନିବାର ସୁନ୍ଦର ବର୍ଡର ପୋଷ୍ଟ ନିକଟରେ ଏହି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କଠାରୁ ୩୫ଟି ସୁନା ବିସ୍କୁଟ ଜବତ କରିଥିଲା। ଅଭିଯୁକ୍ତର ଘର ଧନତାଲା ଥାନା ଅଞ୍ଚଳର ହରିତାଲାପରା ଗାଁରେ ବୋଲି ପୁଲିସ କହିଛି। ସେ ସୀମା ଆରପଟୁ ସୁନା ଚୋରା ଚାଲାଣ କରିଥାଏ ବୋଲି ସ୍ୱୀକାର କରିଛି। ଅଧିକ ତଦନ୍ତ ହେଲେ ଆହୁରି କିଛି ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଭାରତ- ବାଂଲା ସୀମାରେ ଗତ କିଛି ଦିନ ମଧ୍ୟରେ ତୃତୀୟଥର ପାଇଁ ଏଭଳି ସୁନା ଚୋରା ଚାଲାଣକାରୀକୁ ଗିରଫ କରାଯାଇଛି।

## ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ହତ୍ୟା

ଝାନସୀ, ୮।୯ (ଏଜେନ୍ସି): ଝାନସୀରେ ଦିନ ଦ୍ୱିପହରରେ ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି। ସୋମବାର ଜଣେ ପତ୍ନୀଙ୍କ ସାମ୍ନାରେ ତାଙ୍କ ପତିଙ୍କୁ ଅତି ନିର୍ମମ ଭାବେ ଗୁଳିକରି ହତ୍ୟା କାରାଯାଇଛି। ସିପରୀ ବଜାର ଥାନା ଅଞ୍ଚଳର ଭୋଜଲା ଗାଁରେ ଏହି ଘଟଣା ଘଟିଛି। ପୂର୍ବତନ ଗାଁ ମୁଖିଆ ଓ ତାଙ୍କ ପରିବାର ଲୋକେ ଚାରୋଟି ଗୁଳିମାରି ଅରବିନ୍ଦ ଯାଦବ ନାମକ ଏହି ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅରବିନ୍ଦଙ୍କୁ ବଞ୍ଚାଇବାକୁ ଆସିବାରୁ ସେମାନେ ତାଙ୍କ ପତ୍ନୀଙ୍କୁ ଚାପୁଡା ମାରିବା ସହ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ପୂର୍ବେ ଅରବିନ୍ଦଙ୍କ ସମେତ ଅନ୍ୟ କେତେଜଣ ଲୋକ ଏହି ପୂର୍ବତନ ଗାଁ ମୁଖିଆଙ୍କ ଦାଦାଙ୍କୁ ହତ୍ୟା କରିଥିଲେ।

## ଦୁଷ୍କର୍ମୀକୁ ୨୫ ଲକ୍ଷ ଟଙ୍କା ଦେବେ ମଧ୍ୟପ୍ରଦେଶ ସରକାର

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ସୋହନ ସିଂକୁ ମଧ୍ୟପ୍ରଦେଶ ସରକାର ଏବେ ୨୫ ଲକ୍ଷ ଟଙ୍କା ପ୍ରଦାନ କରିବେ। ଅଭିଯୁକ୍ତଙ୍କୁ ଅଧିକ ୪ ବର୍ଷ ୭ ମାସ ଜେଲରେ ରଖିବା କାରଣରୁ କ୍ଷତିପୂରଣ ବାବଦକୁ ସୁପ୍ରିମକୋର୍ଟ ସରକାରଙ୍କୁ ଏହି ପରିମାଣର ଅର୍ଥ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଗର ଜିଲ୍ଲାରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଦଣ୍ଡ ଭୋଗିସାରିବା ସତ୍ତ୍ୱେ ମଧ୍ୟ ତାକୁ ଜେଲ୍‌ରୁ ଖଲାସ କରାଯାଇ ନଥିଲା। ଜେଷ୍ଟିସ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ କେ ଭି ବିଶ୍ୱନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା ଏକ ଗମ୍ଭୀର ତ୍ରୁଟି ତଥା ପ୍ରଶାସନିକ ବିଫଳତା। ଏହା କଦାପି ସ୍ୱୀକାର ଯୋଗ୍ୟ ନୁହଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଟ୍ରାଏଲ କୋର୍ଟ ସୋହନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏହାପରେ ହାଇକୋର୍ଟ ଏହି ଦଣ୍ଡକୁ କମ୍ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।

## ଏସି ବିସ୍ଫୋରଣ: ଶ୍ୱାସରୁଦ୍ଧ ହୋଇ ଝିଅ ସହ ଦମ୍ପତି ମୃତ



ଫରିଦାବାଦ୍, ୮।୯ (ଏଜେନ୍ସି): ହରିୟାଣା ଫରିଦାବାଦର ଗ୍ରୀନ୍‌ଫିଲ୍ଡ କଲୋନୀରେ ସୋମବାର ଭୋର ୩ଟାରେ ବଡ ଅଘଟଣ ଘଟିଛି। ଏଠାକାର ଏକ ୪ ମହଲା କୋଠାର ପ୍ରଥମ ମହଲାରେ ଏୟାର କଣ୍ଡିସନ (ଏସି)ର କମ୍ପ୍ରେସର ଫାଟି ନିଆଁ ଲାଗିଯାଇଛି। ଏହାର ଧୂଆଁ ଦ୍ୱିତୀୟ ମହଲାରେ ପଶିଥିଲା। ଫଳରେ ସେଠାରେ ରହୁଥିବା ଜଣେ ଦମ୍ପତି ଓ ତାଙ୍କ ଝିଅ ଶ୍ୱାସ ରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ଅନ୍ୟ ପ୍ରକୋଷ୍ଠରେ ଶୋଇଥିବା ପୁଅ ଝରକାରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ରହିଛି। ସଚିନ, ପତ୍ନୀ ରିଙ୍କୁ କପୁର ଓ ଝିଅ ସୁଜାନ ଜୀବନ ବଞ୍ଚାଇବାକୁ ଛାତ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗେଟ୍ ବନ୍ଦ ଥିବାରୁ ସେମାନେ ଛାତ ଉପରକୁ ଯାଇ ପାରିନଥିଲେ। ସଚିନ ଷ୍ଟକ୍ ଟ୍ରେଣ୍ଡିଂରେ କାମ କରୁଥିଲେ।

ନିଆଁ ଲାଗିବା ପରେ ପଡୋଶୀ ଦମକଳକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚିବା ପୂର୍ବରୁ ୩ ଜଣ ପ୍ରାଣ ହରାଇ ସାରିଥିଲେ। ହସ୍ପିଟାଲରେ ଡାକ୍ତର ଏହି ୩ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିବା ପରେ ଆମେ ଉଠିପଡ଼ିଥିଲୁ ବୋଲି ପଡୋଶୀମାନେ କହିଛନ୍ତି। ଗତ ୫ ବର୍ଷ ହେବ ଏହି ପରିବାର ଉକ୍ତ କୋଠାରେ ରହୁଥିଲେ। ସଚିନ କିଛିଦିନ ତଳେ ଏସି ଠିକ୍ କରିଥିଲେ ବୋଲି ଜଣେ ପଡୋଶୀ କହିଛନ୍ତି।

## ରାଜନୈତିକ ଲଢେଇ ପାଇଁ କୋର୍ଟକୁ ବ୍ୟବହାର କରନି

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ତେଲଙ୍ଗାନା ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହା ସହିତ କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି। ରାଜନୈତିକ ଲଢେଇ ପାଇଁ ସୁପ୍ରିମକୋର୍ଟଙ୍କୁ ବ୍ୟବହାର ନ କରିବା ଉଚିତ ବୋଲି କହିଛନ୍ତି। ସମାଲୋଚନାକୁ ସହିବା ପାଇଁ ନେତା ମୋଟା ଚମଡାର ହେବା ଉଚିତ। ନେତାଙ୍କ ପାଖରେ ସମାଲୋଚନା ସହିବାର ଦକ୍ଷତା ରହିବା ଜରୁରୀ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ବିନୋଦ ଚନ୍ଦ୍ରନ, ଅଥୁଲ ଏସ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ବିରୋଧରେ ଦାଏର ବିଜେପି ନେତାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ରେଭନ୍ତ କହିଥିଲେ ଯେ ଯଦି ବିଜେପି ୪୦୦ ଆସନ ଜିତେ ତେବେ ସଂରକ୍ଷଣ ସମାପ୍ତ କରିଦେବ। ଏହାକୁ ନେଇ ତେଲଙ୍ଗାନା ବିଜେପି ସାଧାରଣ ସମ୍ପାଦକ ଭେଙ୍କଟେଶ୍ୱରଲୁ ଦାବି କରିଥିଲେ ଯେ ଏହା ଦ୍ୱାରା ଦଳର ଛବି ଖରାପ ହୋଇଛି। ତେଣୁ ସେ ରେଡ୍ଡୀଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ। ତେବେ ପୂର୍ବରୁ ତେଲଙ୍ଗାନା ହାଇକୋର୍ଟ ଏହି ମାମଲାକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ସୁପ୍ରିମକୋର୍ଟ ମଧ୍ୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

### ବିହାର ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଭୋଟର ତାଲିକା ପାଇଁ ଆଧାର ବୈଧ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର)କୁ ନେଇ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆଧାର କାର୍ଡକୁ କାହିଁକି ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରୁନାହଁ ବୋଲି ଇସିଙ୍କୁ ପଚାରିଛନ୍ତି। ଏହାକୁ ତତ୍କାଳ ଜରୁରୀ ପ୍ରମାଣପତ୍ର ଭାବେ ସ୍ୱୀକାର କର ବୋଲି କହିଛନ୍ତି। ଭୋଟର ଯାଞ୍ଚ ପ୍ରକ୍ରିୟାରେ ନୂଆ ନାମ ଯୋଡ଼ିବା କିମ୍ବା ବାଦ୍ ଦେବା ପାଇଁ ଅନ୍ୟ ୧୧ ପ୍ରମାଣପତ୍ର ଭଳି ଆଧାରକୁ ବୈଧ ତାଲିକାରେ ସାମିଲ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଧାର ପରିଚୟର ପ୍ରମାଣପତ୍ର, କିନ୍ତୁ ନାଗରିକତାର ନୁହେଁ। ଆଧାର କାର୍ଡକୁ ନେଇ ଯଦି ଇସିଙ୍କ କିଛି ଆଶଙ୍କା ରହିଛି ତେବେ ତାହାର ଯାଞ୍ଚ କରାନ୍ତୁ। ଭୋଟର ତାଲିକାରେ ବେଆଇନ ପ୍ରବାସୀ ସାମିଲ ହୁଅନ୍ତୁ ବୋଲି କେହି ଚାହୁଁ ନାହାନ୍ତି। କେବଳ ପ୍ରକୃତ ନାଗରିକଙ୍କୁ ହିଁ ଭୋଟ ଦେବାର ଅଧିକାର ମିଳିବ। ଯେଉଁ ଲୋକ ଜାଲ୍ ପ୍ରମାଣପତ୍ର ଆଧାରରେ ଭୋଟର ଥିବା ଦାବି କରୁଛନ୍ତି, ତାଙ୍କୁ ତାଲିକାରୁ ବାଦ୍ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ।

**ଆଧାର ପରିଚୟର ପ୍ରମାଣପତ୍ର; ନାଗରିକତାର ନୁହେଁ**

**ଆଧାରର ସଠିକତା ଯାଞ୍ଚ କରିପାରିବେ କମିସନ୍**

ଶୁଣାଣି ସମୟରେ ଇସିଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ କରିଥିବା ଦାବିକୁ ଏଡାଇ ଦେଇଥିଲେ। ସେ କହିଥିଲେ ଯେ ଏବେ ସୁଦ୍ଧା ୯୯.୬ ପ୍ରତିଶତ ଭୋଟର ନିଜର ପ୍ରମାଣପତ୍ର ଦାଖଲ କରିସାରିଛନ୍ତି। ଏଭଳି ସ୍ଥିତିରେ ଆଧାରକୁ ବୈଧ ପ୍ରମାଣ ଭାବେ ସାମିଲ କରିବାର କୌଣସି କାରଣ ନାହିଁ ବୋଲି କହିଥିଲେ। ସେହିପରି ଜାଲ୍ ଆଧାର ପ୍ରସଙ୍ଗ ଉଲ୍ଲେଖ କରିବାରୁ ଏହାର ଯାଞ୍ଚ କରି ପ୍ରକୃତ ନାଗରିକଙ୍କୁ ତାଲିକାର ସାମିଲ କରାଯାଉ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ସହିତ ଆଧାର କାର୍ଡକୁ ନିର୍ବାଚନ ଅଧିକାରୀ ଗ୍ରହଣ କରୁ ନ ଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଜବାବ ମାଗିଛନ୍ତି। ବିହାର ନିର୍ବାଚନର କିଛି ମାସ ପୂର୍ବରୁ ଚାଲିଥିବା ଏହି ଏସଆଇଆର ପ୍ରକ୍ରିୟାକୁ ବିରୋଧୀ ଦଳଗୁଡିକ ବିରୋଧ କରୁଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇସି ଆଧାରକୁ ସ୍ୱୀକାର କରୁନାହାନ୍ତି। ଏବେ ବି ୬୫ ଲକ୍ଷ ଲୋକଙ୍କ ଆଧାରକୁ ସ୍ୱୀକାର କରାଯାଉନି। ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବା ପାଇଁ ବିଏଲଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଧାର ସ୍ୱୀକାର କରୁଥିବା ଅଧିକାରୀଙ୍କୁ ଦଣ୍ଡ ଦିଆଯାଉଛି। କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଉଛି। ଏହା ଉପରେ କୋର୍ଟ ନୋଟିସ ଉପସ୍ଥାପନ କରିବାକୁ କହିଥିଲେ। ତେବେ ଏଭଳି ରିପୋର୍ଟ ଆମ ପାଖରେ ନାହିଁ ବୋଲି ଇସିଙ୍କ ଓକିଲ ଦର୍ଶାଇ ଥିଲେ। ଆସନ୍ତା ୧୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଉତ୍ତରାଖଣ୍ଡରେ ପୁଣି ଭୂସ୍ଖଳନ | ହରିଦ୍ୱାର- ଋଷିକେଶ ରେଳପଥ କ୍ଷତିଗ୍ରସ୍ତ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷାର ପ୍ରଭାବ କମିନାହିଁ। ହରିଦ୍ୱାର-ଋଷିକେଶ ରେଲ ରୁଟ୍ ଉପରେ ସୋମବାର ସକାଳେ ଭୂସ୍ଖଳନ ହୋଇଛି। ପାହାଡ଼ ଉପରୁ ବଡ଼ବଡ଼ ପଥର ଖଣ୍ଡ ଖସି ଆସି ରେଳପଥରେ ଥିବା ଲୁହାର ଢ଼ାଞ୍ଚା ଉପରେ ପଡ଼ିଥିଲା। ଫଳରେ ଏହି ରୁଟ୍‌ରେ ରେଳ ଯାତାୟତ ବାଧାପ୍ରାପ୍ତ ହୋଇଛି। କେତୋଟି ଟ୍ରେନ୍ ଟ୍ରାକ୍‌ରେ ଅଟକି ରହିଛି। ରୁଟ୍ ଉପରେ ପଡ଼ିଥିବା ଆବର୍ଜନାକୁ ଟ୍ରକ୍ ମାଧ୍ୟମରେ ଉଠାଯାଉଛି।

ସେପଟେ ରାଜସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଫଳରେ କେତେକ ଅଞ୍ଚଳରେ ବନ୍ୟା ଆସିଛି। ନଦୀ ଓ ନାଳଗୁଡିକରେ ପାଣି ଉଚ୍ଛୁଳୁଛି। ଫଳରେ ରାଜସ୍ଥାନର ୮ଟି ଜିଲ୍ଲା ଯଥା ଉଦୟପୁର, ସଲୁମ୍ବର, ଜାଲୋର, ଡୁଙ୍ଗରପୁର, ସିରୋହି, ବାରମେର, ଜୟସାଲମେର ଓ ବାଲୋତ୍ରାରେ ସ୍କୁଲଗୁଡିକୁ ବନ୍ଦ କରିଦିଆଯାଇଛି। ଉଦୟପୁରରେ ଜାତୀୟ ରାଜପଥରେ ଭୂସ୍ଖଳନ ହୋଇଛି। ସେହିପରି ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଥିବା ପଞ୍ଜାବର ୨୩ଟି ଜିଲ୍ଲାରେ ୨ ହଜାର ଗାଁ ଏବେ ମଧ୍ୟ ଜଳମଗ୍ନ ହୋଇ ରହିଛି। ଏହି ରାଜ୍ୟର ୩ ଲକ୍ଷ ୮୪ ହଜାର ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ୧୨ଟି ଜଲ୍ଲାରେ ଏପର୍ଯ୍ୟନ୍ତ ୪୬ ଲୋକ ବର୍ଷା ଓ ବନ୍ୟା କାରଣରୁ ମୃତ୍ୟୁବରଣ କରିଛନ୍ତି। ପଞ୍ଜାବରେ ୨୯୬.୪ ମିମି ବର୍ଷା ହୋଇଛି। ଦୀର୍ଘ ୧୨ ଦିନ ପରେ ସୋମବାର ଏହି ରାଜ୍ୟରେ ସ୍କୁଲ କଲେଜ ଖୋଲିଛି।

**ପଞ୍ଜାବରେ ୧୨ ଦିନ ପରେ ଖୋଲିଲା ସ୍କୁଲ, କଲେଜ**

**ହିମାଚଳରେ ୮୨୪ ସଡ଼କ ବନ୍ଦ**

**ତାଜମହଲ ପର୍ଯ୍ୟନ୍ତ ମାଡ଼ିଆସିଲା ଯମୁନା ପାଣି**

ସେହିପରି ଉତ୍ତର ପ୍ରଦେଶରେ ହାଥିନୀ କୁଣ୍ଡ ବ୍ୟାରେଜ୍‌ରେ ପାଣି ଛଡ଼ା ଯିବା ଫଳରେ ମଥୁରା ବୃନ୍ଦାବନରେ ସ୍ଥିତି ବିଗିଡିଯାଇଛି। ରାଧାବଲ୍ଲଭ ମନ୍ଦିରରେ ପାଣି ପଶିଛି। ବାଙ୍କେ ବିହାରୀ ମନ୍ଦିରର ୧୦୦ମି ଦୂରରେ ବନ୍ୟା ଜଳ ପ୍ରବାହିତ ହେଉଛି। ତାଜମହଲ ପର୍ଯ୍ୟନ୍ତ ଯମୁନା ପାଣି ମାଡ଼ି ଆସିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୬୪୪.୯ ମିମି ବର୍ଷା ହୋଇଛି। ତେବେ ଏଠାରେ ହାରାହାରି ବର୍ଷା ୬୪୧. ୪ ମିମି ହୋଇଥାଏ। ଅନ୍ୟପଟେ ବର୍ଷା ଓ ଭୂସ୍ଖଳନ କାରଣରୁ ହିମାଚଳ ପ୍ରଦେଶରେ ୨ଟି ଜାତୀୟ ରାଜପଥ ସମେତ ୮୨୪ ସଡ଼କ ବନ୍ଦ ରଖାଯାଇଛି। ଏଥିରୁ ଅଧିକାଂଶ ସଡ଼କ ଗତ ୧୦ ଦିନ ହେବ ବନ୍ଦ ରହିଛି। ରାଜ୍ୟରେ ଏଥର ମୌସୁମୀରେ ସାମାନ୍ୟଠାରୁ ୪୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗୁଜରାଟର ସାବରମତୀ ନଦୀରେ ବନ୍ୟା ଆସିବା କାରଣରୁ ଖେଡା- ଧୋଲକା ରାଜପଥ ବୁଡିଯାଇଛି। ଉତ୍ତରପ୍ରଦେଶର କାନପୁରରେ ପ୍ରବଳ ବର୍ଷା ହେବା କାରଣରୁ ସଡ଼କ ଉପରେ ପାଣି ବହୁଛି। ଜମ୍ମୁ-କଶ୍ମୀର ଅନନ୍ତନାଗରେ କେନ୍ଦ୍ରୀୟ ଦଳ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ପଞ୍ଜାବର ଫାଜିଲକାରୁ ଏନ୍‌ଡିଆରଏଫ୍‌ର ଉଦ୍ଧାରକାରୀ ଦଳ ୨୦୦୦ ଲୋକଙ୍କୁ ଉଦ୍ଧାର କରିଛି। ବିହାରରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଦିଲ୍ଲୀରେ ଯମୁନାର ଜଳସ୍ତର ଖସିଛି। ଛତିଶଗଡ଼ର ୧୭ରେ ଜିଲ୍ଲରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟାରେ ୭୩ ପ୍ରତିଶତ ବର୍ଷା କମ୍ ହୋଇଛି।

## ୧୯୬୫ ଯୁଦ୍ଧରେ ପାକିସ୍ତାନର ରଣନୈତିକ ପରାଜୟ ହୋଇଥିଲା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ୧୯୬୫ ଯୁଦ୍ଧରେ ଭାରତକୁ ପାକିସ୍ତାନ କଡ଼ା ଜବାବ ଦେଇଥିଲା ବୋଲି ମନ୍ତବ୍ୟ ଦେବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ ତଥା ଟୁଇଟର ଏହାକୁ ଖଣ୍ଡନ କରିଛି। ଶାହାବାଜଙ୍କୁ ଜବାବ ଦେଇ ଏକ୍ସ ତା'ର କମ୍ୟୁନିଟି ପୋଷ୍ଟରେ ଉଲ୍ଲେଖ କରିଛି ଯେ, ୧୯୬୫ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତଠାରୁ ରଣନୈତିକ ଓ ରାଜନୈତିକ ଭାବେ ପରାସ୍ତ ହୋଇଥିଲା। କଶ୍ମୀରରେ ବିଦ୍ରୋହକୁ ଉସକାଇବାକୁ ପାକିସ୍ତାନ ରଣନୈତିକ ପ୍ରୟାସ କରିଥିଲା। କିନ୍ତୁ ଭାରତ ଏହାର କଡ଼ା ଜବାବ ଦେଇଥିଲା ଓ ଶେଷରେ ପାକସ୍ତାନକୁ ତା'ର ରଣନୀତି ବଦଳାଇବାକୁ ପଡ଼ିଥିଲା। ପାକିସ୍ତାନ ଶାନ୍ତି ଚାହୁଁଥିବା ବେଳେ ଭାରତ ଆମକୁ ଉସୁକାଉଛି ବୋଲି ଶାହାବାଜ କହିଥିଲେ। ୧୯୬୫ ଯୁଦ୍ଧକୁ ଦ୍ୱିତୀୟ କଶ୍ମୀର ଯୁଦ୍ଧ ବୋଲି କୁହାଯାଇଥାଏ। ଏହା କଶ୍ମୀରର ବିବାଦୀୟ ଅଞ୍ଚଳକୁ ନେଇ ସଞ୍ଚାଳନ ହୋଇଥିଲା। ଏହି ଯୁଦ୍ଧ ଅଗଷ୍ଟ ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ଚାଲିଥିଲା।

### ଗୃହପାଳିତ ପଶୁଙ୍କ ଚୋରାଚାଲାଣ ବଢୁଛି

## ମୁମ୍ବାଇ ବିମାନବନ୍ଦର ଦେଇ ସର୍ବାଧିକ ଚାଲାଣ

ମୁମ୍ବାଇ, ୮।୯ (ଏଜେନ୍ସି): ଭାରତରେ ବିଦେଶୀ ଗୃହପାଳିତ ପଶୁଙ୍କ ଚାହିଦା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏଗୁଡିକ ମଧ୍ୟରେ ବିଦେଶୀ ପ୍ରଜାତିର କୁକୁର ଏବଂ ଅନ୍ୟ ପଶୁ ସାମିଲ ଅଛନ୍ତି। ଏହି ଚାହିଦା ଯୋଗୁଁ ଚୋରା ଚାଲାଣ ହୁ ହୁ ହୋଇ ବଢ଼ି ଚାଲିଛି। ଏହା ସହିତ ସଂକ୍ରମଣ ବିପଦ ମଧ୍ୟ ବୃଦ୍ଧି ପାଉଛି। ଗତ ୫ ବର୍ଷରେ ଜୀବିତ ପଶୁପକ୍ଷୀଙ୍କ ଆମଦାନୀ ଚାରି ଗୁଣ ବୃଦ୍ଧି ପାଇ ୪୫ ହଜାରରୁ ଅଧିକ ହୋଇଛି। ଏହା ସତ୍ତ୍ୱେ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ହେଉନି ଏବଂ ଯାଞ୍ଚ କରାଯାଉ ନାହିଁ। ସରକାର ମଧ୍ୟ ଏଥିପାଇଁ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରୁନାହାନ୍ତି। ଗତ ଜୁଲାଇରେ ଜଣେ ପଶୁ ଅଧିକାର କର୍ମୀ ମୁମ୍ବାଇ ବିମାନବନ୍ଦରକୁ ଏହି ଚୋଚାଚାଲାଣର କେନ୍ଦ୍ର ଭାବେ ଅଭିହତ କରିଥିଲେ। ଏ ନେଇ ମହାରାଷ୍ଟ୍ର ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ। ଏହା ପରେ ଅଗଷ୍ଟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଜାରି କରିଥିଲା। ଏବେ ବିମାନରେ କୌଣସି ଅଘୋଷିତ ଜୀବିତ ପଶୁ ମିଳିଲେ ତାହାକୁ ତୁରନ୍ତ ଆସିଥିବା ଦେଶକୁ ପଠାଇ ଦିଆଯିବ। ଏୟାରଲାଇନ ହିଁ ଏହାର ଦାୟିତ୍ୱ ନେବ। ଏହା ସହିତ କର୍ମଚାରୀଙ୍କୁ ଚିହ୍ନଟ ଏବଂ କାଗଜପତ୍ର ଯାଞ୍ଚର ପ୍ରଶିକ୍ଷଣ ଦେବା ମଧ୍ୟ ବାଧ୍ୟତାମୂଳକ କରିଦିଆଯାଇଛି। ସୂଚନା ଅନୁଯାୟୀ ୨୦୨୦-୨୧ରେ ୩,୧୯୮, ୨୦୨୧-୨୨ରେ ୪, ୩୩୬, ୨୦୨୨-୨୩ରେ ୪, ୭୨୫, ୨୦୨୩-୨୪ରେ ୭, ୭୩୩, ୨୦୨୪-୨୫ରେ ୧୫, ୭୯୪ ଏବଂ ୨୦୨୫ରେ ୯, ୩୧୦ ପଶୁପକ୍ଷୀ ଆମଦାନୀ ହୋଇଛି। ବିଦେଶୀରୁ ଆସୁଥିବା ପଶୁଙ୍କ ମଧ୍ୟରେ କୁକୁର, ବିଲେଇ, ମକାଓ ଏବଂ ଆଫ୍ରିକା ଶୁଆ, ବିରଳ ପ୍ରଜାତିର ପକ୍ଷୀ, ଏଣ୍ଡୁଅ, ସାପ ଏବଂ ରଙ୍ଗବେରଙ୍ଗର ମାଛ ଭାରତ ଅଣାଯାଉଛି।

## ଜମ୍ମୁ-କଶ୍ମୀର ଆପ୍ ବିଧାୟକ ଗିରଫ

ଜମ୍ମୁ, ୮।୯ (ଏଜେନ୍ସି):ଜମ୍ମୁ-କଶ୍ମୀରରେ ଆମ ଆଦମୀ ପାର୍ଟି (ଆପ୍)ର ଏକମାତ୍ର ବିଧାୟକ ମେହରାଜ ମଲିକ (୩୭)ଙ୍କୁ ସୋମବାର ଗିରଫ କରାଯାଇଛି। ଡୋଡା ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ଅଭିଯୋଗରେ ଜନ ସୁରକ୍ଷା ଆଇନ (ପିଏସଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରଥମ ଥର ପାଇଁ ଜଣେ କାର୍ଯ୍ୟରତ ବିଧାୟକଙ୍କୁ ପିଏସଏ ଅଧିନରେ ଗିରଫ କରାଯାଇଛି। ବିନା ଦଫା କିମ୍ବା ଟ୍ରାଏଲ ଜଣେ ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ଏହି ଆଇନ ଅନୁମତି ଦେଉଛି। ସୂଚନା ଅନୁଯାୟୀ ଦିନକ ତଳେ ଡୋଡା ଡିସିଙ୍କ ବିରୋଧରେ ମଲିକ ଆପତ୍ତିଜନକ ଟିପ୍ପଣୀ ଦେଇ ଅଭଦ୍ର ଭାଷାରେ ଗାଳି କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଜଣେ ବ୍ୟକ୍ତି ଭଡ଼ା ବାବଦ ଅର୍ଥ ଦେଇ ନ ଥିବା ଅଭିଯୋଗ କରି ସେ ଏପରି କରିଥିଲେ। ମାତ୍ର ଏହାକୁ ବିରୋଧ କରି ସରକାରୀ କର୍ମଚାରୀମାନେ ବିକ୍ଷୋଭ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ଓକିଲଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ମାନହାନୀ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଓକିଲ ଥିବା ଫିରୋଜ ପଠାନ ଆତ୍ମହତ୍ୟା କରିଛନ୍ତି। ସେ କିଛି ଦିନ ହେଲା ଅବସାଦଗ୍ରସ୍ତ ଥିଲେ। ସେ ଗତ ଚାରି ତାରିଖରେ ପ୍ରଥମେ ନିଜ ଜୁନିଅରଙ୍କୁ ଫୋନ୍ କରିଥିଲେ ଏବଂ ପରେ ତାପି ନଦୀକୁ ଡେଇଁ ଜୀବନ ହରାଇ ଥିଲେ। ମାରୋଲି ଥାନା ଇନ୍ସପେକ୍ଟର ଧର୍ମେଶ ପଟେଲ ଏହି ସୂଚନା ଦେଇଛନ୍ତି। ସେ ଗୁଜୁରାଟ ନବସାରି ଜିଲ୍ଲାର ମାରୋଲି ଥାନା ଅଞ୍ଚଳରେ ରହୁଥିଲେ। ବିଜେପି ବିଧାୟକ ପୂର୍ଣ୍ଣେଶ ମୋଦୀଙ୍କ ଅଭିଯୋଗ ପରେ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଆଇନଗତ ଦଳର ସେ ସଦସ୍ୟ ଥିଲେ। ସୂତ୍ର ଅନୁଯାୟୀ ଘଟଣାସ୍ଥଳରୁ ପଠାନଙ୍କ କୌଣସି ସୁଇସାଇଡ ନୋଟ ମିଳିନାହିଁ।

## ଭାରତ ଗଠନ କରିବ 'ସ୍ପେସିଆଲ ଫୋର୍ସ'

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଆମେରିକା, ରୁଷ୍ ଏବଂ ଇସ୍ରାଏଲ ଭଳି ଭାରତୀୟ ସେନା 'ସ୍ପେସିଆଲ ଫୋର୍ସ' ଗଠନ କରିବାକୁ ଯାଉଛି। ଏଥିପାଇଁ ଏଲିଟ କମାଣ୍ଡୋ ଫୋର୍ସର ଯୁଗ୍ମ ଯୁଦ୍ଧ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଏହା ସେନାର ସ୍ପେସିଆଲ ଫୋର୍ସ, ବାୟୁସେନାର ଗରୁଡ କମାଣ୍ଡୋ ଫୋର୍ସ ଏବଂ ନୌସେନାର ମାର୍କୋସ କମାଣ୍ଡୋଙ୍କ ପାଇଁ ପ୍ରସ୍ତୁତ ହୋଇଛି। 'ଅପରେସନ ସିନ୍ଦୂର' ପରେ ତିନି ସେନାର ଏଲିଟ ଫୋର୍ସ ଗଠନ ନେଇ ଆଭିମୁଖ୍ୟ ସ୍ପଷ୍ଟ କରାଯାଇଥିଲା। ଏହି ଯୁଦ୍ଧ ସିଦ୍ଧାନ୍ତରେ ଶତ୍ରୁ ଦେଶ ପଠାଇଥିବା ଆତଙ୍କବାଦୀ, ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନର ମୁକାବିଲା, ଯୁଦ୍ଧ ସ୍ଥିତିରେ କମାଣ୍ଡୋ କି ପଦକ୍ଷେପ ନେବ, ଏହାର ଭୂମିକା କ'ଣ ରହିବ ତାହା ସ୍ପଷ୍ଟ କରାଯାଇଛି। ଶତ୍ରୁ ଦେଶରେ ପଶି ଲକ୍ଷ୍ୟ ହାସଲ କ୍ଷମତା ବିକଶିତ କରିବା ଏହି ସ୍ପେସିଆଲ କମାଣ୍ଡୋର ଉଦ୍ଦେଶ୍ୟ। ଏହା ସହିତ ଶତ୍ରୁର ଗୁରୁତ୍ୱପୂର୍ଣ୍ଣ ଠିକଣାରେ ଆକ୍ରମଣ କରି ଅର୍ଥବ୍ୟବସ୍ଥାକୁ ଧ୍ୱସ୍ତ ଏବଂ ଯୁଦ୍ଧ କ୍ଷମତାକୁ ହ୍ରାସ କରିବ।

## ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ



କେନ୍ଦୁଝର/ଘଟଗାଁ, ୮।୯(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧୀନ ଗୁଣ୍ଡିଚାଘାଗି ଜଳପ୍ରପାତରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ବର୍ଡ଼ନା ଗ୍ରାମର ଦେବେଶ ବେହେରା। ଦେବେଶ ଆଜି ସପରିବାର ଘଟଗାଁ ମା' ତାରିଣୀଙ୍କ ପୀଠକୁ ଆସିଥିଲେ। ସେଠାରେ ମା'ଙ୍କୁ ଦର୍ଶନ କରିବା ପରେ ଘଟଗାଁ ନିକଟସ୍ଥ ଗୁଣ୍ଡିଚାଘାଗି ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ସେ ଗାଧୋଇବା ପାଇଁ ଜଳପ୍ରପାତ ଭିତରେ ପଶିଥିବା ବେଳେ ପାଣି ସୁଅରେ ଭାସି ଯାଇଥିଲେ। ଖବର ପାଇ ଘଟଗାଁ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ସଂଧ୍ୟା ସୁଦ୍ଧା ତାଙ୍କ ପତ୍ତା ନ ମିଳିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି।

କେନ୍ଦୁଝର ଜିଲ୍ଲାରେ ଅନେକଗୁଡ଼ିଏ ମନୋରମ ଜଳପ୍ରପାତ ରହିଛି। ବିଭିନ୍ନ ସମୟରେ ଏଗୁଡ଼ିକରେ ଜଳବୁଡ଼ି ଭଳି ଦୁଃଖଦ ଘଟଣା ଘଟୁଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପ୍ରପାତ ନିକଟରେ ସୂଚନା ଫଳକ ଲଗାଯାଇଥିଲେ ହେଁ ଲୋକେ ତାହାକୁ ଅଣଦେଖା କରୁଥିବାରୁ ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି। ଆଗାମୀ ଦିନରେ ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରଶାସନ ପକ୍ଷରୁ ଏହି ଜଳପ୍ରପାତଗୁଡ଼ିକରେ ସୁରକ୍ଷାକର୍ମୀ ନିଯୁକ୍ତି କରିବାକୁ ଦାବି ହେଉଛି।

## ଆରମ୍ଭ ହେଲା ପିତୃପକ୍ଷ



ପୁରୀ,୮।୯(ସମିସ): ସୋମବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଛନ୍ତି। ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ସେମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଏବଂ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ।

ଭାଦ୍ରବ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହାକୁ ଅପରପକ୍ଷ ମଧ୍ୟ କୁହାଯାଏ। ଏହି ୧୫ ଦିନ ପର୍ଯ୍ୟନ୍ତ ପିତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରାଯାଇଥାଏ। ବିଶ୍ୱାସ ରହିଛି, ଏହି ସମୟରେ ସମସ୍ତ ପିତୃପୁରୁଷ ଶ୍ରାଦ୍ଧ, ପିଣ୍ଡଦାନକୁ ଅପେକ୍ଷା କରିଥା'ନ୍ତି। ଏଣୁ ଶ୍ରଦ୍ଧାର ସହ ଏହି ସମୟରେ ରୀତିନୀତି ଅନୁସାରେ ଶ୍ରାଦ୍ଧ କରାଯାଇଥାଏ। ପିତୃପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା କରାଯାଇଥିବା ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡଦାନ ଇତ୍ୟାଦିରେ ସନ୍ତୁଷ୍ଟ ହୋଇ ବଂଶବୃଦ୍ଧି, ସୁଖ ଏବଂ ସମୃଦ୍ଧତା ପାଇଁ ଆଶୀର୍ବାଦ କରିଥା'ନ୍ତି। ଏହି ଅପରପକ୍ଷ ବା ପିତୃପକ୍ଷ ସମୟରେ ଅନେକ ନିୟମ ନିଷ୍ଠା ରହିଛି। ପିତୃପକ୍ଷରେ ଖିଅର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିଥିବା ବେଳେ ଏହି ସମୟରେ ନଖ ମଧ୍ୟ କଟାଯିବା ବାରଣ ରହିଛି। ଏପରିକି, ଅପର ପାଗରେ ଅର୍ଥାତ୍ ବାହାରେ ଭୋଜନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ। ସେହିପରି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସମୟରେ ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବେ ରହିବାର ବିଧି ମଧ୍ୟ ରହିଛି।

## ନାବାଳକଙ୍କୁ ଆକ୍ରମଣ
## ୨ ଭାଇ ସମେତ ୩ ଗିରଫ

ବ୍ରହ୍ମପୁର,୮।୯(ସମିସ): ଜଣେ ନାବାଳକକୁ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ,



ଖାଜା ସାହିର ଏସଏମ ସାହିଦ ଅଲ୍ଲୀ(୨୫), ଏସଏମ ଶାବାଜ୍ ଅଲ୍ଲୀ(୨୩) ଓରଫ ଗୋଲୁ ଓ ସେକ ଜିବ୍ରାହିମ୍(୧୯)। ଅଭିଯୁକ୍ତଙ୍କଠାରୁ ପୁଲିସ ୪ଟି ଖଣ୍ଡା ଓ ଗୋଟିଏ କ୍ରିକେଟ୍ ୱିକେଟ୍ ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସୋମନାଥନଗର ଅଞ୍ଚଳର ୧୭ ବର୍ଷୀୟ ନାବାଳକ ରବିବାର ଅପରାହ୍ନରେ କୌଣସି କାମରେ ସ୍ଥାନୀୟ ଭିମାରାଓ ପେଟା ପାର୍କ ନିକଟକୁ ଯାଇଥିଲେ। ସେଠାରେ ଶାହବାଜ୍ ସମ୍ପୃକ୍ତ ନାବାଳକଙ୍କୁ ଧକ୍କା ମାରିଥିଲା। ନାବାଳକଜଣକ ସେଠାରୁ ଘରକୁ ଫେରିବା ସମୟରେ ସୋମନାଥନଗର ଛକଠାରେ ସାହିଦ ଓ ତା'ର ଭାଇ ଗୋଲୁ, ଜିବ୍ରାହିମ୍ ସମ୍ପୃକ୍ତ ନାବାଳକଙ୍କୁ ମାରପିଟ କରିବା ସହ ଖଣ୍ଡାରେ ଆକ୍ରମଣ

**ଆକ୍ରମଣରେ ବ୍ୟବହୃତ ୪ଟି ଖଣ୍ଡା ଓ ଗୋଟିଏ ୱିକେଟ୍ ଜବତ**

କରିଥିଲେ। ଆକ୍ରମଣରେ ନାବାଳକଜଣକ ଆହତ ହୋଇ ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ରଞ୍ଜିତ କୁମାର ଦାଶ ଓ ତାଙ୍କ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନେ ଲୁଚାଇ ରଖିଥିବା ୪ଟି ଖଣ୍ଡାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦୁଇ ଭାଇଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ୫ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

## ବିଜେଡିର ନବନିଯୁକ୍ତ ଯୁବ, ଛାତ୍ର ସଭାପତିଙ୍କ ଦାୟିତ୍ୱ ଗ୍ରହଣ
# ନବୀନଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ






ଭୁବନେଶ୍ୱର, ୮।୯ (ସମିସ): ନବନିଯୁକ୍ତ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ ବିମାନବନ୍ଦର ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶତାଧିକ ଯୁବ ଛାତ୍ର କର୍ମୀଙ୍କ ସହ ଏକ ପଟୁଆରରେ ଉଭୟ ଶଙ୍ଖଭବନରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଯୁବ ଓ ଛାତ୍ର ବିଜେଡି ସଭାପତି ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା, ନାରୀ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଉଭୟ ଯୁବ ଓ ଛାତ୍ର ସଂଗଠନ ନିଜର ସ୍ୱର ଶାଣିତ କରିବ। ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ଉଭୟ ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ଯୁବ ବିଜେଡି ସଭାପତି ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶାସନ ବ୍ୟବସ୍ଥା ଭୁଶୁଡ଼ି

- ରାଜ୍ୟ ସରକାରଙ୍କ ବିରୋଧରେ ଦେଲେ ରଣହୁଙ୍କାର
- ସରକାରଙ୍କ ବିଫଳତାକୁ ନେଇ ଶାଣିତ ହେବ ସ୍ୱର
- ରାଜ୍ୟରେ ମୋହନ ସରକାର ନୁହେଁ; ଦହନ ସରକାର

ପଡ଼ିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପରିବର୍ତ୍ତେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ଏହା ଏକ ଅଭିଶାପ ପାଲଟିଛି। ରାଜ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ସ୍ୱର ଉଠାଇବ। ନବୀନ ବାବୁଙ୍କୁ ଆଉଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ।

ସେହିପରି ଇପ୍ସିତା ସାହୁ କହିଥିଲେ, ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ଛାତ୍ରୀମାନେ ଆଜି ରାଜ୍ୟରେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜ୍ୟରେ ମୋହନ ସରକାର ନୁହେଁ, ଦହନ ସରକାର ଚାଲିଛି ବୋଲି ସେ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଛାତ୍ରୀ ଦହନର ଶିକାର ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ବିଜୁ ଛାତ୍ର ଜନତା ଦଳ ରାଜ୍ୟର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଜୋରଦାର୍ ଲଢ଼େଇ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଡ. ଅମର ପଟ୍ଟନାୟକ, ପ୍ରଣବ ବଳବନ୍ତରାୟ, ପ୍ରୀତିରଞ୍ଜନ ଘଡ଼େଇ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ବିଜୟ ନାୟକ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରାଜେନ୍ଦ୍ର ସାହୁ, ଅମରେଶ ପତ୍ରୀ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର ଏବଂ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

## ପରିବାର ପେନ୍‌ସନ୍ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନକୁ ଖାରଜ କରାଯିବା ବେଆଇନ: ହାଇକୋର୍ଟ

କଟକ, ୮।୯(ସମିସ): ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବହିରେ ସଂଶୋଧନ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନ ଆବେଦନକୁ ଖାରଜ କରାଯିବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଯଦି ଜଣେ ପେନସନ୍‌ଭୋଗୀ ତାଙ୍କର ପେନସନ୍ ବହିରେ ପ୍ରତିନିଧି (ନୋମିନି)ଙ୍କ ନାମ ସଂଶୋଧନ ପାଇଁ ଆବେଦନ କରନ୍ତି, ତେବେ ଏଭଳି ସଂଶୋଧନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ନାହିଁ। ଓସିଏସ ପେନସନ ନିୟମ, ୧୯୯୨ର ନିୟମ ୫୬(୧୭) (ବି)(ଆଇ) ଅନୁଯାୟୀ ଅବସର ପରବର୍ତ୍ତୀ ପରିବାର ପେନସନ ପାଇବାକୁ ସ୍ୱାମୀ କିମ୍ବା ପତ୍ନୀଙ୍କୁ ଅନୁମତି ଦିଆଯାଇଛି। ଏଭଳି କ୍ଷେତ୍ରରେ ଯଦି ପେନସନ ନିୟମ, ୧୯୯୨ ଅନୁଯାୟୀ ସଂଶୋଧିତ ନାମ ମାନଦଣ୍ଡ ପୂରଣ କରୁଥାଏ, ତାହେଲେ ନିଯୁକ୍ତିଦାତାଙ୍କ ଦ୍ୱାରା ନାମ ସଂଶୋଧନକୁ ତୁରନ୍ତ ଅନୁମତି ଦିଆଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବି.ପାପାରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି।

ଆବେଦନକାରୀ, ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ)ରୁ ସହକାରୀ ଯନ୍ତ୍ରୀ ଭାବେ ୨୦୦୫ ମସିହାରେ ଅବସର ନେଇଥିଲେ। ଗତ ୨୦୦୯ ମେ' ୨୬ ତାରିଖରେ ତାଙ୍କର ପ୍ରଥମ ପତ୍ନୀ ମୃତ୍ୟୁବରଣ କରିଥିଲେ। ଆବେଦନକାରୀ ୨୦୧୨ ଅଗଷ୍ଟ ୨୨ରେ ରାୟଗଡ଼ାର ବିବାହ ଅଧିକାରୀଙ୍କ ନିକଟରେ କିଲମ ରତ୍ନମାଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ନାମ ତାଙ୍କ ପେନସନ୍ ବହିରେ ପୂର୍ବରୁ ଲେଖାଯାଇଥିଲା ବେଳେ ଏହାକୁ ସଂଶୋଧନ କରି ଦ୍ୱିତୀୟ ପତ୍ନୀଙ୍କୁ ପ୍ରତିନିଧି ଭାବେ ନାମାଙ୍କନ ପାଇଁ ଆବେଦନ କରିଥିଲେ। ଭବିଷ୍ୟତରେ ପରିବାର ପେନସନ୍ ପାଇବା ପାଇଁ ଏଭଳି ଆବେଦନ କରାଯାଇଥିଲେ ସୁଦ୍ଧା ଏହାକୁ ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ) ମହାପ୍ରବନ୍ଧକଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ପେନସନ କାଗଜପତ୍ରରେ ଆସନ୍ତା ୪ ସପ୍ତାହ ଭିତରେ ଆବଶ୍ୟକ ପରିବର୍ତ୍ତନ ଅବା ସଂଶୋଧନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଇଣ୍ଡିଆ ହାବିଟାଟ୍ ସେଣ୍ଟରର ପ୍ରଦର୍ଶନୀ ବୁଲିଲେ ନବୀନ

ଭୁବନେଶ୍ୱର, ୮।୯(ସମିସ): ଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୋୟଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତରେ ଥିବା ନବୀନ ଏଠାରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ କଳାକୃତି ଦେଖିବା ସହ ପ୍ରଦର୍ଶନକାରୀଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ନବୀନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ପ୍ରସିଦ୍ଧ କଳା ସଂରକ୍ଷକ ଜୟା ମଣିଙ୍କ ଦ୍ୱାରା ସଂଗୃହୀତ ଏହି ପ୍ରଦର୍ଶନୀ ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ଅଞ୍ଚଳ, ଓଡ଼ିଶା ଏବଂ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ମଧ୍ୟରେ କଳା ଏବଂ ସଂସ୍କୃତିର ସଂଯୋଗକୁ ଏକ ସୂତ୍ରରେ ଯୋଡ଼ିବା ପାଇଁ ପ୍ରେରଣା ଦେବ। ପ୍ରସିଦ୍ଧ ଶିଳ୍ପୀ ସୁରେଶ ମୁଥୁକୁଲମ୍ ଏବଂ ବୟନଶିଳ୍ପୀ ଗୁଞ୍ଜନ ଜୈନଙ୍କୁ ଏହି ପ୍ରଦର୍ଶନୀ ପାଇଁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହା ଶତାବ୍ଦୀର କଳା, ସଂସ୍କୃତି ଏବଂ ସମୃଦ୍ଧ ହସ୍ତତନ୍ତ ପରମ୍ପରା ମାଧ୍ୟମରେ ଆମ ଇତିହାସକୁ ବିସ୍ତାର କରିବା ଏବଂ ଆମର ଗୌରବମୟ ସାମୁଦ୍ରିକ ଐତିହ୍ୟକୁ



ପୁନର୍ଜୀବିତ କରିବା ପାଇଁ ପ୍ରେରଣା ଦେବ ବୋଲି ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି।

## ଭଦ୍ରକ ଆରଏମଏସକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ମାମଲା
## କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୮।୯(ସମିସ): ଭଦ୍ରକ ରେଳଷ୍ଟେସନ୍‌ସ୍ଥିତ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ଆରଏମଏସ ସହ ମିଶ୍ରଣ ପ୍ରସ୍ତାବକୁ ବେଆଇନ ତଥା ସମ୍ବିଧାନର ଧାରା ୧୪ ଏବଂ ୧୯ର ଉଲ୍ଲଙ୍ଘନ ଦର୍ଶାଇ ରୁଜୁ ଜନସ୍ୱାର୍ଥ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମାଧବାନନ୍ଦ ଓଝାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଶୁଣାଣି ବେଳେ ଡିଏସ୍‌ଜିଆଇ ଉପସ୍ଥିତ ରହି ଜବାବ ଦାଖଲ ପାଇଁ ସମୟ ଲୋଡ଼ିଥିଲେ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଦୀର୍ଘ ୧୯୭୨-୭୩ ମସିହାରୁ ଭଦ୍ରକ ଆରଏମଏସ୍ କାର୍ଯ୍ୟ କରୁଛି। ଏପରିକି, ଏହା ବାଲେଶ୍ୱରରୁ ୭୫ କିଲୋମିଟର ଓ ଯାଜପୁର ରୋଡ୍ ଷ୍ଟେସନଠାରୁ ୪୫ କିଲୋମିଟର ଦୂର। ଦୈନନ୍ଦିନ ୩୫୦୦ ସ୍ପିଡ୍‌ପୋଷ୍ଟ ସହ ୩୦୦ରୁ ଅଧିକ ପାର୍ସଲ ସେବା ଏହି ଆରଏମଏସ ଦେଉଛି। ଏପରିସ୍ଥଳେ ଏହାକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କ ପକ୍ଷରୁ ଜାରି ହୋଇଥିବା ୦୫.୦୮.୨୦୨୫ ତାରିଖର ଆଦେଶ ବେଆଇନ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ଯୁବକଙ୍କୁ ହାଣି ଲୁଟିଲେ

ଜଳେଶ୍ୱର, ୮।୯ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ଜମାଲପୁର ବାଇପାସ୍ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ୍ ଲୁଟି ନେଇଛନ୍ତି। ସୁଗୋ ପଞ୍ଚାୟତ ବାଣିଦା ଗ୍ରାମର ସୁଦର୍ଶନ ମହାନ୍ତିଙ୍କ ପୁଅ ଅରୁଣ ମହାନ୍ତି ରାଜଘାଟସ୍ଥିତ ମା' ତାରିଣୀ ହୋଟେଲରେ କାର୍ଯ୍ୟ ସାରି ରବିବାର ରାତି ପ୍ରାୟ ୧୦ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଜାତୀୟ ରାଜପଥ ଜମାଲପୁର ବାଇପାସ୍ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଅରୁଣର ହାତକୁ ହାଣି ତାଙ୍କଠୁ ଟଙ୍କା ମୋବାଇଲ୍ ନେଇ ଚମ୍ପଟ ମାରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଅରୁଣଙ୍କୁ ଜି.କେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ହସ୍ପିଟାଲ ଏବଂ ଅଧିକ ରକ୍ତସ୍ରାବ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ଉପରାଷ୍ଟ୍ରପତି ନିର୍ବାଚନରୁ ବିରତ ରହିବ ବିଜେଡି
# ସମଦୂରତା ବଜାୟ ରଖିବ ଦଳ

ଭୁବନେଶ୍ୱର,୮।୯(ସମିସ): ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟଦାନରୁ ବିଜୁ ଜନତା ଦଳ ବିରତ ରହିବ ବୋଲି ନିଷ୍ପତ୍ତି ନେଇଛି। ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ

**ରାଜ୍ୟ ସ୍ୱାର୍ଥ ବିରୋଧରେ ଦଳ କେବେ ସାଲିସ୍ କରିବ ନାହିଁ**

ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା। ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଓ ସାଂସଦମାନଙ୍କ ସହ ଆଲୋଚନା ପରେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ବିଜେଡି ସବୁବେଳେ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି। ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବ ନାହିଁ



ବିଜେଡି। ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବ ନାହିଁ। ସେ ଆହୁରି କହିଥିଲେ, ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସର୍ବଦା କାମ କରିଆସିଛି। ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି।

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଜଣାଇବା ପରେ ଦୁଇଟି ଜାତୀୟ ରାଜନୈତିକ ଦଳ ଦୋହଲି ଯାଇଛନ୍ତି। ବିଜେପି ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କୁ ସମର୍ଥନ କଥା କହୁଥିଲା ବେଳେ କଂଗ୍ରେସର ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ବିଜେଡି ସମଗ୍ର ଭାରତବର୍ଷରେ ଏକ ସଫଳ ରାଜନୈତିକ ଦଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଆଜି ମଧ୍ୟ ରାଜ୍ୟର ଏକ ନମ୍ବର ଦଳ ଭାବେ ଲୋକଙ୍କ ସମର୍ଥନ ପାଇଛି ବୋଲି ସେ କହିଛନ୍ତି।

## ୬ ଦିନ ପରେ ଭିତରକନିକାରୁ ନିଖୋଜ ମା'-ପୁଅ ଉଦ୍ଧାର
# ଜଙ୍ଗଲରେ ଭୋକ-ଉପାସରେ ୫ଦିନ

ରାଜନଗର, ୮।୯(ସମିସ): ଭିତରକନିକା ଜଙ୍ଗଲରେ ବାଟବଣା ହୋଇ ୬ ଦିନ ଧରି ନିଖୋଜ ହୋଇଯାଇଥିବା ମା-ପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନବିଭାଗ ପକ୍ଷରୁ ୧୦ଟି ଟିମ୍‌ରେ ପ୍ରାୟ ୧୦୦ଜଣ ଆଜି ସକାଳୁ ତନଖି ପ୍ରକ୍ରିୟା ଆରମ୍ଭ କରିଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ମାଆପୁଅଙ୍କୁ ଗୋଟିଏ ଟିମ ଠାବ କରିଥିଲା। ଜଙ୍ଗଲ ମଧ୍ୟରେ ଗାଁଠାରୁ ପ୍ରାୟ ୨୦ କିମି ଦୂରରେ ମାଆପୁଅଙ୍କୁ ଠାବ କରାଯାଇଥିଲା। ଦୁଇଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ ଯୋଗେ କୂଳକୁ ଅଣାଯାଇଥିବା ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗ୍ରାମର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ ସହ ସେହି ଗାଁର ଅହଲ୍ୟ ମଣ୍ଡଳ ଓ ତାଙ୍କ ପୁଅ ଭିତରକନିକା ଜାତୀୟ ଉଦ୍ୟାନକୁ କଙ୍କଡ଼ା ଧରିବାକୁ ବୁଧବାର ଦିନ ଯାଇଥିଲେ। ସେମାନେ ୫ଦିନ ପାଇଁ ରାସନ ସାମଗ୍ରୀ, ଚାଉଳ ଓ ହାଣ୍ଡି ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଗାଁଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକର ପିମ୍ପଳା ପୋଖରୀ ନିକଟରେ ୪ଜଣ ପହଞ୍ଚିଥିଲେ। ସେଠାରେ ରାସନ ସାମଗ୍ରୀ ରଖି ରୋଷେଇ କରି ଖାଇସାରି ଅଲଗାଅଲଗା ଦିଗରେ କଙ୍କଡ଼ା ଧରିବାକୁ ଯାଇଥିଲେ। ମାତ୍ର ଜଙ୍ଗଲ ଭିତରେ ଅଞ୍ଜନା ଓ ରତିକାନ୍ତ ବାଟବଣା ହୋଇଯାଇଥିଲେ। ସେମାନଙ୍କୁ ଖୋଜାଖୋଜି କରି ନପାଇ ଗୁରୁବାର ଦିନ ଅହଲ୍ୟ ଓ ତାଙ୍କ ପୁଅ ଘରକୁ



ଫେରିଥିଲେ। ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ। ନ ପାଇବାରୁ ବନବିଭାଗକୁ ଜଣାଇଥିଲେ। ଶନିବାର ୨୦ଜଣ ବନ କର୍ମଚାରୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଜଙ୍ଗଲ ଭିତରେ ନାଳରେ ପଶି ଯାଇଥିବାରୁ କୁମ୍ଭୀର ଆକ୍ରମଣ କିମ୍ବା ବାଘ୍ରା ଆକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିଲା।

ଆଜି ବନ ବିଭାଗର ୪ଟି ବୋଟ ଓ ୬ଟି ଡଙ୍ଗା ମାଧ୍ୟମରେ ବନ ବିଭାଗର ୪୦ ଜଣ କର୍ମଚାରୀ ଓ ୬୦ ଜଣ ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ତନଖି କରିଥିଲେ। ଦିନ ପ୍ରାୟ ୩ଟା ବେଳେ ମାଙ୍କୁଆ ନାଳ ନିକଟରେ ବୋଟ ଶବ୍ଦ ଶୁଣି ମାଆପୁଅ ଡାକ ପାଇଥିଲେ। ଡାକଶୁଣି ବୋଟକୁ ନଦୀ ନିକଟରେ ରଖି ଜଙ୍ଗଲ ମଧ୍ୟକୁ ଯିବା ପରେ ନିଘଞ୍ଚ

- କାଳ ହେଲା କଙ୍କଡ଼ା ଧରିବା
- ବନ ବିଭାଗର ୧୦ଟି ଟିମ୍‌ର ତନଖି

କଣ୍ଟା ଜଙ୍ଗଲ ମଧ୍ୟରେ ମାଆପୁଅ ଗୋଟିଏ ସ୍ଥାନରେ ଥିବା ଦେଖିଥିଲେ। ଦୁଇଜଣଙ୍କୁ ଉଦ୍ଧାର କରି ନଦୀ ମଧ୍ୟରେ କୂଳକୁ ଆଣିବାକୁ ୪ ଘଣ୍ଟା ଲାଗିଥିଲା। ସେମାନଙ୍କୁ ଉଦ୍ଧାର ପରେ ବୋଟରେ ତାଙ୍କୁ ଖାଇବାକୁ ଦିଆଯାଇଥିଲା। ୫ ଦିନ ଧରି କିଛି ଖାଇ ନ ଥିବାରୁ ସେମାନେ ଠିକ ଭାବେ କଥା କହିପାରୁନାହାନ୍ତି। ସେମାନେ କୂଳରେ ପହଞ୍ଚିବା ପରେ ଚିକିତ୍ସା ପାଇଁ ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

ସକାଳ
THE SAKALA



## ମହିଳାଙ୍କୁ ଦୁଷ୍କର୍ମ ମାମଲା, ୨ ଅଭିଯୁକ୍ତ ଗିରଫ

ଜୟପୁର,୮।୯(ସମିସ): ଜୟପୁର ସଦରଥାନା ଧନପୁର ଗ୍ରାମପଞ୍ଚାୟତ ତରଗାଇ ଗ୍ରାମର ୨୩ ବର୍ଷିଆ ବିବାହିତାଙ୍କୁ ଦୁଷ୍କର୍ମ ମାମଲାରେ ଦୁଇ ଅଭିଯୁକ୍ତ ଧନପୁର ଗ୍ରାମର ସୁକୁରୁ ଗାଦବା ଓ ଜୟରାମ ହରିଜନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମାମଲା ଅନୁଯାୟୀ ଗତ ୩ ତାରିଖ ଅପରାହ୍ନରେ ପୀଡିତା ମହିଳା ସଲପା ଗ୍ରାମକୁ ନିଜ ଝିଅ ପାଇଁ ଔଷଧ ନେଇ ରାସ୍ତାରେ ଚାଲି ଚାଲି ଫେରୁଥିବା ବେଳେ ଏକାକୀ ପାଇ ରାସ୍ତାରୁ ଦୁଇ ଗିରଫ ଅଭିଯୁକ୍ତ ନିଜ ବାଇକ୍ ଯୋଗେ ଅପହରଣ କରିବା ସହିତ ନିକଟସ୍ଥ ଏକ ବାଉଁଶ ବଣ ନିକଟରେ ଦୁଷ୍କର୍ମ କରିଥିଲେ ବୋଲି ପୀଡିତା ଲିଖିତ ଅଭିଯୋଗ କରିଥିଲେ। ଏଥିନେଇ ମହିଳା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ବେଳେ ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଉଭୟ ଅଭିଯୁକ୍ତ ଏବଂ ପୀଡିତାଙ୍କ ଡାକ୍ତର ମାଇନା କରାଯାଇଥିବା ନେଇ ମହିଳାଥାନା ଅଧିକାରୀ ଅଶ୍ରିତା ଖାଲ୍କୋ ପ୍ରକାଶ କରିଛନ୍ତି।

## ଆମ୍ ଆଦମୀ ପାର୍ଟିରୁ ଇସ୍ତଫା

ଜୟପୁର,୮।୯(ସମିସ): ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ଆମ୍ ଆଦମୀ ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଗୌରୀ ଚରଣ ଦେବଶର୍ମା ଦଳରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ସେ କୌଣସି ଦଳରେ ଯୋଗଦାନ କରିବେ ନାହିଁ , କିନ୍ତୁ ଜୟପୁର ସହର ଏବଂ ଗ୍ରାମାଞ୍ଚଳର ବିକାଶ ପାଇଁ ଉଦ୍ୟମ ଜାରୀ ରଖିବେ ବୋଲି କହିଛନ୍ତି।

### ପୁଲିସ ଓ ଅବକାରୀ ଚଢ଼ଉ

# ବିପୁଳ ନିଶାଦ୍ରବ୍ୟ ଓ ଧୂଆଁପତ୍ର ଜବତ



ଉମରକୋଟ, ୮।୯ (ସମିସ): ନବରଙ୍ଗପୁର ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଉମରକୋଟ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଝରିଗାଁ ରାସ୍ତା ରେ ଥିବା ୨ଟି ଦୋକାନ ଉପରେ ଚଢ଼ଉ କରି ବିପୁଳ ପରିମାଣର ନିଶାଦ୍ରବ୍ୟ, ଧୂଆଁପତ୍ର ଜବତ କରିଛନ୍ତି। ୨ଟି ଦୋକାନର ମାଲିକ ମାନେ ହେଲେ ଭି. ଗୋପୀ ଓ ନନ୍ଦଲାଲ ଗୁପ୍ତା। ଦୀର୍ଘ ଦିନ ଧରି ଏହି ୨ଟି ଦୋକାନ ବିନା ଲାଇସେନ୍ସରେ ଏହି ଧୂଆଁ ପତ୍ର ବିକ୍ରି କରି ଚାଲିଥିବା ପୋଲିସ ଓ ଅବକାରୀ ବିଭାଗ ପାଖରେ ଖବର ଥିଲା। ଭି. ଗୋପୀଙ୍କ ଦୋକାନରୁ ୧୪୮ କେଜି ଓ ନନ୍ଦଲାଲ ଗୁପ୍ତାଙ୍କ ଦୋକାନରୁ ୧୬୬ କେଜି ଧୂଆଁ ପତ୍ର ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ଓ ସେହିଭଳି ଗୋଟିଏ ଧୂଆଁ ପତ୍ର ଗୋଦାମ ମଧ୍ୟ ସିଲ କରାଯାଇଛି। ଗୋଦାମରେ ଲକ୍ଷାଧିକ ଟଙ୍କାର ଧୂଆଁ ପତ୍ର ଥିବା ବେଳେ ତାହାର ବଜାର ମୂଲ୍ୟ କେତେହେବ ତାହା ତଦନ୍ତ ପରେ ଜଣା ପଡିବ। ଉକ୍ତ ଗୋଦାମକୁ ବର୍ତ୍ତମାନ ସିଲ କରାଯାଇଛି। ଧୂଆଁପତ୍ରର ସମସ୍ତ କାଗଜପତ୍ର ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ସେହି ସମୟରେ କୌଣସି କାଗଜ ପତ୍ର ଦେଖାଇ ପାରି ନଥିଲେ। ତେଣୁ ଗୋଦାମ ସିଲ କରାଯାଇଛି ବୋଲି ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି। ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଉମରକୋଟ ଆଇଆଇସି ରମାକାନ୍ତ ସାଏ, ପୋଲିସ ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ର, ଶିବଜି ପଣ୍ଡା ଓ ସୌମେନ୍ଦ୍ର ସେଠ୍ ଓ ଅବକାରୀ ବିଭାଗର ଇନ୍ସପେକ୍ଟର ରଞ୍ଜୁଲତା ବାରିକ ଓ ଅନ୍ୟାନ୍ୟ ଅବକାରୀ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ■ ଇନ୍ଦ୍ରାବତୀରେ ବାଦଲ ଫଟା ବର୍ଷା

## ୪୦ ବର୍ଷର ରେକର୍ଡ ଭାଙ୍ଗିଲା

### ● ଇନ୍ଦ୍ରାବତୀ-ନବରଙ୍ଗପୁର ଯୋଗାଯୋଗ ବିଚ୍ଛିନ

ତେନ୍ତୁଳିଖୁଣ୍ଟି,୮।୯(ସମିସ): ନବରଙ୍ଗପୁର ଜିଲ୍ଲା ବୃହତ୍ତ ଇନ୍ଦ୍ରାବତୀ ପ୍ରକଳ୍ପ ଅବବାହିକା ଅଞ୍ଚଳରେ ଆଜି ବାଦଲ ଫଟା ବର୍ଷା ହୋଇଛି। ଏହି ବର୍ଷା ବିଗତ ୪୦ ବର୍ଷର ରେକର୍ଡ ଭଙ୍ଗ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଆଜି ରାତ୍ର ୮ ଘଟିକାରୁ ଅଦ୍ୟାବଧି ରାତ୍ର ୧୦ ଘଟିକା ସୁଦ୍ଧା ସର୍ବକାଳୀନ ରେକର୍ଡ ୧୩୫ ମିଲିମିଟର ବର୍ଷା ହୋଇଥିବା ଦେଓପାଲି ସ୍ଥିତ ବର୍ଷା ଜଳ ପରିମାପକ କେନ୍ଦ୍ରରୁ ସୁଚନା ମିଳିଛି। ବାଦଲ ଫଟା ବର୍ଷା ଯୋଗୁ ରାସ୍ତା ଘାଟ ଜଳାର୍ଣ୍ଣବ ହେବା ସହ ଖାତୀଗୁଡା ସ୍ଥିତ ପ୍ରକଳ୍ପ କଲୋନୀ ସରକାରୀ ବାସ ଗୃହ ସମେତ ଖାତୀଗୁଡା ଗ୍ରାମର କୁମ୍ଭାର ସାହି, ଗୌଡ଼ ସାହି, ପାଇକ ସାହି, ହରିଜନ ସାହି ସମେତ ଫଟାଗୁଡ଼ା, ପୋଡ଼ାଗଡ, ବାରଙ୍ଗ ପଦର, ଗତିପୁଟ, ମଞ୍ଜାଗାଁ, ଆଉଁଳିଗୁମା, ଖୁଣ୍ଟିଆଗୁଡା ଇତ୍ୟାଦି ଗ୍ରାମ ଜଳମଗ୍ନ ହୋଇଛି। ବହୁ ଗରିବ ପରିବାର ଘର ମଧ୍ୟରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି। ଲମତାଗୁଡା ସ୍ଥିତ କଲଭର୍ଟ ଉପରେ ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବା ଯୋଗୁ ଇନ୍ଦ୍ରାବତୀ -ନବରଙ୍ଗପୁର ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି। ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାରେ ଜଳର ପ୍ରଖର ସ୍ରୋତରେ ରାସ୍ତାରେ ବଡ଼ ବଡ଼ ଖାଲ ଖମା ସୃଷ୍ଟି ହୋଇଛି। ଇନ୍ଦ୍ରାବତୀ ବଜାରବାସୀଙ୍କ ଦୁର୍ଦ୍ଦଶା ଦୟନୀୟ ହୋଇଛି। ଘରେ ଘରେ ବର୍ଷା ଜଳ ପ୍ରବେଶ କରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବଜାର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ନାଳ ପୋତି ହୋଇ ଜଳ ନିଷ୍କାସନ ହୋଇନପାରି ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି। ରାସ୍ତା ଉପରେ ଗାଇଗୋରୁ ଓ ବୁଲା କୁକୁରଙ୍କ ଅବସ୍ଥା ବେହାଲ ହୋଇଛି।

## କୁନ୍ଦୁରା ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି

କୁନ୍ଦୁରା, ୮।୯(ସମିସ): କୁନ୍ଦୁରା ବ୍ଲକ ସଦର ମହକୁମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଭା ଗୃହରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମନସ୍ୱିତା ଯୋଗ ଦେଇ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶିବିରରେ ପଞ୍ଚାୟତର ୧୬ଟି ୱାର୍ଡ ଥିବା ବେଳେ ସର୍ବମୋଟ ୧୪ ଟି ଅଭିଯୋଗ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଏହି ଶିବିରରେ ସିଡିପିଓ ଆରୋତି ମହାପାତ୍ର, ଜିପିଡିଓ ଜଗତ ସିଂ ମାଝୀ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପାପେୟା ବେହେରା, ସ୍ୱାସ୍ଥ୍ୟ ବିଭାଗ, ତହସିଲ ବିଭାଗ, ବନ ବିଭଗ, ମିଶନ ଶକ୍ତି ବିଭାଗ, ଯୋଗାଣ ବିଭାଗ କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଲବ ପରଜା ଏବଂ ସମିତି ସଭ୍ୟ ଦାମଡର ଗଣ୍ଡଙ୍କ ସମତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଅଂଶଗ୍ରହଣ କରିଥିଲେ। ଏଥିରେ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ପୂଜାରୀଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

## ବଜ୍ରାଘାତରେ ମହିଳା ଗୁରୁତର, ଦୁଇ ଛେଳି ମୃତ

ବୈପାରିଗୁଡ଼ା,୮।୯(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ନୂଆଗାଁରେ ବଜ୍ରାଘାତରେ ଜଣେ ମହିଳା ଗୁରୁତର ଥିବା ବେଳେ ଦୁଇ ଛେଳି ପ୍ରାଣ ହରାଇଛନ୍ତି। ଗୁରୁତର ମହିଳଙ୍କୁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର ଚରାଯାଇଛି। ସୂଚନା ଅନୁଯାଇ, ଗୁପ୍ତେଶ୍ୱର ପଞ୍ଚାୟତର ନୂଆଗାଁ ଗ୍ରାମର ହରିହର ପ୍ରଧାନୀ ଏବଂ ତାଙ୍କ ପତ୍ନୀ ଭଗବତୀ ପ୍ରଧାନୀ (୪୫) ଦୁହେଁ ଛେଳି ଚରାଇବାକୁ ଯାଇ ଘରକୁ ଫେରୁଥିଲେ। ବର୍ଷା ଯୋଗୁଁ ଗୋଟିଏ ଗଛ ମୂଳରେ ଠିଆ ହୋଇଥିଲେ। ହଠାତ୍ ଘଡ଼ଘଡ଼ି ସହ ବଜ୍ରପାତ ହେବାରୁ ପତ୍ନୀ ଭଗବତୀ ଅଚେତ ହୋଇ ପଡ଼ିଯାଇଥିଲେ। ଦୁଇଟି ଛେଳିର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଅଚେତ ଭଗବତୀଙ୍କୁ ତୁରନ୍ତ ଏକ ବୋଲେରୋ ଗାଡ଼ିରେ ବୈପାରିଗୁଡା ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ବୈପାରିଗୁଡା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ରାଜରାସ୍ତାରେ ଜମି ରହିଛି ପାଣି



ପୋଡ଼ାଗଡ଼,୮।୯(ସମିସ): କୋରାପୁଟ-ରାୟଗଡ଼ା ୩୨୬ନମ୍ବର ଜାତୀୟରାଜପଥର ରୁଣ୍ଡୀ ଆମ୍ବ ଗ୍ରାମ ନିକଟ ପୋଲ ଉପରେ ଆଣ୍ଠୁଏ ପାଣି। ପାଲଟିଛି କୃତ୍ରିମ ପୋଖରୀ। ପ୍ରତିଦିନ ଅସଂଖ୍ୟ ଗାଡିମୋଟର ଯିବା ଆସିବା କରିବା ଅନେକ ବଡ଼ ବଡ଼ ଅଫିସର ନେତା ମନ୍ତ୍ରୀ ଏହି ରସ୍ତା ଦେଇ ଯିବା ଆସିବା କରୁଛନ୍ତି। କିନ୍ତୁ ପୋଲ ଉପରେ ରହିଥିବା ଗାତ କାହାକୁ ଦେଖା ଯାଉ ନାହିଁ। ଅନେକ ରାତ୍ରୀକାଳୀନ ଯାତ୍ରୀବାହୀ ବସ ଯାଉଛି। କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିହେବ ନାହିଁ। ଯଦି ଅଳ୍ପ ବର୍ଷା ହୁଏ ତାହେଲେ ଉକ୍ତ ଗାତରେ ପାଣି ଭର୍ତ୍ତି ହୋଇ ଯାଉଛି। ଫଳରେ ରାସ୍ତା ସମାନ ଥିବା ଦେଖା ଯାଉଛି। ଯାହା ଫଳରେ ଗଡି ଡ୍ରାଭର ମାନେ ଜାଣି ନପାରି ଗାତରେ ପକେଇ ଦେଉ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ● ଛାତ୍ରୀ ନିଖୋଜ ମାମଲା

## ପୁଲିସ ବିରୋଧରେ ବିଧାୟକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ

ଜୟପୁର,୮।୯(ସମିସ): ଜୟପୁର ସହରର ଏକ ଘରୋଇ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଦୁଇଜଣ ଛାତ୍ରୀ ନିଖୋଜ ହୋଇଥିବା ବେଳେ ଜଣେ ଛାତ୍ରୀଙ୍କୁ ଉକ୍ତ ଦିନ ପରିବାର ଲୋକ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ଦୀର୍ଘ ୪ଦିନ ନିଖୋଜ ରହିଥିଲା। ଛାତ୍ରୀଙ୍କୁ ହରଡାପୁଟ ଗ୍ରାମର ସମୀର ହରିଜନ ନାମକ ଯୁବକ ଅପହରଣ କରିଥିବା ନେଇ ପରିବାର ପକ୍ଷରୁ ଥାନାରେ ଗତ ୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଟାଉନଥାନା ପୁଲିସ ପକ୍ଷରୁ ଛାତ୍ରୀଙ୍କୁ ଉଦ୍ଧାର ନେଇ କୌଣସି ପଦକ୍ଷପ ଗ୍ରହଣ କରିନଥିଲେ ବୋଲି ଗତ ଶନିବାର ଜିଲ୍ଲା ଚିକିତ୍ସାଳୟରେ ଆୟୋଜିତ ଏକ ବୈଠକ ଅବସରରେ ପରିବାର ଓ ଗ୍ରାମବାସୀ ପକ୍ଷରୁ ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହିପରି ସେଠାରେ ଉପସ୍ଥିତ ରହିଥିବା ଜୟପୁର ଏସଡିପିଓ ପାର୍ଥ କାଶ୍ୟପଙ୍କୁ ଛାତ୍ରୀଙ୍କୁ ଉଦ୍ଧାର କରିବା ନେଇ ବିଧାୟକ ଓ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିଲେ । ଶେଷରେ ନିଖୋଜ ଛାତ୍ରୀଙ୍କୁ ଆଜି ପରିବାର ପକ୍ଷରୁ କୌଣସି ସୂତ୍ରରୁ ସୂଚନା ପାଇ ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଗ୍ରାମରୁଉଦ୍ଧାର କରିଥିଲେ ଏବଂ ଜୟପୁକ ଟାଉନଥାନାରେ ଜିମା ଦେଇଥିଲେ। କିନ୍ତୁ ଘଟଣାସ୍ଥଳରୁ ଅଭିଯୁକ୍ତ ଅପହରଣକାରୀ ଯୁବକ ସମୀର ଫେରାର ହୋଇଯାଇଛି। ତେଣୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲା ଶିକ୍ଷା ବିଭାଗର ପଦକ୍ଷେପକୁ ବିଧାୟକଙ୍କ ପ୍ରଶଂସା

ନବରଙ୍ଗପୁର,୮।୯(ସମିସ): ସୋମବାର ନବରଙ୍ଗପୁର ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନ ଡାଏଟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରି ଛତ୍ରପତି ସାହୁ ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୂଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତପନ କୁମାର ଖୁଣ୍ଟିଆ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନ ର ଅଧକ୍ଷ ଡ. ଓଁକାର ପଟ୍ଟନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ଜିଲ୍ଲାର ସାକ୍ଷରତା ହାର ବୃଦ୍ଧି କରିବା ଜିଲ୍ଲା ଶିକ୍ଷା ବିଭାଗ ନେଇଥିବା ବିଭିନ୍ନ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାକ୍ଷରତା ହାର ବୃଦ୍ଧି ହେଲେ ଜିଲ୍ଲାରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ହେବା ସହ ଆତ୍ମ ନିଯୁକ୍ତି ,ଦକ୍ଷତା ବିକାଶ ଦିଗରେ ବିଶେଷ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଗୁପ୍ତ ପ୍ରସାଦ ନାଗ ପରିଚାଳନା କରିଥଲେ। ଆଶୁତୋଷ ବେହେରା, ଜି.କରିଶ୍ମା, ପଲ୍ଲବୀ ସିଂ, ବିଜିଲି ଏକ୍କା, ମୂର୍ତ୍ତି କୁମାର ଓ ଅନୁଷ୍ଠାନର ଗୁରୁ ଛାତ୍ରଛାତ୍ରୀ ସହାୟତା କରିଥିଲେ।

## ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର/ ଝରିଗାଁ, ୮।୯(ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନ ଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୦୯ ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ନୂତନ ସହାୟତା କାର୍ଡ ପ୍ରଦାନ କରାଯାଇଥିଲା।

## ୟୁରିଆ ସାର ଯାଞ୍ଚ କଲେ ତହସିଲଦାର

ନନ୍ଦପୁର, ୮।୯ (ସମିସ): ନନ୍ଦପୁର ବ୍ଲକରେ ୟୁରିଆ ସାର ଅଭାବ ଯୋଗୁଁ ଚାଷୀ ହତାଶ। ନନ୍ଦପୁର, ରାଜ୍ୟ ର ଚାଷୀ କୂଳ ମଧ୍ୟ ରେ ୟୁରିଆ ସାର ଅଭାବୀ ନେଇ ହା ହା କାର ହୋଇ ଥିବା ବେଳେ ନନ୍ଦପୁର ବ୍ଲକ୍ ଚାଷୀ ମଧ୍ୟ ରେ ସାର ଅବାଭି ନେଇ ମଧ୍ୟ ହା ହା କାର ଦେଖା ଦେଇଛି। ତେବେ କେତେକ ଦୋକାନୀ ୟୁରିଆ ଅଭାବ ନେଇ ଚଡା ଦର ରେ ବିକ୍ରି କରୁଥିବା କଥା ନନ୍ଦପୁର ତହସିଲଦାର ଙ୍କ କଣ କୁ ବାଜିବା ପରେ ସମୋବାର୍ ସକାଳୁ ନନ୍ଦପୁର ଜିଲ୍ଲା କୃଷି କାର୍ଯ୍ୟଳୟ କର୍ମଚାରୀ ଙ୍କ ନେଇ ନନ୍ଦପୁର ତହସିଲଦାର ବେଦବ୍ରତ ମହାରଣା ଓ ନନ୍ଦପୁର ଜିଲ୍ଲା କୃଷି କାର୍ଯ୍ୟଳୟ କର୍ମଚାରୀ ଲିଙ୍ଗ ରାଜ ଚୌଧୁରୀ ଉଭୟେ ନନ୍ଦପୁର ସ୍ଥିତିର ସାର ଦୋକାନ ଗୁଡ଼ିକ ର ଗୋଦାନ ବୁଲି ସାର ଷ୍ଟକ୍ ଯାଞ୍ଚ କରିଥିଲେ ।। ତେବେ ମିଳିଥିବା ସୂଚନା ଅନୁଯାୟୀ ତହସିଲଦାର ଶ୍ରୀ ମହାରଣା କରିଥିବା ଯାଞ୍ଚ ସମୟ ରେ କୌଣସି ଦୋକାନ ରେ ସାର ନଥିବା ବେଳେ ମାତ୍ର ଏକ କେଜି ଖୁଚୁରା ୟୁରିଆ ସାର ପାଇଥିଲେ କ୍ଷ ହେଲେ ତହସିଲଦାର ଙ୍କୁ ମିଳି ଥିବା କଳା ବଜାରି ସୂଚନା ଗୋଟିଏ ବୁଜବ ବୋଲି ଜଣାପଡିଛି । ସେପଟେ ଗତ ମାସ ରେ ନନ୍ଦପୁର ଲ୍ୟାମ୍ପସ କୁ ୟୁରିଆ ଆସିଥିଲା ୧୩ ଶହ କ୍ୟୁଣ୍ଟାଲ ସେତିକି ଶେଷ ହୋଇ ପୁଣି ମାସେ ବିତି ଯାଇଥିବା ବେଳେ ବର୍ତମାନ ସୁଧା ମଧ୍ୟ ଗୋଟିଏ ବସ୍ତା ମଧ୍ୟ ୟୁରିଆ ଆସିଥିବା ଲ୍ୟାମ୍ପସ ଏମ୍ ଡି ସୁରେଶ ପଣ୍ଡା କହିଛନ୍ତି । ତେବେ ଉପରସ୍ଥ ଅଧିକାରୀ ଙ୍କୁ ପତ୍ର ଲେଖା ଯାଇଛି ଖୁବ୍ ଶୀଘ୍ର ୟୁରିଆ ଆସିବ ବୋଲି କହିଛନ୍ତି କ୍ଷ ସେପଟେ ନନ୍ଦପୁର ଜିଲ୍ଲା କୃଷି କାର୍ଯ୍ୟଳୟ ପକ୍ଷ ରୁ ମଧ୍ୟ ନନ୍ଦପୁର ବ୍ଲକ୍ ରେ ୟୁରିଆ ଅଭାବ ସମ୍ପର୍କ ରେ ଉପରସ୍ଥା ଅଧିକାରୀଙ୍କୁ ଅବଗତ କରାଯାଇଥିବା ଜଣାପଡିଛି

## ଲମତାପୁଟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ



ନନ୍ଦପୁର,୮।୯(ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ବନମାଳୀପୁଟ ନିଆଳି ହାଇସ୍କୁଲ ଠାରେ ଜୋନ ସ୍ତରୀୟ ଖେଳଖୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ସୁବ୍ରତ କୁମାର କିସ୍କୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବନମାଳୀପୁଟ, ଉମ୍ବେଲ, କୁମାର ଗାନ୍ଧଣା ଓ ଟିକରପଡା ଗ୍ରାମ ପଂଚାୟତ ଅଞ୍ଚଳର ୧୧ଟି ଶିକ୍ଷାନୁଷ୍ଠାନର ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ। ଅତିଥି ଭାବେ ସ୍ଥାନୀୟ ବନମାଳୀପୁଟ ସମିତି ସଭ୍ୟ ଜଗନ୍ନାଥ ହନ୍ତାଳ, ଯୁବ ସମାଜସେବୀ ମୁନା ଦଳପତି, ନିଆଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ଉପର ମାନିଆ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ବାରିକ ଉପସ୍ଥିତ ଥିଲେ। ସମାଜସେବୀ ମୁନା ଦଳପତି, ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ସ୍କୁଲ ର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ବତନ ସମିତି ସଭ୍ୟ ରମେଶ ବିଶୋଇ, ଲିଙ୍ଗା ଦିଆରୀ, ଗିରିଧର ନାୟକ ଓ ଅନ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତ।

## ଇନୋଭେସନ, ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା

କୋରାପୁଟ,୮।୯(ସମିସ): ସ୍ଥାନୀୟ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟଳୟରେ ଅନୁଷ୍ଠାନସ୍ତରୀୟ ଇନୋଭେସନ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡି ଏ ଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୧୨ ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିପରିଭାବରେ ବହୁଭାଷୀ ଶିକ୍ଷା ପ୍ରଦାନକାରୀ ମୋବାଇଲ ଆପ୍ଲିକେସନ ତିଆରି କରି ହେବ। ସେ ଷ୍ଟାର୍ଟ-ଅପ୍ ସବୁଠୁ ଶ୍ରେଷ୍ଠ ବିବେଚିତ ହୋଇଥିଲା। ସ୍ଥାନୀୟ ପିଲାମାନଙ୍କୁ କିପରି ଭାବରେ ସର୍ବନିମ୍ନ ମୂଲ୍ୟରେ କୋଚିଂ ଯୋଗାଇ ଦେଇ ହେବ ସେ ଷ୍ଟାର୍ଟ-ଅପ୍ ଦିତୀୟ ସ୍ଥାନ ଅଧିକାର କରିଥିବା ବେଳେ କଳା ଜିରା ଧାନ ରୁ ବିଭିନ୍ନ ପ୍ରକାର ଉତ୍ପାଦ କିପରି ବାହାର କରିହେବ ତାହା ତୃତୀୟ ସ୍ଥାନ ଅଧିକାର କରିଥିଲା । କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ ରୋସନ କୁମାର କାର୍ତିକ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ଡ. ଦେବେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହକାରୀ ପ୍ରଧ୍ୟାପକ ଝରଣା ସାହୁ ଏବଂ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସାକ୍ଷରତା କାର୍ଯ୍ୟକ୍ରମ

କୋଷାଗୁମୁଡା,୮।୯(ସମିସ): ଆଜି ସରକାରୀ ଏକ୍ସ ବୋଡର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଷକ୍ଷଗୁମୁଡା ଠାରେ ବ୍ଲକ ଶିକ୍ଷା ଅଧିକାରୀ ସମରେନ୍ଦ୍ର ଭୌମିକଙ୍କ ଅଧକ୍ଷତାରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଯୋଜନା ତଥା "ଉଲ୍ଲାସ" କାର୍ଯ୍ୟକ୍ରମ ଆଜି କୋଷାଗୁମୁଡା ସଦର ମହକୁମା ସ୍ତିତ ସରକାରୀ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହିପରିପ୍ରେକ୍ଷୀରେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସର୍ବେଶ୍ୱରୀ ମାଝୀ, ସରପଞ୍ଚ ପ୍ରତିନିଧି ଶ୍ରୀଯୁକ୍ତ ହରିବନ୍ଧୁ ମାଝୀ, ସମିତି ସଭ୍ୟ ଶ୍ରୀଯୁକ୍ତ ଲକ୍ଷଣ ପୂଜାରୀ, ସାଂସଦ ପ୍ରତିନିଧି ଙ୍କ ତରଫରୁ ଶ୍ରୀଯୁକ୍ତ ଭୁବନେଶ୍ୱର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ସମରେନ୍ଦ୍ର ଭୌମିକ, ବ୍ଲକ ଉପ ଶିକ୍ଷା ଅଧିକାରୀ ହେମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାର ପାଇଁ ଚାଷୀଙ୍କ ଲମ୍ବା ଧାଡି

ବୈପାରୀଗୁଡା, ୮।୯(ସମିସ): ବୈପାରୀଗୁଡା ଠାରେ ଚାଷୀଙ୍କ ସାର ଦୁଃଖ ସରୁନି । ସାର ପାଇଁ ଚାଷୀଙ୍କ ଲମ୍ବା ଧାଡି ଲାଗୁଛି । ଉପୁଜିଛି ଠେଲା ପେଲା ପରିସ୍ଥିତି। ତହସିଲଦାର ଏବଂ ପୋଲିସ ଭିଡକୁ ନିୟନ୍ତ୍ରିତ କରିଛନ୍ତି। ଗତ କିଛି ଦିନ ପୂର୍ବେ ସାର ଅଭାବକୁ ନେଇ ଚାଷୀ ବୈପାରୀଗୁଡା ଲେମ୍ପସ କାର୍ଯ୍ୟାଳୟରେ ତାଲା ଦେଇ ବିକ୍ଷୋଭ ପଦର୍ଶନ କରିଥିଲେ। ଚାଷୀଙ୍କୁ ସାର ଯୋଗାଇବା ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରି ଥିଲେ ଚାଷୀ । ଆଜି ବୈପାରୀଗୁଡା ଲେମ୍ପସ ପକ୍ଷରୁ ସାର ବିକ୍ରି ଆରମ୍ଭ ହୋଇଛି। ସାର ପାଇଁ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ସମ୍ମୁଖରେ ଶୋତାଧିକ ଚାଷୀଙ୍କ ଭିଡ ଦେଖିବାକୁ ମିଳିଛି। ଲ୍ୟାମ୍ପସ କାର୍ଯ୍ୟାଳୟର ସଂକୀର୍ଣ୍ଣ ପାହାଚ ରାସ୍ତାରେ ଚାଷୀଙ୍କ ଠେଲାପେଲା ପରିସ୍ଥିତି ଉପୁଜିଛି। କାର୍ଯ୍ୟାଳୟ ନିକଟରେ ଗୁପ୍ତେଶ୍ୱର ରାସ୍ତା ଉଭୟ ପାଶ୍ୱର୍ରେ କିଛି ସମୟ ପାଇଁ ଟ୍ରାଫିକ ଯାମ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ସିଗ୍ମା ରାଣୀ ଚୌଧୁରୀ, ବ୍ଲକ୍ କୃଷି ଅଧିକାରୀ ନନ୍ଦୁ ଯାନୀ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମଣି ନାୟକ ଓ ପୋଲସ ପ୍ରଶାସନ ପହଞ୍ଚି ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ଚାଷୀଙ୍କୁ ଚଢ଼ା ଦରରେ ସାର ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଚାଷୀଙ୍କୁ ପକେଟ ପିଛା ୫୬୦ ଟଙ୍କା ଦେବାକୁ ପଡୁଛି ବୋଲି କହିଥିଲେ ଦୋରାପୁଟର ଚାଷୀ ତ୍ରିନାଥ ମାଳି, ଦେବେନ୍ଦ୍ର ମାଳି, ଅବବିନ୍ଦ ଲେଙ୍କା। ଏନେଇ ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି ଯେ, ଦୁଇ ହଜାର ଚାଷୀଙ୍କ ପାଇଁ ଆସିଛି ୧୩୦୦ ଶହ ସାର ପକେଟ। ସମସ୍ତ ଙ୍କୁ ସୁରୁଖୁରୁରେ ସାର ଯୋଗାଇବା ପାଇଁ ଚେଷ୍ଟା କରାଯାଉଛି



।ସରକାରୀ ଦର ଅନୁଯାୟୀ ପକେଟ ପିଛା ୨୮୦ଟଙ୍କା ଦରରେ ସାର ଦିଆଯାଉଛି । ଚାଷୀ ବୁଝି ପାରିନାହାନ୍ତି ଚଢ଼ା ଦର ଅଭିଯୋଗ ଆଣିଛନ୍ତି। ଗୋଟିଏ ପକେଟ ସାର ସହ ଗୋଟିଏ ନାନୋ ବୋତଲ ଦିଆଯାଉଛି । ସେଥିପାଇଁ ଚାଷୀଙ୍କ ଠାରୁ ୫୬୦ ଟଙ୍କା ନିଆଯାଉଛି । ଆଜି ଏକା ସାଙ୍ଗରେ ବ୍ଲକର ସମସ୍ତ ଚାଷୀ ପହଞ୍ଚି ଥିବା ଯୋଗୁଁ ଭିଡ ଜମିଛି ।ଆସନ୍ତା କାଲି ଠାରୁ ସୁବ୍ୟବସ୍ଥାରେ ସାର ଯୋଗାଇ ଦିଆଯିବ।

## ରାମାୟଣ କୁଇଜ୍ ପ୍ରତିଯୋଗିତା



ଜୟପୁର,୮।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସିୱା ଅନୁଷ୍ଠାନ ପକ୍ଷରୁ ଗତ ରବିବାର ପୂର୍ବାହ୍ନରେ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଠାରେ କିଛି ଜାଣିବା କିଛି ଜଣେଇବା-ଜଣା ଅଜଣା କାର୍ଯ୍ୟକ୍ରମ ରାମାୟଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କୁଇଜରେ ସହରର ବିଭିନ୍ନ ବିଦ୍ୟାଳୟର ୧୮ଟି ବିଦ୍ୟାଳୟରୁ ସର୍ବମୋଟ ୧୫୭ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧା ଶିକ୍ଷକ ନଳିନୀ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଭାଗବତ ଶିକ୍ଷା ପ୍ରଦାୟକ ଆଧ୍ୟାତ୍ମିକ ପାଠଶାଳାର ମୁଖ୍ୟ ପ୍ରବଚକ ଅରବିନ୍ଦ ମହାପାତ୍ର ଏବଂ ପ୍ରବଚିକା ସୋନାଲି ପତି, ବିଦ୍ୟାଳୟର ସମ୍ପାଦକ ଶଶି ଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ସୁଧାକର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏଥିରେ ଛାତ୍ରୀ ଅଭିପ୍ସା ପଟ୍ଟନାୟକ ପ୍ରଥମ, ସାହିଲ ପଟ୍ଟନାୟକ ଦ୍ୱିତୀୟ, ସୁଜିତ ସାହୁ ତୃତୀୟ ସ୍ଥାନ ରହିଥିଲେ। କନିଷ୍ଠ ବର୍ଗରେ ସ୍ୱାସ୍ତିକ ପ୍ରସାଦ ଦେବତା ପ୍ରଥମ, ସଚ୍ଚିତନ କୁମାର ଗନ୍ତାୟତ ଦ୍ୱିତୀୟ ଏବଂ ସୁମିତ୍ରା ପଣ୍ଡା ତୃତୀୟ, ଅନ୍ୟନ୍ୟା ତ୍ରିପାଠୀ ୪ର୍ଥ ଏବଂ ଭି. ଭାଗ୍ୟଲକ୍ଷ୍ମୀ ୫ମ ସ୍ଥାନ ରହିବା ସହ ପୁରସ୍କୃତ କରାଯାଇଥିଲା। ସେହିପରି ୬ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆୟୋଜକ ସଂସ୍ଥାର ବରିଷ୍ଠ ସଦସ୍ୟ ଜି. ଭେଙ୍କଟ ରେଡ୍ଡି ପରିଚାଳନା ଏବଂ ସହ ସମ୍ପାଦକ ସୌମ୍ୟ ରଞ୍ଜନ ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିପିକା ପତ୍ର, ଅଜୟ ମିଶ୍ରେ, ପ୍ରତାପ ପଟ୍ଟନାୟକ, ଗୋପାଳ ସାହୁ, ନଳନୀ ପାତ୍ର, ରଞ୍ଜିତ ନାୟକ ଏବଂ ଅନୁଷ୍ଠାନର ମହିଳା ବିଭାଗର ସଭାପତି ସୁମନ ମୁଦ୍ରକ୍ଷ, ଆନନ୍ଦ ମୁଦ୍ରା, ପ୍ରଦୀପ୍ତ ସାହୁ ସହାୟତା କରିଥିଲେ।

## କୋଟପାଡ଼ରେ ମିଳିତ ଜନଶୁଣାଣି ଶିବିର



କୋଟପାଡ଼, ୮।୯ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ପଞ୍ଚାୟତ ସମିତି କାର୍ଯାଳୟ ପରିସରରେ ଜିଲ୍ଲାପାଳ କୋରାପୁଟଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପଟିଆ ଗ୍ରାମରେ ଠାକୁରାଣୀ ମନ୍ଦିର ନିର୍ମାଣ, ବୋବିୟା. ଚିତ୍ରା, ଗ୍ରାମରେ ସାର ଅଭାବ ସମେତ ରାସ୍ତାଘାଟର ମରାମତି ଇତ୍ୟାଦି ଗୋଷ୍ଠିଗତ ୨୩ ଏବଂ ବ୍ୟକ୍ତିଗତ ୪୪କୁ ମିଶାଇ ୬୭ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ତହସିଲଦାର ଟ୍ୱିଙ୍କିଲ ସେଠୀ, ବିଡ଼ିଓ ସନ୍ଧ୍ୟା ସମରଥ ଉପସ୍ଥିତ ଥିବା ବେଳେ ଏନ୍‌ଏସି ନିର୍ବାହୀ ଅଧିକାରୀ କୋମଳେସ ମହନ୍ତ, ଥାନା ଅଧିକାରୀ ପରମାନନ୍ଦ ସୁନାନୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠୀ, ସିଡ଼ିପିଓ ଭାରତୀ ମହାନ୍ତ. ଜିଲ୍ଲା ସାମାଜିକ ବିଭାଗ ପକ୍ଷରୁ ଆହନା ବୈଦି.ଓଏଲଏମ ବିଭାଗରୁ ଗୁପ୍ତ ମାଝୀ, ଆଇଟିଡିଏ ଜୟପୁର ସହକାରୀ ଯନ୍ତ୍ରୀ ଚୈତନ୍ୟ ବାସକି, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ, ଅତରିକ୍ତ ତହସିଲଦାର ପର୍ଶୁରାମ ଭତରା, ଆରଡି ଯନ୍ତ୍ରୀ ବିପିନ ଟାକରି, ଜଳ ଓ ପରିମଳ ବଭାଗ ଯନ୍ତ୍ରୀ ସମୟ ମାରାଣ୍ଡିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ କୃଷି, ପାପଡ. ଆଚାର ଏବଂ ବ୍ୟକଗତ ଋଣ ବାବଦକୁ ୭୫ଲକ୍ଷ ୭୫ହଜାର ଟଙ୍କା ଚେକ ପ୍ରଦାନ କରାଯାଇଥିଲା।

# ରାଜପଥରୁ ନିଷ୍କାସନ ହୋଇପାରୁନି ବର୍ଷା ଜଳ



ଉମରକୋଟ ୮।୯ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଉମରକୋଟ ଥାନାର ଧୋଡ୍ରା ପଞ୍ଚାୟତ ଦେଇ ଯାଇଥିବା ରାଜପଥ ଉପରେ ନିଷ୍କାସିତ ହୋଇପାରୁନାହିଁ ବର୍ଷାଜଳ। ରାସ୍ତାପାଶ୍ୱର୍ରେ ଥିବା ଡ୍ରେନ୍ ପୋତି ହୋଇଯାଇଥିବା କାରଣରୁ ଧୋଡ୍ରାର ରାଜରାସ୍ତା ଏବେ କୃତ୍ରିମ ପୋଖରୀ ପାଲଟିଛି। ଧୋଡ୍ରା ରାଜରାସ୍ତା ଏବେ ଅପରିଷ୍କାର ବର୍ଷାଜଳ ବର୍ଷା ଛାଡିବା ପରେ ପଞ୍ଚାୟତର ସମସ୍ତ ରାଜରାସ୍ତା କଡ଼ରେ ଅପରିଷ୍କାର ବର୍ଷା ଜଳ ବୋହିଚାଲିଛି। ଏହି ସମୟରେ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରୀଛାତ୍ର, କର୍ମଚାରୀ ଓ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଦୀର୍ଘ କିଛି ମାସ ହେବ ମୌସୁମୀର ସକ୍ରିୟତା ତଥା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ଏହି ବାଟ ଦେଇ ଯାଉଥିବା ବହୁ ଯାତ୍ରୀବାହୀ ବସ୍ , ଗାଡ଼ି ମଟର ଓ ଜନ ସାଧାରଣ ମଧ୍ୟ ହଇରାଣ ହେଉଛନ୍ତି। ଏହି ସମସ୍ୟାର କାରଣ ସାଜିଥିବା ପୋତିହୋଇ ଯାଇଥିବା ଡ୍ରେନ୍। ବର୍ଷ ବର୍ଷ ଧରି ସଫେଇ କିମ୍ବା ମରାମତି ହେଉ ନଥିବା ବେଳେ କେତେକ ବ୍ୟବସାୟୀ ମାନେ ଏହାକୁ ଡଷ୍ଟବିନ ପରି ବ୍ୟବହାର କରୁଛନ୍ତି। ଡ୍ରେନ ମଧ୍ୟରେ ବର୍ଜ୍ୟ ଚାହା କପ୍, ଜରି, କାର୍ଟୁନ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଗଦାଇ ନିଆଁ ଲଗାଇ ପୋଡୁ ଥିବା ଦେଖାଯାଉଛି। ଡ୍ରେନର ଅନେକ ସ୍ଥାନ ମୁକୁଳା ଥିବାବେଳେ ଏହା ମଧ୍ୟରେ ପଙ୍କକାଦୁଅ ଓ ଗୁଳ୍ମଲତା ଭରିରହିଛି। ଏହାକୁ ସଫେଇ କରାଯାଉନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସଚେତନ, ଡ୍ରେନର ବ୍ୟବସ୍ଥା ଓ ପଙ୍କୋଦ୍ଧାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଧୋଡ୍ରାକୁ ନୂତନ ବ୍ଲକ୍ ଘୋଷଣା ଦାବି ନେଇ ଶୋଭାଯାତ୍ରା



ଉମରକୋଟ,୮।୯ (ସମିସ):

ରାଜ୍ୟରେ ନୂତନ ଏନ୍ଏସି ଘୋଷଣା ପାଇଁ ଦାବି ହୋଇ ଆସୁଥିବା ବେଳେ ବର୍ତ୍ତମାନ ନୂତନ ବ୍ଲକ ଗଠନ ପାଇଁ କିଛି ପଞ୍ଚାୟତ ବାସିନ୍ଦା ଦାବି କରୁଛନ୍ତି। ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାରେ। ଧୋଡ୍ରା ଅଧୀନରେ ପନ୍ଦର ଗୋଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଘୋଷଣା ପାଇଁ ଗ୍ରାମବାସୀ ଦାବି ହେଉଛି। ଆଜି ଧୋଡ୍ରା ଠାରେ ୧୫ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଏକ ଶୋଭାଯାତ୍ରା କରି ସ୍ଥାନୀୟ ଶିବ ମନ୍ଦିରକୁ ଯାଇ ସେଠାରେ ସାଧାରଣ ସଭା କରିଥିଲେ ଏବଂ ଝରୀଗାଁ ବିଧାୟକ ଓ ସାଂସଦ ପ୍ରତିନିଧିଙ୍କ ମାଧ୍ୟମରେ ସରକାରଙ୍କୁ ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପନ୍ଦର ଗୋଟି ପଞ୍ଚାୟତରେ ପ୍ରାୟ ୪୦ ହଜାରରୁ ଅଧିକ ଲୋକେ ବସବାସ କରୁଥିବା ବେଳେ ଏଠାକାର ଲୋକେ ଅନେକ ସମୟରେ ଝରୀଗାଁ ଓ ଉମରକୋଟ ବ୍ଲକ ଉପରେ ନିର୍ଭର କରିଥାନ୍ତି । ଯାହାକି ନିଜ ପଞ୍ଚାୟତ ଓ ଗ୍ରାମଠାରୁ ପ୍ରାୟ ୩୦ରୁ ୪୦ କିଲୋମିଟର ଦୂରତା ପଡୁଛି। ୧୫ ପଞ୍ଚାୟତର ଅଧିକାଂଶ ଗ୍ରାମ ଗୁଡିକ ଝରୀଗାଁ ବ୍ଲକରେ ଯାଉଥିବା ବେଳେ ମାଲି ମକଦମା ଭଳି ନ୍ୟାୟିକ ବ୍ୟବସ୍ଥା ର ସୁବିଧା ପାଇବା ପାଇଁ ଉମରକୋଟ ଓ ଝରୀଗାଁ ଥାନା ଉପରେ ନିର୍ଭର କରିଥାନ୍ତି ଫଳରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହି ପନ୍ଦର ପଞ୍ଚାୟତର କେନ୍ଦ୍ର ସ୍ଥଳରେ ଧୋଡ୍ରା ରହିଥିବା ଯୋଗୁଁ ଧୋଡ୍ରା କୁ ନୂତନ ବ୍ଲକ ଭାବେ ସରକାର ଘୋଷଣା କରନ୍ତୁ ବୋଲି ସ୍ଥାନୀୟ ବାସିନ୍ଦା ଝରୀଗାଁ ବିଧାୟକ ଓ ନବରଙ୍ଗପୁର ସାଂସଦଙ୍କ ମାଧ୍ୟମ ରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ଝରୀଗାଁ ବିଧାୟକ ଉପସ୍ଥିତ ଲୋକଙ୍କୁ ନିର୍ଭର ପ୍ରତିଶୃତି ଦେଇଛନ୍ତି ।

## ଆବଶ୍ୟକ ୩୦୦୦, ଆସିଲା ୯୦୦ ବସ୍ତା ସାର

# ନିରାଶ ହୋଇ ଫେରିଲେ ୨୦୦୦ ଚାଷୀ



ନାରାୟଣାପାଟଣା,୮।୯(ସମିସ): ଆବଶ୍ୟକ ଥିଲା ୩୦୦୦ ବସ୍ତା ସାର। ଆସିଛି ୯୦୦। ଯାହାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାକେଦମ୍ ହେଲେ ଲ୍ୟାମ୍ପ ଅଧିକାରୀ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନାରାୟଣପାଟଣା ଲ୍ୟାମ୍ପସ ଆଗରେ। ଗତକାଲି ଦୀର୍ଘ ମାସ ପରେ ଚାଷୀଙ୍କ ପାଇଁ ଲ୍ୟାମ୍ପସକୁ ଆସିଥିଲା ୯୦୦ ବସ୍ତା ୟୁରିଆ। ଚାଷୀ ଚାହିଁ ବସିଥିଲେ ୟୁରିଆ ପାଇଁ। ଆଜି ସକାଳୁ ଚାଷୀଙ୍କ ଭିଡ଼ ଜମିଥିଲା। ହାତରେ ଆଧାର କାର୍ଡ ଜେରକ୍ସ ଧରି ଲମ୍ବା ଲାଇନ୍‌ରେ ଲ୍ୟାମ୍ପସ ଆଗରେ ସାର ନେବାକୁ ଭିଡ଼ ଜମାଇଥିଲେ। ୩ ହଜାରରୁ ଅଧିକ ଚାଷୀ ସାର୍ ନେବାକୁ ଲ୍ୟାମ୍ପସ ଆଗରେ ଭିଡ କରିଥିଲେ। କିନ୍ତୁ ଆବଶ୍ୟକ ଠାରୁ କମ ସାର ଆସିଥିବା ଓ ଅଧିକ ଚାଷୀ ଏକତ୍ରିତ ହୋଇଥିବା ଦେଖି ବଣ୍ଟନ ପକ୍ରିୟା ବାଧା ସୃଷ୍ଟି ହୋଇଥିଲା। କାହାକୁ କେତେ ପରିମାଣରେ ଦେବେ, ଆଉ କେତେ ଚାଷୀକୁ ଦେ. ସେ ନେଇ ହରଡଘଣାରେ ପଡ଼ିଥିଲେ ଲ୍ୟାମ୍ପସ ଅଧିକାରୀ। ଶେଷରେ ତହସିଲଦାର କୃଷି ଅଧିକାରୀ, ଲ୍ୟାମ୍ପସ ସଭାପତି, ଅନ୍ୟାନ କର୍ମଚାରୀ ସାର ବଣ୍ଟନ ହୋଇ ପାରିବ ନାହିଁ ବୋଲି କହିଥିଲେ। ନାରାୟଣାପାଟଣା ବ୍ଲକ ସମସ୍ତ ଚାଷୀଙ୍କୁ ଆବଶ୍ୟକ ସାର ଆସିଲେ ପଞ୍ଚାୟତକୁ ପଠାଯାଇ ଚାଷୀଙ୍କ ଜମିର ପରିମାଣ ଅନୁଯାୟୀ ବଣ୍ଟାଯିବ ବୋଲି କୁହାଯାଇଥିଲା। ତେଣୁ ସକାଳ ୫ଟାରୁ ଆସି ଧାଡି ବାନ୍ଧି ଠିଆ ହୋଇ ଶେଷରେ ଦିନ ୧୨ଟାରେ ସାର ମିଳିବ ନାହିଁ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ପାଟିତୁଣ୍ଡ କରିଥିଲେ ଚାଷୀ। ନାରାୟଣାପାଟଣା ପୁଲିସ ସେମାଙ୍କୁ ବୁଝାସୁଝା କରି ବିଦା କରିଥିଲେ। ସୂଚନା ଥାଉକି , ଏକ ମାସରୁ ଉର୍ଦ୍ଧ ହେବ ଚାଷ କାମ ସରିଥିବା ବେଳେ ଜମିରେ ଖାଲି ସାର ପକାଇବା ବାକି ରହିଛି। କିନ୍ତୁ କୃଷି ବିଭାଗ ସାର ଯୋଗାଇ ଦେବାପାଇଁ ଦିନ ପରେ ଦିନ ଗଡ଼ାଇ ଚାଲିଛି। ତେଣୁ କିଛି ଦିନ ତଳେ ନାରାୟଣାପାଟଣା ବ୍ଲକ ର ଶତାଧିକ ଚାଷୀ କୃଷି ବିଭାଗର ଅଧିକାରୀଙ୍କୁ ଭେଟି ସମସ୍ୟା ଜଣାଇଥିଲେ। କିଛି ଚାଷୀ ତାଙ୍କର ଚାଷ ବୁଡିଯାଉଛି ବୋଲି ପାଟିତୁଣ୍ଡ କରିବା ଦେଖିବାକୁ ମିଳିଥିଲା। ଯଦି ତିନି ଦିନ ଭିତରେ ଚାଷୀକୁ ସାର ନ ମିଳିଲେ, ଚାଷ ଉଜୁଡି ଯିବ। ତେଣୁ ସେମାନେ ଆଗାମୀ ଦିନରେ ରାଜରାସ୍ତା ସହ ଅଫିସ ମଧ୍ୟ ତାଲା ପକାଇବାକୁ ଧମକ ଦେଇଥିଲେ। କିନ୍ତୁ ଆବଶ୍ୟକ ଅନୁସାରେ ସାର ଆସିଲା ନାହିଁ। ଏବେ ଚାଷୀ ଚିନ୍ତାରେ ରହିଥିବା ଜଣାପଡିଛି।

# ସାକ୍ଷରତା ଦିବସରେ ସଚେତନତା

ନାରାୟଣାପାଟଣା,୮।୯(ସମିସ): ଆଜି ନାରାୟଣାପାଟଣା ବ୍ଲକରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା କରାଯାଇଥିଲା। ଅତିରିକ୍ତ ଗୋଷ୍ଠି ଶିକ୍ଷକ ଅଧିକାରୀ ଇଶ୍ୱର ମୁଦୁଲି ତଥା ଆଜିର ଆୟୋଜକ ନାରାୟଣାପାଟଣା ସିଆରସିସି ବଂକିମ କୁମାର ପୃଷ୍ଟି ଦ୍ୱାରା ନାରାୟଣାପାଟଣା ବ୍ଲକ ଶିକ୍ଷା ଅଧିକାରୀ ଅଫିସରୁ ଅନେକ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ହାତରେ ଫ୍ଲାଗ କାର୍ଡ ଧରି ନାରାୟଣାପାଟଣା ସଦର ମହକୁମା ଓ ବିଭିନ୍ନ ଅଞ୍ଚଳରେ ବୁଲି ଲୋକମାନଙ୍କୁ ସଚେତନ କରାଇଥିଲେ। ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ନିଷ୍ଠା ତାଲିମ ଉଦ୍‌ଘାଟିତ




କୋରାପୁଟ,୮।୯(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କୋରାପୁଟ ବ୍ଲକସ୍ତରରେ ପଞ୍ଚଦିବସୀୟ ଶିକ୍ଷକ ତାଲିମ ନିଷ୍ଠା - ସମତା ଓ ଅନ୍ତନିବେଶୀ ଶିକ୍ଷାର ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଅନ୍ତନିବେଶି ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ଭାରପ୍ରାପ୍ତ ସହାୟକ ବ୍ଲକ୍ ଶିକ୍ଷା ଅଧିକାରୀ ସଂଯୁକ୍ତା କହଁର ଏବଂ ବିଆରପି ପ୍ରଦୀପ କୁମାର ପାତ୍ର ଯୋଗ ଦେଇଥିଲେ। ଅନ୍ତନିବେଶି ଶିକ୍ଷା ସମ୍ବନ୍ଧିତ ବିଭିନ୍ନ ଅଧିକାର, ଭୂମିକା ଓ ଦାୟିତ୍ୱ ଉପରେ ଶିବିରିରେ ଉପସ୍ଥାପନ କରିଥିଲେ। ଏହି ତାଲିମ ଶିବିରରେ କୋରାପୁଟ ବ୍ଲକର ୮୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସାଧନକର୍ମୀ ଭାବେ ସୁବୋଧ ମାଝୀ, ପ୍ରମୋଦ କୁମାର ଡାକୁଆ,ସନାତନ ପ୍ରଧାନ, ରାଜେଶ୍ୱ ଜାନୀ, ପ୍ରଜ୍ଞା ମିଶ୍ର, ସୁପ୍ରଭା ବାରିକ ଓ ଲକ୍ଷ୍ମୀପ୍ରିୟା ଦାସ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ

କୋରାପୁଟ,୮।୯(ସମିସ): ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଆନ୍ତାର୍ଜାତିକ ସାକ୍ଷରତା ଦିବସ ନବ ଭାରତ ସାକ୍ଷରତା କାଯ୍ୟକ୍ରମ - ଉଲ୍ଲାସ ଜରିଆରେ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କାଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଏବିଇଓ ଶିବ ଶଙ୍କର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦାସ, ଏବିଇଓ ସଂଯୁକ୍ତା କହଁର ମଧ୍ୟ ମଞ୍ଚାସୀନ ଥିଲେ। ଅତିଥି ବୃନ୍ଦ ଏହି ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ନିରକ୍ଷରତାକୁ ଦୂର କରି ସାକ୍ଷରତା ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ନିଜ ନିଜର ମତ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକର ସିଆରସିସି, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିବା ବେଳେ ବିଆରପି ପ୍ରଦୀପ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

● ଖବର ପ୍ରକାଶ ପରେ ପୁଲିସର ତତ୍ପରତା

# ନିଖୋଜ ମକାଚାଷୀଙ୍କୁ ଜଙ୍ଗଲରେ ଖୋଜୁଛି ପୁଲିସ



ବୈପାରୀଗୁଡ଼ା, ୮।୯(ସମିସ): ବୈପାରୀଗୁଡା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତ ଅନ୍ତର୍ଗତ ମାଠପବିଆଗୁଡା ତଥା ବିଏସଏଫ କ୍ୟାମ୍ପ ନିକଟରେ ରହୁଥିବା ସମାରୁ ପୂଜାରୀ (୫୦) ଗତ ଅଗଷ୍ଟ ମାସ ୨୯ ତାରିଖ ଦିନ ଠାରୁ ନିଖୋଜ ଅଛନ୍ତି। ଏ ନେଇ ଗତ ୭ ତାରିଖ ଦିନ 'ସକାଳ'ରେ ଖବର ପ୍ରସାରଣ ପରେ ବୈପାରୀଗୁଡା ପୋଲିସ ତତ୍ପରତା ଦେଖାଇଛି। ସୂଚନା ଅନୁଯାୟୀ, ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତର କାଡାକୁଣ୍ଡ ଜଙ୍ଗଲରେ ନିଖୋଜ ମକା ଚାଷୀ ସମାରୁଙ୍କୁ ଖୋଜୁଛି ପୋଲିସ। ସମାରୁଙ୍କ ପରିବାର ଲୋକେ ସନ୍ଦେହ ପ୍ରକାରେ, ପୂର୍ବ ଶତ୍ରୁତାକୁ ନେଇ ସମାରୁଙ୍କୁ ହତ୍ୟା କରାଯାଇଛି। ଦଣ୍ଡାବାଡ଼ି ପଞ୍ଚାୟତର କାଡାକୁଣ୍ଡ ଜଙ୍ଗଲ ଭିତରେ ଘଟଣା ଘଟିଛି ବୋଲି ଅନୁମାନ କରି ପୁଲିସକୁ ସୂଚନା ଦିଆଯାଇଛି । ଏହାପରେ ପୁଲିସ ଦଣ୍ଡାବାଡ଼ି ପଞ୍ଚାୟତର କାଡାକୁଣ୍ଡ ଜଙ୍ଗଲରେ ନିଖୋଜ ମକା ଚାଷୀ ସମାରୁଙ୍କୁ ଖୋଜୁଛି। ତଦନ୍ତ ଚାଲିଛି ଅତି ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି କହିଛନ୍ତି ବୈପାରୀଗୁଡା ଥାନା ଅଧିକାରୀ ଡମ୍ବରୁଧର ବାତ୍ରିଆ।

# ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ପାଠଚକ୍ର

ରାୟଗଡ଼ା, ୮।୯(ସମିସ): ରାୟଗଡ଼ା ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ "ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଆଧୁନିକ ଶିକ୍ଷା ଦୃଷ୍ଟିକୋଣ' ବିଷୟବସ୍ତୁ ଉପରେ ଏକ ପାଠଚକ୍ର ସହ ଗୁରୁ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶାନ୍ତିଲତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷା ଡକ୍ଟର ଅର୍ଚ୍ଚନା ପଟ୍ଟନାୟକ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପାଠଚକ୍ରରେ ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି ବିଷୟବସ୍ତୁର ସ୍ୱତନ୍ତ୍ର ଆଲୋଚନ କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ରୌମ୍ୟ ରଞ୍ଜନ ସାହୁଙ୍କ ବିଶ୍ଳେଷଣ ଏବଂ ସାରାଂଶ ଦ୍ୱାରା ଅଧିବେଶନଟି ଆହୁରି ସମୃଦ୍ଧ ହୋଇଥିଲା। ଦୁଇଜଣ ପେପର ଉପସ୍ଥାପକ - ସୁଶ୍ରୀ ଇନ୍ଦୁ ରାଣୀ ମିଶାଲ ଏବଂ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମେଲାକା ସେମିନାର ବିଷୟବସ୍ତୁ ସହିତ ଜଡିତ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଶ୍ରୀ ସାହୁଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଯାହା ଶିକ୍ଷକ ଦିବସର ଏକ ଆକର୍ଷଣୀୟ ଏବଂ ଚିନ୍ତାପ୍ରବଣ ଉତ୍ସବର ଶେଷ ହୋଇଥିଲା।

# ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ




ଡାବୁଗାଁ,୮।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତିକ ସାକ୍ଷରତା ଦିବସ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ବ୍ୟାନର ଧରି ଧାଡ଼ି ହୋଇ ସାକ୍ଷରତାର ନାରା ଦେଇ ବଜାର ପରିକ୍ରମା କରି ବିଦ୍ୟାଳୟକୁ ଶାନ୍ତି ଶୃଙ୍ଖଳାରେ ଆସିଥିଲେ। ରାଲିରେ ସମ୍ପୃକ୍ତ ବିଦ୍ୟାଳୟର ସନୌଜ କୁମାର ମହାପାତ୍ର, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମେନ୍ଦ୍ର ନାଥ ବେହେରା, ଶିକ୍ଷୟତ୍ରୀ ମଧୁସ୍ମିତା ନାୟକ, ବର୍ଷାରାଣୀ ରାଉତ, ଶିକ୍ଷକ ହେମନ୍ତ କୁମାର ସାମଲ, ସପନ ନାୟକ, ରାମାକାନ୍ତ ଲେଙ୍କା, ଶେଖର ସାହୁ, ପ୍ରଫୁଲ ମେହେରା ପ୍ରମୁଖ ସହଯୋଗ କରିଥିଲେ। ସାକ୍ଷରତା ବାର୍ତ୍ତା ଦ୍ୱାରା ଜନସାଧାରଣଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଥିଲା।

# ଖାଦ୍ୟମେଳା, ସଚେତନତା ରଥର ଶୁଭାରମ୍ଭ




କୋଷାଗୁମୁଡ଼ା,୮।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ପରିସରରେ ଆରସିଡିସି ସଂସ୍ଥା ,କୋଷାଗୁମୁଡା ଦ୍ୱାରା ଖାଦ୍ୟମେଳା ଏବଂ କ୍ଷୁଦ୍ର ଶଷ୍ୟ ଜନିତ ଖାଦ୍ୟ ବୃଦ୍ଧି ନିମନ୍ତେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ୍ ଅଧକ୍ଷ ସର୍ବେଶ୍ୱରୀ ମାଝୀ ଓ ବ୍ଲକ କୃଷି ଅଧିକାରୀ- ଦୁର୍ଯ୍ୟୋଧନ ଯାନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନ ସମୟରେ କୃଷି ପର୍ଯ୍ୟବେକ୍ଷକ ସର୍ବେଶ ପତି, ସିଡିପିଓ-ଯମୁନା ଭତ୍ରା, ବିପିସି ମିଶନଶକ୍ତି ମଙ୍ଗଳସିଂହ ହଲବା, ବିଏସଏସ ଓ ସୌମ୍ୟରଂଜନ ନାୟକ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ଜେନା, ଏପିସି ପ୍ରକଳ୍ପ କର୍ମଚାରୀ ,ଏମଏମଜେଜେ କର୍ମଚାରୀ, ଅଙ୍ଗନବାଡି କର୍ମୀ, ଏସଏଚଜି ସଦସ୍ୟା ଉପସ୍ଥିତି ଥିଲେ। ଆରସିଡିସି ,କୋଷାଗୁମୁଡା ଦ୍ୱାରା ଅନୁଷ୍ଠିତ ଏହି ଖାଦ୍ୟମେଳାରେ ମା ଗାୟତ୍ରୀ, ମା ପେଦ୍ରାଣୀ, ମା ଠାକୁରାଣୀ ଓ ମହାବୀର ସ୍ୱୟଂ ସହାୟକ ଦଳର ସଦସ୍ୟା ମାନଙ୍କ ମିଳିତ ସହଯୋଗରେ ମାଣ୍ଡିଆ ବୋରା, ମାଣ୍ଡିଆ ପକୁଡି, ମାଣ୍ଡିଆ ଲଡୁ, ମାଣ୍ଡିଆ ମିକଚର ଇତ୍ୟାଦି ଖାଦ୍ୟ ସାମଗ୍ରୀ ଉପସ୍ଥିତ ପ୍ରାୟ ୫ଶହ ଲୋକଙ୍କୁ ବଣ୍ଟା ଯାଇଥିଲା। ତାହା ସହ ମାଣ୍ଡିଆ ସଚେତନତା ରଥ ୮ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ପ୍ରାୟ ତିନି ଦିନ ପର୍ଯ୍ୟନ୍ତ କୋଷାଗୁମୁଡା ବ୍ଲକର ୨୬ଗୋଟି ପଞ୍ଚାୟତ ପରିକ୍ରମା କରିବ। ଆୟୋଜକ ସଂସ୍ଥା ଆରସିଡିସିର ସିଆରପି ଭଗବାନ ଭତ୍ରା, ଦୟାନିଧି ଅମାନତ୍ୟ ,ଫୁଲସିଙ୍ଘ କଲାର, ଦେବାନନ୍ଦ ଗୌଡ଼, ଲମ୍ବଧର ମିର୍ଗାନ, ଚନ୍ଦ୍ରସିଂ ନାୟକ, ସୁନୀଲ କୁମାର ଚୌଧୁରୀ, ଅଭିଜିତ ମେହେର, ସ୍ନେହାଞ୍ଜଳୀ ସ୍ୱାଇଁ ପ୍ରମୁଖଙ୍କ ସହଯୋଗ ର କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଛି।

# ଆନ୍ତର୍ଜାତିକ ସାକ୍ଷରତା ଦିବସ

ଚନ୍ଦାହାଣ୍ଡି,୮।୯(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ତଥା ଆନ୍ତର୍ଜାତିକ ସାକ୍ଷରତା ଦିବସ-୨୦୨୫ ସ୍ଥାନୀୟ ଚନ୍ଦାହାଣ୍ଡି ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁମିତ୍ରା ପୂଜାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ସମିତି ସଭ୍ୟ ପୌରୁଷ ମାଝୀ, ଉଲ୍ଲାସ କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଏବିଇଓ ବିଜୟାନନ୍ଦ ସୋରୀ, ଝରାବହାଲ କ୍ଲଷ୍ଟର ସିଆରସିସି କୁମୁଦ ବାଘ, ବ୍ଲକ କଲୋନୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତିରଣ ସିଂ ମାଝୀଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ବିଇଓ ଶ୍ରୀଧରୁଆ ଆଲୋକପାତ କରିଥିଲେ।୨୦୨୨ ମସିହାରୁ ଅଦ୍ୟାବଧି ପ୍ରାୟ ୨୭୦୦ ଜଣ ନିରକ୍ଷର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କୃତକାର୍ଯ୍ୟ ହୋଇଛନ୍ତି। ଆଗାମୀ ଦିନରେ ବ୍ଲକରେ ଥିବା ଅବଶିଷ୍ଟ ୧୫ ବର୍ଷରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା ନିରକ୍ଷର ମାନଙ୍କୁ ସାକ୍ଷର କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଚନ୍ଦାହାଣ୍ଡି ସିଆରସିସି ବିଶ୍ୱରଂଜନ ପଣ୍ଡା ପରିଚାଳନା କରିଥିବା ବେଳେ ମୋହରା ସିଆରସିସି ଏମ୍ ବିଘ୍ନେଶ୍ୱର ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ନାହିଁ ତ ଶୁଣାଣି ନାହିଁ କହି ଘେରିଲେ ଲୋକେ

# ଅଧାରୁ ବାତିଲ ହେଲା ଅଭିଯୋଗ ଶୁଣାଣି



ସେମିଳିଗୁଡ଼ା,୮।୯ (ସମିସ):

ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଦୀର୍ଘ ୩ ବର୍ଷ ହେବ ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ନମିଳିବାରୁ ଜନ ଶୁଣାଣି ଶିବିରରେ ଆଜି ପଞ୍ଚାୟତବାସୀ ପ୍ରବଳ ହଟ୍ଟଗୋଳ କରିଥିବା ଦେଖିବାକୁ ମିଳିଛି। ସ୍ଥିତି ଏପରି ହେଲା ଯେ ବାଧ୍ୟ ହୋଇ ଅଧାରୁ ବାତିଲ ହୋଇଗଲା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି। ଲୋକଙ୍କ ଜିଦ୍ ଯୋଗୁଁ ଖୋଦ ଏବିଡିଓ ଓ ଯନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପ ନିକଟକୁ ଯାଇ ସମୀକ୍ଷା କରିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତ ଠାରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଦୁଧାରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଯୋଗଦେବା ପାଇଁ ସେମିଳିଗୁଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବୈଠକ ଆରମ୍ଭ କରିବା ମାତ୍ରେ ଉପସ୍ଥିତ ଥିବା ଜନ ପ୍ରତିନିଧିଙ୍କ ସମେତ ପଞ୍ଚାୟତ ବାସୀ ମିଳିତ ଭାବେ ଅଧିକାରୀଙ୍କୁ ଘେରିଥିଲେ। ଦୀର୍ଘ ୩ ବର୍ଷ ହେବ ଦୁଧାରୀ ଓ ଶୁଣ୍ଡିପୁଟ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ଅନୁରୋଧ ଓ ଅଭିଯୋଗ କଲା ପରେ ଏ ପର୍ଯ୍ୟନ୍ତ ଜଳ ଯୋଗାଣ ହୋଇ ପାରୁନଥିବାରୁ ଅଭିଯୋଗ ଶୁଣାଣିର କୌଣସି ଆବଶ୍ୟକତା ନାହିଁ ବୋଲି ପାଟିତୁଣ୍ଡ କରିଥିଲେ। ସମିତି ସଭ୍ୟା ସୁଷମା ପାଙ୍ଗି ଓ ନାଏବ ସରପଞ୍ଚ ଜମ୍ବୁବତୀ ନାୟକ ଉପସ୍ଥିତ ଥିବା ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କୁ ତାଗିଦ କରିବା ସହ ସେ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ଯନ୍ତ୍ରୀ ଅଭିଯୋଗର ସନ୍ତୋଷଜନକ ଉତ୍ତର ନଦେବାରୁ ଲୋକେ ବୈଠକ ସ୍ଥଳୀରୁ ଉଠିଯାଇ ବାହାରେ ପାଟିତୁଣ୍ଡ କରିଥିଲେ। ଉପସ୍ଥିତ ଅଧିକାରୀ ମାନେ ଦୁଧାରୀ ଓ ଶୁଣ୍ଡିପୁଟ ଗ୍ରାମରେ ନିର୍ମାଣଧୀନ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିକଟକୁ ଯାଇ ସ୍ଥିତି ପରଖିବାକୁ ଦାବି କରିଥିଲେ। ଫଳରେ ବାଧ୍ୟ ହୋଇ ଶିବିର ଅଧାରୁ ଅଧିକାରୀମାନେ ଦୁଇ ଗ୍ରାମକୁ ଯାଇ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ଶୁଣ୍ଡିପୁଟ ଗ୍ରାମରେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ସୂଚନା ଥାଉକି ପ୍ରକଳ୍ପର ସମସ୍ତ କାର୍ଯ୍ୟ ସରିଥିଲେ ମଧ୍ୟ ବିଦ୍ୟୁତ ସମସ୍ୟା ଯୋଗୁଁ ଜଳ ଯୋଗାଣ ହୋଇପାରୁନଥିବା ବିଭାଗୀୟ ଯନ୍ତ୍ରୀ କହିବା ସହ ଯେତେ ଶୀଘ୍ର ସମ୍ଭବ ପାନୀୟ ଜଳ ପ୍ରକଳ୍ପ ଚାଲୁ କରାଯିବ ବୋଲି ଉପସ୍ଥିତ ଜନତାଙ୍କୁ ବୁଝାସୁଝା କରି ଫେରି ଯାଇଥିଲେ। ଅପରପକ୍ଷରେ ନିର୍ବାଚିତ ପ୍ରତିନିଧି ମାନେ ଗଣମାଧ୍ୟମକୁ କହିଛନ୍ତି ଯେ, ପଞ୍ଚାୟତ ବାସିନ୍ଦାଙ୍କ ପାଇଁ ଯେବେ ପାନୀୟ ଜଳ ଯୋଗାଇ ଦିଆଯିବ, ସେବେଠାରୁ ହିଁ କୌଣସି ବୈଠକ କି ଶିବିର କରିବାକୁ ଦିଆଯିବ। ନଚେତ ତୀବ୍ର ବିରୋଧ ଜାରି ରହିବ ବୋଲି ସେମାନେ ଚେତାଇ ଦେଇଛନ୍ତି।

# ଲୋକଙ୍କୁ ଘରପଟା ମିଳିବ କେବେ ?



ସେମିଳିଗୁଡ଼ା,୮।୯(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୨୦ ନମ୍ବର ୱାର୍ଡ କୋଣ୍ଡା ପାଲ୍ଲିବାସୀ ସ୍ଥାୟୀ ଘର ପଟା ପାଇଁ ଦାବି କରିଛନ୍ତି। ୧୫ ରୁ ୨୦ ବର୍ଷ ହେଲା ଏମାନଙ୍କୁ ଘର ପଟା ମିଳିନାହିଁ। ସୋମବାର ଦିନ ତହସିଲ କାର୍ଯ୍ୟାଳୟର ସରକାରୀ ଅଧିକାରୀ ମାନେ ଆସି କୋଣ୍ଡା ପାଲ୍ଲିରେ ଘର ମାପ ସହ ଘର ନମ୍ବର ପକାଉଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଘର ପଟା ପାଇଁ ସେମାନେ କୋରାପୁଟ ଜିଲ୍ଲାପାଳ ଏବଂ ରାଜସ୍ୱ ମନ୍ତ୍ରୀଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଏଠାରେ ୨ଶହରୁ ଅଧିକ ପରିବାର ବସବାସ କରୁଛନ୍ତି। ବାସସ୍ଥଳୀରୁ ସରକାର ଯଦି ଉଚ୍ଛେଦ କରନ୍ତି, ତେବେ ଆସନ୍ତା ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୋଣ୍ଡା ପାଲ୍ଲିବାସୀ କହିଛନ୍ତି। ପାହାଡ଼ ଉପରେ ଅସ୍ଥାୟୀ ଘର କରି ପରିବାର ରହୁଥିବା ସହ କୁଲି ମଜୁରୀ କରି ବଞ୍ଚୁଥିବା ଜଣାପଡିଛି। ପିଲାମାନଙ୍କୁ ନିକଟରେ ଥିବା ସ୍କୁଲରେ ପାଠ ପଢୁଥିବା ଦେଖିବାକୁ ମିଳିଛି। କେବେ ସରକାର ଏହି ବସ୍ତି ବାସିନ୍ଦାଙ୍କୁ ଘର ଦେବେ ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ସମ୍ପାଦକୀୟ



ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଗରମ ଟ୍ରମ୍ପ ନରମ

ଟ୍ରମ୍ପ ଓ ମୋଦୀଙ୍କ ମତ ବିନିମୟରୁ ସକାରାତ୍ମକ ସଂପର୍କର ଆଭାସ ନେଇ କୂଟନୈତିକ ମହଲ ବେଶ ଆଶାବାଦୀ। ଟ୍ରମ୍ପ ସ୍ୱୀକାର କରନ୍ତୁ ବା ନ କରନ୍ତୁ ତାଙ୍କର ଭାରତ ବିରୋଧୀ କଟୁମନ୍ତବ୍ୟ ଓ ଅତିରିକ୍ତ ଟାରିଫ ଘୋଷଣା ଭାରତକୁ ବାଧ୍ୟ କରିଛି ବିକଳ୍ପ ମଞ୍ଚକୁ ଆଦରି ନେବା ପାଇଁ। ସାଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀରେ ଯୋଗଦେଇ ମୋଦୀ ରୁଷ ରାଷ୍ଟ୍ରପତି ପୁଟିନ ଓ ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ନିକଟବର୍ତ୍ତୀ ହୋଇଛନ୍ତି। ଆମେରିକା ବିରୋଧୀ କୂଟନୈତିକ ମଞ୍ଚକୁ ମୋଦୀଙ୍କ ଉପସ୍ଥିତି ବଳ ଦେଇଛି। ବିଶ୍ୱ କୂଟନୈତିକ ମହଲ ଭଲଭାବରେ ଜାଣେ ଯେ ଚୀନ, ଭାରତର ସ୍ୱାଭାବିକ ସହଯୋଗୀ ନୁହେଁ। ଦୁଇ ଦେଶର ସୀମାକୁ ନେଇ କ୍ରମାଗତ ଉତ୍ତେଜନା ଲାଗି ରହିଥିବା ବେଳେ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନକୁ ଚୀନର ସହଯୋଗିତା ଓ ସହଭାଗିତାକୁ ଭାରତ କୌଣସି ପରିସ୍ଥିତିରେ ବରଦାସ୍ତ କରେ ନାହିଁ। ଟ୍ରମ୍ପ ମଧ୍ୟ ପାକିସ୍ତାନ ପ୍ରତି କୋହଳ ଓ ନରମ ମନୋଭାବ ଘୋଷଣା କରି ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତକୁ କ୍ଷୁବ୍ଧ ଓ ଅସନ୍ତୁଷ୍ଟ କରିବା। ଏଭଳି ଏକ କୂଟନୈତିକ ଛକାପଞ୍ଝା ମଧ୍ୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଭାରତ।

ଭାରତର ବିଶାଳ ବଜାର ଓ ପ୍ରଭାବୀ ଭୂମିକାକୁ ବିଚାର କଲେ ଦକ୍ଷିଣ ଏସିଆରେ ଆମେରିକାର ସହଯୋଗୀ ହେବାର ଶକ୍ତି ତଥା ସାମର୍ଥ୍ୟ ରଖିଛି। ବ୍ୟକ୍ତିଗତ ଦ୍ୱେଷ ଓ କ୍ଷୋଭକୁ ଭିତ୍ତିକରି ରାଷ୍ଟ୍ରୀୟ ବୃହତ୍ତର ସ୍ୱାର୍ଥକୁ ବଳି ପକାଯାଏନି। ବିଳମ୍ବରେ ଏକଥା ବୁଝିଛନ୍ତି ଟ୍ରମ୍ପ। ତେଣୁ ତାଙ୍କ ଚରମ ସ୍ୱଭାବ ଏବେ ନରମିଛି। ଭାରତ ବିରୋଧୀ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଯାଇ ସେ କହିଛନ୍ତି ସେ ସର୍ବଦା ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁ ଭାବେ ରହିବେ। ସେ ଜଣେ ମହାନ ପ୍ରଧାନମନ୍ତ୍ରୀ। ପ୍ରତ୍ୟୁତ୍ତରରେ ଦୁଇ ଦେଶ ମଧ୍ୟରେ ସହଭାଗିତା ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦୀ। ଟ୍ରମ୍ପଙ୍କ ପୋଷ୍ଟର ଉତ୍ତରରେ ସେ କହିଛନ୍ତି ଯେ 'ଆମ ସଂପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ଗଭୀର ପ୍ରଶଂସା କରିବା ସହ ସମାନ ଭାବନା ଓ ମନୋଭାବ ସେ ପୋଷଣ କରନ୍ତି। ଦୁଇ ଦେଶ ମଧ୍ୟରେ ସହଯୋଗିତାର ବ୍ୟାପକ ସୁଯୋଗ ଆଗକୁ ରହିଛି।'

ଏସବୁ ସତ୍ତ୍ୱେ ରୁଷରୁ ତୈଳ ଆମଦାନୀ ଓ ବ୍ରିକ୍ସରେ ସକ୍ରିୟ ଭୂମିକା ନେଇ ଆମେରିକା ନିଜର ଅସନ୍ତୋଷକୁ ଭାରତ ଉପରେ ଜାହିର କରିଚାଲିଛି। ତେବେ ପରିବର୍ତ୍ତିତ ସକାରାତ୍ମକ ସଂପର୍କର ପୃଷ୍ଠଭୂମିରେ ମୋଦୀ ଯଥାସମ୍ଭବ କୂଟନୈତିକ ବିବାଦରୁ ଦୂରେଇ ରହିବା ସକାଶେ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗ ନଦେବାକୁ ସ୍ଥିର କରିଛନ୍ତି। ସେପ୍ଟେମ୍ବର ୨୬ରେ ସେ ନିଜର ବକ୍ତବ୍ୟ ରଖିବା ଲାଗି ସ୍ଥିର ହୋଇଥିଲା। ଏବେ ତାଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମ ଥର ଜାତିସଂଘ ସାଧାରଣ ଅଧିବେଶନରେ ଭାଷଣ ଦେବେ। ରୁଷ-ୟୁକ୍ରେନ ଯୁଦ୍ଧ ପୃଷ୍ଠଭୂମିରେ ତାଙ୍କର ଆକ୍ଷେପ ଓ ଆଭିମୁଖ୍ୟ ଉପରେ ଭାରତ ସ୍ୱାଭାବିକ ଭାବେ ସତର୍କ ଦୃଷ୍ଟି ରଖିଛି। ସମୟ କହିବ, ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କ ଆଗକୁ କେଉଁ ରୂପ ନେବ।

## ହାରାହାରି ଆୟୁ ବଢୁଛି

ଦେଶରେ ଦିନକୁ ଦିନ ବୟସ୍କଙ୍କ ସଂଖ୍ୟା ବଢୁଛି। ବର୍ଦ୍ଧିତ ହାରାହାରି ଆୟୁସୀମାରୁ ସ୍ପଷ୍ଟ ଯେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ସରକାରୀ ସ୍ତରରେ ବୀମା ପ୍ରଚଳନର ସୁଫଳ ଅନୁଭୂତ ହେଉଛି। ହୋଇପାରେ ବୀମା କଂପାନୀ ଓ କର୍ପୋରେଟ ହସ୍ପିଟାଲ ସହଭାଗିତାରେ ଏହି ଅର୍ଥ ବାଟ ମାରଣା ହୋଇଛି। ଏସବୁ ସତ୍ତ୍ୱେ ସ୍ୱାସ୍ଥ୍ୟ ବୀମା ବୟସ୍କଙ୍କ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସହଜ ଓ ସରଳ କରିଛି। ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ(ଆରଜିଆଇ)ଙ୍କ ରିପୋର୍ଟରୁ ପ୍ରକାଶ ଯେ ଭାରତୀୟ ପୁରୁଷଙ୍କ ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାଙ୍କ ୭୨.୫ ବର୍ଷରେ ପହଞ୍ଚିଛି। ଅପେକ୍ଷାକୃତ ସଚେତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ସମର୍ଥ ରାଜ୍ୟ କେରଳ ଓ ଦିଲ୍ଲୀରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ଓ ୭୪ ବର୍ଷ। ଏହି ପରିସଂଖ୍ୟାନ ଉଲ୍ଲେଖ କଲା ବେଳେ ସ୍ୱାଭାବିକ ଭାବେ ଜାପାନ, ଚୀନ ଓ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଆମେ ଭାରତକୁ ତୁଳନା କରିପାରିବା। ତେବେ ଭାରତକୁ ଯୁବକଙ୍କ ଦେଶ ଓ ମାନବ ସମ୍ବଳ ଦୃଷ୍ଟିରୁ ବ୍ୟାପକ ସୁବିଧା ଓ ସୁଯୋଗ ରହିଛି ବୋଲି ଯେଉଁ ଦାବି କରାଯାଉଥିଲା ତାହା କ୍ରମେ ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି। ପ୍ରଜନନ କ୍ଷମତା ହ୍ରାସ ଏହାର ଅନ୍ୟତମ କାରଣ।

ଆରଜିଆଇଙ୍କ ତଥ୍ୟାନୁଯାୟୀ ପ୍ରତି ୧୦ ଜଣ ଭାରତୀୟଙ୍କ ମଧ୍ୟରେ ଜଣଙ୍କର ବୟସ ଅନ୍ତତଃ ୬୦ ବର୍ଷରୁ ଊର୍ଦ୍ଧ୍ୱରେ। ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୬.୪ ପ୍ରତିଶତ। ୨୦୧୧ ଜନଗଣନା ପରେ ଏଥିମଧ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ପ୍ରାୟ ୧ ପ୍ରତିଶତ ବଢ଼ିଛି। କେରଳରେ ବରିଷ୍ଠ ନାଗରିକଙ୍କ ହାର ୧୫.୧ ପ୍ରତିଶତ ହୋଇଛି। ଏହା ପଛକୁ ତାମିଲନାଡୁରେ ୧୪ ପ୍ରତିଶତ ଓ ହିମାଚଳରେ ୧୩.୨ ପ୍ରତିଶତ ରହିଛି।

ବୟସ୍କଙ୍କ ସଂଖ୍ୟା ଅନୁପାତିକ ଭାବେ ବୃଦ୍ଧି ପାଇ ଯୁବ ସମ୍ବଳ ହ୍ରାସ ଧାରା ଜାରି ରହିଲେ ଦେଶର ଅର୍ଥନୀତି ଉପରେ ଏହା ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ସମାଜତତ୍ତ୍ୱବିତ୍‌ମାନେ ଯେଉଁ ଆଶଙ୍କା ପ୍ରକାଶ କରିଛନ୍ତି ତାହା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ନିଯୁକ୍ତି ଓ ଉପାର୍ଜନ ଅଭାବରୁ ବୃଦ୍ଧି ପାଉଥିବା ଦାରିଦ୍ର୍ୟ ଓ ଅସନ୍ତୋଷର କାୟା ବିସ୍ତାରକୁ ଅନ୍ତତଃ ଏହା ହ୍ରାସ କରିପାରିବ। ବେରୋଜଗାର ଯୁବସମ୍ବଳ ସରକାରଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛନ୍ତି। ସେହିଭଳି ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସ୍ୱାସ୍ଥ୍ୟ ସେବା, ପେନସନ ଓ ଅନ୍ୟାନ୍ୟ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ସରକାରଙ୍କୁ ଅଧିକରୁ ଅଧିକ ଧ୍ୟାନ ଦେବାକୁ ପଡିବ।

ଏହି ତର୍ଜମା ଓ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିବା ପୂର୍ବରୁ ଏକଥା କୁହାଯାଇପାରେ ଯେ ଆଗାମୀ ଜନଗଣନା ରିପୋର୍ଟ ହିଁ କହିବ ସ୍ଥିତି କଣ। ଦେଶର ଅର୍ଥନୈତିକ ପ୍ରଗତି ଓ ପରିବର୍ଦ୍ଧିତ କାର୍ଯ୍ୟଧାରାକୁ ସମ୍ଭାଳିବା ପାଇଁ ପର୍ଯ୍ୟାପ୍ତ ଯୁବ ସମ୍ବଳ ରହିଛି। ସେମାନଙ୍କୁ ମାର୍ଗଦର୍ଶନ କରାଇବାରେ ବୃଦ୍ଧି ପାଉଥିବା ବୟସ୍କଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ବିଶେଷ ଭାବରେ ସହାୟକ ହେବ।

# କେତେ ସ୍ୱାଧୀନ ଆମ ଗଣମାଧ୍ୟମ

**ଗୋଧନେଶ୍ୱର ହୋତା**

ବୁଦ୍ଧଜାତକର ଏକ ଜଣାଶୁଣା କାହାଣୀ ହେଲା ଏକଦା ବୋଧିସତ୍ତ୍ୱ ଜଣେ ରାଜକୁମାର ରୂପେ ଜନ୍ମ ନେଇ ସର୍ବଦା ଚୁପ୍ ରହୁଥିଲେ। ସେଥିପାଇଁ ତାଙ୍କ ବାପା-ମା'ଙ୍କର ଦୁଃଖର ସୀମା ନଥିଲା। ଦିନେ ରାଜକୁମାର ବଗିଚାରେ ଧ୍ୟାନରତ ଥିବା ବେଳେ ଗୋଟିଏ ପକ୍ଷୀର କାକଳିରେ ବିରକ୍ତ ହୋଇପଡ଼ିଲେ। ତାଙ୍କ ସୁରକ୍ଷାରେ ଥିବା ରକ୍ଷୀ ପକ୍ଷୀଟି ପ୍ରତି ତୀରଟିଏ ନିକ୍ଷେପ କଲା। ପକ୍ଷୀଟି ତଳେ ପଡ଼ି ଛଟପଟ ହେବାରୁ ରାଜକୁମାର ତାକୁ ଆଉଁସି କହିପକାଇଲେ - 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ।' ରାଜକୁମାର କଥା କହିବାର ଶୁଣି ରକ୍ଷୀଟି ଦୌଡ଼ିଯାଇ ରାଜାରାଣୀଙ୍କୁ ସେ ସୁଖବର ଦେଲା। ଦୌଡ଼ି ଆସିଲେ ରାଜାରାଣୀ, ପାତ୍ରମନ୍ତ୍ରୀ। କିନ୍ତୁ ସେତେବେଳକୁ ରାଜକୁମାର ଯଥାପୂର୍ବକ ନିରବ। ରାଜା ରକ୍ଷୀକୁ ଶୂଳିରେ ଚଢ଼ାଇବା ପାଇଁ ଆଦେଶ ଦେବାରୁ ବିଚାରା ରକ୍ଷୀ ପ୍ରତି କରୁଣା ପରବଶ ହୋଇ ତାକୁ ମିଥ୍ୟାବାଦୀ ଅପବାଦରୁ ରକ୍ଷା କରିବା ନିମନ୍ତେ ବୋଧିସତ୍ତ୍ୱ ଦ୍ୱିତୀୟ ଓ ଶେଷଥର ପାଇଁ ରକ୍ଷୀକୁ ଲକ୍ଷ୍ୟ କରି କଥା କହିଲେ, 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ।' ବର୍ତ୍ତମାନ ଦେଶରେ ସାଧାରଣ ଜନତାଙ୍କ ସ୍ଥିତି ଠିକ୍ ଏମିତି। ମୁହଁ ଖୋଲିଲେ ବିପଦ।

ଆମ ସ୍ୱାଧୀନତା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା କ'ଣ ହେବା ଉଚିତ୍? ୧୯୭୫ରେ ଆମେ ଦେଖିଲେ ଯେ ଗଣମାଧ୍ୟମ ଉପରେ ବହୁତ କଟକଣା ଲାଗିଥିଲା ଏବଂ ଆଜି ମଧ୍ୟ ଆମ ସାମାଜିକ-ରାଜନୈତିକ ଦୃଶ୍ୟପଟରେ ଗଣମାଧ୍ୟମ କ'ଣ ଏତେ ସ୍ୱତନ୍ତ୍ର ରହିଛି ଯେ ଆମ ସ୍ୱତନ୍ତ୍ରତାକୁ ସୁରକ୍ଷା ଦେଇପାରିବ! ଆମ ଦେଶରେ ଗଣମାଧ୍ୟମ ଅନ୍ୟଦେଶ ତୁଳନାରେ କେତେ ସ୍ୱତନ୍ତ୍ର ତାହା ଆନ୍ତର୍ଜାତିକ ରିପୋର୍ଟ ଭିତ୍ତିରେ ହିଁ ନିର୍ଦ୍ଧାରଣ କରାଯାଇପାରିବ। ଗୋଟିଏ ସଂସ୍ଥା ଅଛି 'ରିପୋର୍ଟର ଉଇଦାଉଟ୍ ବର୍ଡର।' ତାହାର ରିପୋର୍ଟ ମତେ ୧୮୦ଟି ଦେଶ ମଧ୍ୟରେ ସ୍ୱାଧୀନତା ପ୍ରସଙ୍ଗରେ ଆମ ଗଣମାଧ୍ୟମର ସ୍ଥାନ ୧୫୧। ଅବଶ୍ୟ ଆମ ତଳେ ରହିଛି ଚୀନ୍, ପାକିସ୍ତାନ ଓ ଆଫ୍‌ଗାନିସ୍ତାନ। କିନ୍ତୁ ନେପାଳ ୯୦ ଓ ବାଂଲାଦେଶ ୧୪୦ ସ୍ଥାନରେ ଆମଠାରୁ ଭଲରେ ରହିଛନ୍ତି।

ଗଣମାଧ୍ୟମର ସ୍ୱାଧୀନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୬୧ (କ) ଯୋଡ଼ା ଯାଇଥିଲା। ପରେ ଅବଶ୍ୟ ଏହାକୁ ଅଳ୍ପ ସମୟ ପାଇଁ ହଟାଇ ଦିଆଯାଇଥିଲା। ଦେଶ ଚଳାଉଥିବା ଲୋକଙ୍କ ସର୍ବଦା ଏତିକି ଉଦାରଭାବ ରହିବା ଉଚିତ୍ ନିଜ ସମାଲୋଚନାକୁ ଆଗ୍ରହର ସହିତ ଶୁଣିବାକୁ। ଗଣମାଧ୍ୟମ କିପରି ସ୍ୱାଧୀନ ରହିଥାଏ ଏବଂ ତାହାର ପରିମାପ କ'ଣ ତାହା ଯଦି ଦେଖାଯାଏ ତେବେ ଯେଉଁ ସବୁ ବଡ଼ ବଡ଼ ଗଣମାଧ୍ୟମ କେନ୍ଦ୍ର ରହିଛି ତାହା ଉପରେ କାହାର ମାଲିକାନା ସତ୍ତ୍ୱ ଅଛି ଓ କେତେ ରହିଛି, ତାହା ଦେଖିବାକୁ ହେବ। ଯଦି ଦୁଇ ବା ତିନୋଟି ବଡ଼ ବଡ଼ ଔଦ୍ୟୋଗିକ ପରିବାରର ହିଁ ମାଲିକାନା ସତ୍ତ୍ୱ ରହିଛି ତାହାର ଅର୍ଥ ହେଲା ଗଣମାଧ୍ୟମର ସ୍ୱାଧୀନତା କମ୍ ରହିଛି। ଯେଉଁ ଅଳ୍ପ ଔଦ୍ୟୋଗିକ ପରିବାର ହାତରେ ଗଣମାଧ୍ୟମର ମାଲିକାନା ସତ୍ତ୍ୱ ରହିଥିବ ସେମାନଙ୍କ ସବୁବେଳେ ସରକାରଙ୍କଠାରେ କାମ ପଡ଼ିଥାଏ। ତେଣୁ ଉପରୁ ନିର୍ଦ୍ଦେଶଥାଏ ଯେ ସରକାରଙ୍କ ବିରୁଦ୍ଧରେ ବିଶେଷ କିଛି ନ କହିବା ବା ଲେଖିବା ପାଇଁ। ଏହାକୁ ଆମେ ସମାଜଶାସ୍ତ୍ରରେ କହିଥାଉ ବନ୍ଧୁତାର ପୁଞ୍ଜିବାଦ ଅର୍ଥାତ୍ ପୁଞ୍ଜିପତି ଓ ସରକାରଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା। ଏହି ଗଠବନ୍ଧନ କାରଣରୁ କ'ଣ ପ୍ରକାଶିତ ହେବ ଓ କ'ଣ ହେବ ନାହିଁ ତାହା ସ୍ଥିର କରାଯିବ। ଏହାବ୍ୟତୀତ ଦେଖାଯାଏ ସାମ୍ବାଦିକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁଖ ସୁବିଧା କେତେ। ଯଦି ଜଣେ ସାମ୍ବାଦିକ କୋଡ଼ିଏ ହଜାର ଟଙ୍କା ଦରମା ପାଇବେ ଏବଂ ଚାଲି ଚାଲି ଅଥବା ସାଇକେଲରେ ସମ୍ବାଦ ସଂଗ୍ରହ କରିବେ, ସେ ସାମ୍ବାଦିକ କରିବେ କ'ଣ ଏବଂ କେତେ ସଚ୍ଚୋଟତାରେ ତାଙ୍କ କର୍ତ୍ତବ୍ୟ କରିବେ। ତେଣୁ ବେଳେବେଳେ ସଚ୍ଚୋଟ ଲୋକ ମଧ୍ୟ ନିଜର ସକଳ ଅନିଚ୍ଛା ସତ୍ତ୍ୱେ ନିଜର ସଚ୍ଚୋଟତାକୁ ବିକ୍ରୟ କରିବାକୁ ଏକରକମ ବାଧ୍ୟ ହୋଇଥା'ନ୍ତି। କାରଣ ସେମାନଙ୍କୁ ଘର ଚଳେଇବାର ଅଛି। ସେଥିରେ ପୁଣି ସାମ୍ବାଦିକମାନଙ୍କ ଉପରେ ବିପଦର କୃଷ୍ଣଛାୟା ସବୁବେଳେ ପିଛା କରିଥାଏ। ସତ୍ୟଘଟଣା ରିପୋର୍ଟ କରି ସାମ୍ବାଦିକମାନେ କେତେ ଯେ କଷଣ ଭୋଗୁଛନ୍ତି ଏବଂ ଏପରିକି ବେଳେବେଳେ ହତ୍ୟାର ଶିକାର ହେଉଛନ୍ତି ସେ ବିଷୟ କ'ଣ ଆମ ସମାଜକୁ ଅଜଣା ରହିଛି! ଯଦି ଜଣେ ବ୍ୟକ୍ତି ସ୍ୱାଧୀନ ଓ ସଚ୍ଚୋଟ ରହିନି ତେବେ କେବଳ ଦୁଇଟି କାରଣରୁ। ତାହା ହେଲା ଲୋଭ ଅଥବା ଭୟ, ଯାହା ପ୍ରାୟ ଅଧିକାଂଶ ଗଣମାଧ୍ୟମ ସଂସ୍ଥାରେ ଅନ୍ତେବହୁତ ରହିଛି।

ସାଧାରଣତଃ ତିନିପ୍ରକାରର ସାମ୍ବାଦିକତା କରାଯାଇଥାଏ। ସବୁଠାରୁ ଭଲ ସାମ୍ବାଦିକ ସେହି ବ୍ୟକ୍ତି ଯେ ସରକାରଙ୍କ ସମର୍ଥନରେ ନୁହେଁ କି ବିରୋଧୀ ମଧ୍ୟ ନୁହେଁ। ଆଉ ଗୋଟିଏ ଶ୍ରେଣୀର ସାମ୍ବାଦିକ ଅଛନ୍ତି, ଯେଉଁମାନେ ସରକାରଙ୍କ କେବଳ ବିରୋଧ ହିଁ କରନ୍ତି ଏବଂ କିଛି ସରକାରଙ୍କ କେବଳ ସମର୍ଥନ ହିଁ କରିଥା'ନ୍ତି। କିନ୍ତୁ ସରକାରଙ୍କୁ କେବଳ ସମର୍ଥନ ବା ବିରୋଧ କରୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ବିରୋଧ କରୁଥିବା ଗଣମାଧ୍ୟମ ଅଧିକ ଭଲ। କାରଣ ତଦ୍ୱାରା ସରକାରଙ୍କ ଉପରେ ଉତ୍ତରଦାୟିତ୍ୱ ଆସିଥାଏ। ଆମେ ଯଦି ୟୁରୋପ ପରି ଗଣମାଧ୍ୟମର ସ୍ୱାଧୀନତା ଆମ ଦେଶ ପାଇଁ ଚାହିଁବା ତେବେ ସେଥିପାଇଁ ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ। ଆମ ଦେଶର ପରିସ୍ଥିତି ମଧ୍ୟ ସେତେଟା ଠିକ୍ ନାହିଁ ଯେ ଆମେ ଆଖି ପିଛୁଳାକେ ତାହା କରିଦେଇପାରିବ। ଗଣମାଧ୍ୟମର ସ୍ୱାଧୀନତା ସହିତ ସେହି ସମାଜର ଯେଉଁ ଗତି ଓ ପ୍ରଭାବ ରହିଥିବ ତାହାର ମଧ୍ୟ ଏକ ବଡ଼ ଭୂମିକା ରହିଛି।

ଆମ ଦେଶର ଏକ ଭଲ କି ଖରାପଗୁଣ ତାହା ସଠିକ୍ ଭାବେ କହିତ ହେବନି; କିନ୍ତୁ ଆମେ ଖରାପ ସମୟକୁ ଖୁବ୍ ଶୀଘ୍ର ଓ ସହଜରେ ଭୁଲିଯାଉ। ଜରୁରିକାଳୀନ ପରିସ୍ଥିତିରେ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଯେଉଁ ପ୍ରହାର ହୋଇଥିଲା ତାହା ଆମେ ଚାରି/ପାଞ୍ଚ ବର୍ଷ ମଧ୍ୟରେ ଭୁଲିଯାଇ ସେତେବେଳେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିବା ଦଳକୁ ପୁଣି ନିର୍ବାଚିତ କରାଇ ପ୍ରଧାନମନ୍ତ୍ରୀ ପଦ ଅର୍ପଣ କରିଥିଲେ। ଆଜିକାଲି ଆମ ଦେଶ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଦେଇ ଗତି କରୁଛି ବୋଲି ସାଧାରଣରେ ବେଳେବେଳେ ଚର୍ଚ୍ଚା ହେଉଛି। କିନ୍ତୁ ତା' ସତ୍ତ୍ୱେ ଇତିହାସର ପୁନରାବୃତ୍ତି ହେଉଛି। ଅବଶ୍ୟ ଏଥର ବିରୋଧୀଦଳକୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ କରି ଅନେକଟା ନିୟନ୍ତ୍ରଣ ଓ ସନ୍ତୁଳନ ମଧ୍ୟରେ ଲୋକେ ରଖିଛନ୍ତି। ଆମେ ଖୁବ୍ ଶୀଘ୍ର କ୍ଷମା କରିଦେଇଥାଉ। ଏହି ସ୍ୱଭାବ ଅନ୍ୟାନ୍ୟ ଦେଶର ଲୋକଙ୍କ ପାଖରେ ନଥାଏ। ଆମ ଗଣତନ୍ତ୍ରରେ ଯୁକ୍ତିଯୁକ୍ତ। କାରଣ ଆଧାରରେ ନେତା କମ୍ ବାଛିଥାଉ ଏବଂ ଅଧିକାଂଶ କ୍ଷେତ୍ରରେ ଆବେଗବଶତଃ ତାହା କରିଥାଉ। ଯଦି ଆମେ ଆବେଗରେ ଭାସି ଯାଉ ନଥା'ନ୍ତେ ତେବେ ଏହା କିପରି ହେଲା ଯେ ନେହେରୁଜୀ, ଇନ୍ଦିରାଜୀ ଓ ମୋଦିଜୀ ଏତେ ଲୋକପ୍ରିୟ ହୋଇ, ଏତେ ପରିଶ୍ରମ କରି ମଧ୍ୟ ସଂସଦରେ ସେତିକି ଆସନ କେବେ ହେଲେ ପାଇପାରିଲେ ନାହିଁ, ଯେତିକି ଆସନ ରାଜୀବଜୀ ୧୯୮୪ରେ ପାଇଥିଲେ। ସେତେବେଳେ ଲୋକସଭାରେ ୪୧୪ଟି ଆସନ ରାଜୀବଜୀଙ୍କ ନେତୃତ୍ୱରେ କଂଗ୍ରେସ ପାଇଥିଲା। ଆମ ଦେଶରେ ଲୋକସଭାରେ ସବୁଠାରୁ ବଡ଼ ବହୁମତ ସେହି ବର୍ଷ ମିଳିଲା ଯେଉଁବର୍ଷ ଜଣେ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ହେଲା ଓ ତାଙ୍କ ସୁପୁତ୍ର ପ୍ରଧାନମନ୍ତ୍ରୀ ପଦପାଇଁ ପ୍ରାର୍ଥୀ ହେଲେ, ଯାହାଙ୍କ ରାଜନୀତିରେ ପୂର୍ବରୁ କୌଣସି ଅଭିଜ୍ଞତା ନଥିଲା। ଏଥିରୁ ପ୍ରମାଣିତ ହେଉଛି ଯେ ଏ ଦେଶର ଲୋକେ ଆବେଗ ଓ ରାଜନୀତିକୁ ସର୍ବଦା ଯୋଡ଼ିଥା'ନ୍ତି। ଏ

ବ୍ୟକ୍ତିଗତ ମଣିଷ ଓ ଆନୁଷ୍ଠାନିକ ମଣିଷ ଭିତରେ ପାର୍ଥକ୍ୟ ଥାଏ। ଗଣମାଧ୍ୟମ (ଆନୁଷ୍ଠାନିକ ମଣିଷ) ବ୍ୟକ୍ତିଗତ ମଣିଷ ପରି ଜଣେ ସାଧାରଣ ମଣିଷ। କିନ୍ତୁ ତା'କୁ ଅସାଧାରଣ ମଣିଷ କରିପାରେ ଏକମାତ୍ର ତା'ର ଆଦର୍ଶ, ନିରପେକ୍ଷତା ଓ ଦାୟିତ୍ୱବୋଧ। ବ୍ୟକ୍ତି ପ୍ରତି, ସମାଜ ପ୍ରତି ଓ ମାନବତା ପ୍ରତି ସମ୍ମାନ। ଆଜି ମଧ୍ୟ ଆମ ଦେଶରେ ଆଦର୍ଶ, ସ୍ୱଚ୍ଛ, ସଚ୍ଚୋଟ ଓ ନିରପେକ୍ଷ ସମ୍ବାଦଦାତାଙ୍କ ସଂଖ୍ୟା ଖୁବ୍ ବେଶୀ।

ଭୁବନେଶ୍ୱର, ମୋ: ୯୪୩୮୧୬୫୬୬୪

# ଭାରତରେ ଉଦ୍‌ଜାନ ରେଳଗାଡ଼ି

**ଡ. ହେମନ୍ତ କୁମାର ଦାସ**

ଅଧୁନା ଚେନ୍ନାଇର ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ଭାରତୀୟ ରେଳବାଇ ସହଭାଗିତାରେ ଉଦ୍‌ଜାନ ଟ୍ରେନର ପରୀକ୍ଷା ଚାଲୁ ରଖିଛି। ଏହା ପ୍ରଥମେ ହରିୟାନାର ଜିନ୍ଦ-ସୋନିପତ ରେଳପଥରେ ୮୯ କି:ମି ବ୍ୟାପି ରାସ୍ତାରେ ପରୀକ୍ଷାମୂଳକ ଭାବରେ ଚାଲିବାର ଯୋଜନା ଅଛି। ଏହି ପ୍ରକଳ୍ପର ନାମ ରଖାଯାଇଛି 'ନମୋ ଗ୍ରୀନ ରେଳ', ଯାହାର ସର୍ବାଧିକ ବେଗ ୧୧୦ କି:ମି ରହିପାରେ। ଇଞ୍ଜିନର କ୍ଷମତା ୧୨୦୦ ଅଶ୍ୱଶକ୍ତି ରହିବ (ପୃଥିବୀର ସର୍ବାଧିକ) ଏବଂ ଏକାଥରକେ ୨୬୦୦ ଯାତ୍ରୀ ପରିବହନ କରିପାରିବ। ପ୍ରତି ଟ୍ରେନ ପିଛା ପାଖାପାଖି ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ। ପୂର୍ବରୁ ପୃଥିବୀରେ ପ୍ରଥମେ ଜର୍ମାନୀ ୨୦୧୮ ଏବଂ ଚୀନ, ସ୍ୱିଡେନ ଓ ଫ୍ରାନ୍ସ ସହିତ ଏବେ ଆମ ଭାରତ ୫ମ ଦେଶ ଭାବେ ଏହି ଉଦ୍ୟମ ଆରମ୍ଭ କରିଛି।

ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସମସ୍ୟା ହେଲା ବାୟୁ ପ୍ରଦୂଷଣ। ତେଣୁ ରାଷ୍ଟ୍ରସମୂହ ସେମାନଙ୍କ ଦେଶର କାର୍ବନ ନିର୍ଗମନକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ବିଶ୍ୱ ଜଳବାୟୁ ସମ୍ମିଳନୀମାନଙ୍କରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସେହି ଆଧାରରେ ଭାରତ ୨୦୭୦ ସୁଦ୍ଧା କାର୍ବନ ନିର୍ଗମନକୁ ଶୂନ୍ୟସ୍ତରକୁ ଆଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଆମେ ଜାଣିଛେ ଡିଜେଲ ଚାଳିତ ରେଳଗାଡ଼ି ଅପେକ୍ଷା ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ୍ ଅଧିକ ପରିବେଶ ଅନୁକୂଳ। ଅପରପକ୍ଷରେ ବିଦ୍ୟୁତ ଚାଳିତ ଟ୍ରେନ୍ ପାଇଁ ସଂସ୍ଥାନ ନିର୍ମାଣରେ ଖର୍ଚ୍ଚ ଅଧିକ। ବିଦ୍ୟୁତ ଗ୍ରୀଡର କାର୍ଯ୍ୟକାରିତା ଓ ସର୍ବୋପରି ଭୌଗୋଳିକ ପରିସ୍ଥିତିକୁ ବିଚାରକୁ ନେଲେ ଏହା ସେପରି ଲାଭଦାୟକ ହେବ ନାହିଁ। କିନ୍ତୁ ବର୍ତ୍ତମାନର ପରିକଳ୍ପନାରେ ଯଦି ହାଇଡ୍ରୋଜେନ ଫ୍ୟୁଏଲ ସେଲ ବ୍ୟବହାର କରି ଟ୍ରେନ୍ ଚଳାଇବା, ଏହା ପରିବେଶ ଅନୁକୂଳ ହେବା ସହିତ ଉଚ୍ଚ ଶକ୍ତିସମ୍ପନ୍ନ ହେବ। ଜଳ ଓ ଉତ୍ତାପ ସେଲ ପ୍ରକ୍ରିୟାର ମାତ୍ର ଉପଜାତ ଦ୍ରବ୍ୟ। ତେଣୁ ଏ ପ୍ରକାର ପ୍ରକଳ୍ପକୁ ଆମ ଦେଶରେ କାର୍ଯ୍ୟକାରୀ କରି ରେଳଗାଡ଼ି ଚଳାଇବାର ଯୋଜନାର ଲକ୍ଷ୍ୟ ମହତ୍।

ଆମେ ଯାହାକୁ ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ ବୋଲି କହୁ, ତାହା ହାଇଡ୍ରୋଜେନ ଫ୍ୟୁଏଲ ସେଲରୁ ନିର୍ଗତ ବିଦ୍ୟୁତ ଶକ୍ତି ଦ୍ୱାରା ଚାଲିବ। ଏହି ସେଲରେ ଉଦ୍‌ଜାନ ଓ ଅମ୍ଳଜାନ ମିଶି ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ, ଯାହା ରେଳଗାଡ଼ି ଚଳାଇବାରେ ବ୍ୟବହୃତ ହୁଏ। ଉତ୍ତାପ ଓ ପାଣି କେବଳ ଉପଜାତ ପଦାର୍ଥ ହୋଇଥିବାରୁ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା କମ। କେବଳ ଉଦ୍‌ଜାନକୁ ଟରବାଇନ୍ ମଧ୍ୟରେ ଜଳାଇ ଉତ୍ତାପ ଓ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିହେବ। କିନ୍ତୁ ଏହି ପ୍ରକ୍ରିୟାରେ ନାଇଟ୍ରିକ ଅକସାଇଡ ରୂପକ ଏକ ବିଷାକ୍ତ ଗ୍ୟାସ ବାହାରିଥାଏ। କିନ୍ତୁ ପରିବେଶ ଅନୁକୂଳ ପାଇଁ ଆମର ଦରକାର 'ସବୁଜ ଉଦଜାନ'।

ମନରେ ପ୍ରଶ୍ନ ଉଠେ କେତେପ୍ରକାର ଉଦ୍‌ଜାନ ଆମେ ବ୍ୟବହାର କରିଥାଉ? ପ୍ରାକୃତିକ ଗ୍ୟାସ, ଯାହା ମୁଖ୍ୟତଃ ମିଥେନ, ଜଳୀୟ ବାଷ୍ପ ସହିତ ଉଚ୍ଚ ତାପମାତ୍ରା ଓ ଉତପ୍ରେରକ ଅବସ୍ଥିତିରେ ଅଙ୍ଗାରକାମ୍ଳ(ବାୟୁ ପ୍ରଦୂଷକ) ସହିତ ଉଦ୍‌ଜାନ ଗ୍ୟାସ ତିଆରି କରିଥାଏ। ଯାହାକୁ ଆମେ 'ଗ୍ରେ ହାଇଡ୍ରୋଜେନ' ବୋଲି କହିଥାଉ। ଏହା ବର୍ତ୍ତମାନ ବହୁତ ପରିମାଣରେ କଳକାରଖାନାରେ ବ୍ୟବହୃତ। ଉକ୍ତ ପ୍ରଣାଳୀରେ ଯଦି ଆମେ ଅଙ୍ଗାରକାମ୍ଳ ନିର୍ଗମନକୁ ଭୂମି ତଳେ ଭଣ୍ଡାରଣ କରିପାରିବା ତେବେ ନିର୍ଗତ ଉଦ୍‌ଜାନକୁ 'ନୀଳ ଉଦଜାନ' ବୋଲି କହିଥାଉ। କିନ୍ତୁ ଏହା ବ୍ୟୟବହୁଳ ଏବଂ ଏଥିରେ ଅଧିକ ଶକ୍ତି ଅପଚୟ ହୋଇଥାଏ। କିନ୍ତୁ 'ସବୁଜ ଉଦଜାନ' ଜଳର ବିଦ୍ୟୁତ ବିଶ୍ଳେଷଣ ପଦ୍ଧତି ଦ୍ୱାରା ଉତ୍ପନ୍ନ ହୋଇଥାଏ, ଯେଉଁଥିରେ ବିଦ୍ୟୁତଶକ୍ତି ନବୀକରଣ କ୍ଷମ ଉତ୍ସ, ଯେପରିକି ସୂର୍ଯ୍ୟ ଶକ୍ତି ବା ପବନ ଶକ୍ତିରୁ ସଂଗ୍ରହ କରାଯାଏ। ଏଥିରେ କୌଣସି କ୍ଷତିକାରକ ସବୁଜଗୃହ ବାଷ୍ପ ବାହାରେ ନାହିଁ।

ଫ୍ୟୁଏଲ ସେଲ ଏକ ପ୍ରକାର ଯନ୍ତ୍ର, ଯେଉଁଥିରେ ଏକ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ରସାୟନିକ ଶକ୍ତିକୁ ବିଦ୍ୟୁତ ଶକ୍ତିରେ ରୂପାନ୍ତରିତ କରାଯାଏ। ଏଥିରେ ପ୍ରତିକ୍ରିୟାକାରୀ ପଦାର୍ଥ ଉଦଜାନ ସହିତ ଅମ୍ଳଜାନକୁ ଏକ ଜାରଣ ପ୍ରକ୍ରିୟାକାରୀ ପଦାର୍ଥ ରୂପେ ନିଆଯାଏ। ତା' ଛଡ଼ା ସାଧାରଣ ଭାବରେ ପ୍ଲାଟିନମକୁ ଉତ୍‌ପ୍ରେରକ ହିସାବରେ ବ୍ୟବହାର କରି ଜାରଣ-ବିଜାରଣ ପ୍ରକ୍ରିୟାକୁ ତ୍ୱରାନିତ କରାଯାଏ। ବିଭିନ୍ନ ପ୍ରକାର ଉଦଜାନ ଇନ୍ଧନ କୋଷରେ ବିଭିନ୍ନ ପ୍ରକାର ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ବ୍ୟବହାର କରାଯାଏ। ଉଦ୍‌ଜାନକୁ କୋଷର ଆନୋଡ଼ରେ ଛଡ଼ାଯାଏ। ଏଠାରେ ଏହା ଜାରିତ ହୋଇ ପ୍ରୋଟନ ଓ ଇଲେକଟ୍ରନ ସୃଷ୍ଟି କରେ। ଇଲେକଟ୍ରନ ବାହ୍ୟ ବିଦ୍ୟୁତ ପଥରେ ପ୍ରବାହିତ ହୋଇ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ। ପ୍ରୋଟନ ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ମଧ୍ୟରେ ଗତି କରି କାଥୋଡରେ ଅମ୍ଳଜାନ ଓ ବିଦ୍ୟୁତ ପଥରୁ ଇଲେକଟ୍ରନ ଗ୍ରହଣ କରି ଜଳ ଓ ଉତ୍ତାପ ସୃଷ୍ଟି କରେ। ଜଳ କୋଷ ମଧ୍ୟରୁ ବାହାରିଯାଏ। ପ୍ରାକ୍ ପ୍ରସ୍ତୁତ ଓ ଗଚ୍ଛିତ ସବୁଜ ଉଦଜାନ ଓ ବାୟୁରୁ ସଂଗୃହୀତ ଅମ୍ଳଜାନ ଦ୍ୱାରା ଏହି ପ୍ରକ୍ରିୟା ସଂପାଦିତ ହୁଏ।

ସବୁଜ ଉଦଜାନର ବହୁଳ ପ୍ରସ୍ତୁତି ବର୍ତ୍ତମାନ ଦେଶ ସମ୍ମୁଖରେ ଏକ ଆହ୍ୱାନ। ଏହା କିପରି କମ ଖର୍ଚ୍ଚରେ ନବୀକରଣକ୍ଷମ ଉତ୍ସରୁ ତିଆରି କରାଯାଇ ପାରିବ, ତା'ର ପରିକଳ୍ପନା କରାଯାଉଛି। ପରବର୍ତ୍ତି ଅବସ୍ଥାରେ ସମସ୍ୟା ଦେଖା ଦେଇପାରେ ଏହାର ସଂରକ୍ଷଣ ଓ ଉଚ୍ଚ ତାପମାତ୍ରାରେ ଏହାର କାର୍ଯ୍ୟଦକ୍ଷତା ଉପରେ; କାରଣ ଉଦଜାନ ଏକ ଦହନୀୟ ବାଷ୍ପ। ତେଣୁ ପ୍ରଥମ ଅବସ୍ଥାରେ ଭିତ୍ତି ସଂରଚନା ଖର୍ଚ୍ଚ ବେଶୀ ହୋଇପାରେ।

ବର୍ତ୍ତମାନ ଭାରତରେ ଉଦଜାନ ଚାଳିତ ଟ୍ରେନର ଆବଶ୍ୟକତା ଗଭୀର ଭାବରେ ଉପଲବ୍ଧ। ଏ ପ୍ରକାର ଟ୍ରେନର ଶକ୍ତି, କାର୍ଯ୍ୟଦକ୍ଷତା ଡିଜେଲ ଟ୍ରେନଠାରୁ ସାଧାରଣ ଭାବରେ ଅଧିକ। ଏହା ଅଧୁନା ସ୍ଥାୟୀ ଗମନାଗମନ ପଦ୍ଧତିରେ ବିଅଙ୍ଗାରକକରଣ ପାଇଁ ଉତ୍କୃଷ୍ଟ। ତେଣୁ ଏ ପ୍ରକାର ପ୍ରକଳ୍ପର ଅଧିକ ପ୍ରସାର ହେଲେ ଗମନାଗମନ ଓ ସ୍ୱଚ୍ଛ ଅନୁକୂଳ ପରିବେଶ ଦିଗରେ ଆମର ଗତି ଯେ ସନ୍ତୋଷଜନକ ହୋଇପାରିବ, ତାହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୭୬୬୪୦୫

# ବୃକ୍ଷଲତାଙ୍କ ବୁଦ୍ଧିମତ୍ତା

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ବୃକ୍ଷଲତାମାନଙ୍କ ଶାରୀରିକ ବ୍ୟବସ୍ଥା ପ୍ରାଣିଜଗତଠାରୁ ଭିନ୍ନ। ଉଦ୍ଭିଦମାନଙ୍କର ନଥାଏ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥା। ଏଣୁ ସେମାନଙ୍କର ବୁଦ୍ଧିମତ୍ତା ଥିବା କଥା ସହଜେ ବିଶ୍ୱାସ କରିହୁଏନି। ତେବେ ବୈଜ୍ଞାନିକମାନେ ଏବେ କହିଲେଣି ଯେ ବୃକ୍ଷଲତାଙ୍କ ଶାରୀରିକ ଗଠନ ପ୍ରାଣିଜଗତ ପରି ନ ହେଲେ ମଧ୍ୟ କିଛି ମାତ୍ରାରେ ସାମଞ୍ଜସ୍ୟ ରହିଛି। ସେଥିପାଇଁ ସେମାନେ ସଂଗୀତ ପ୍ରତି ପ୍ରତିକ୍ରିୟା ପ୍ରକଟ କରିପାରନ୍ତି ବୋଲି କୁହାଯାଉଛି।

ଏ ବିଶ୍ୱାସ ଆରମ୍ଭ ହୋଇଥିଲା ୧୯୭୩ ମସିହାରେ, ଯେତେବେଳେ କିଛି ଆମେରିକୀୟ କୃଷିବିଜ୍ଞାନୀ ଟମାଟୋ ଫସଲକୁ ଏକ ନିର୍ଦ୍ଦିଷ୍ଟ ସ୍ୱରରେ ସଂଗୀତ ଶୁଣାଇଲେ ତହିଁରେ ଅଧିକ ତଥା ଉନ୍ନତ ମାନର ଫଳ ଫଳେ ବୋଲି ମତ ଦେଇଥିଲେ। ତପ୍ରେ ସେଠାରେ ଉଦ୍ଭିଦ ବିଜ୍ଞାନୀ ଜୋ ଷ୍ଟଲାଙ୍ଗର ପ୍ରକାଶ କଲେ ଏ ସଂପର୍କିତ ପୁସ୍ତକଟିଏ। ଏଥିରେ ସେ ବୃକ୍ଷଲତାମାନଙ୍କର ବୁଦ୍ଧିମତ୍ତା ସମ୍ଭାବନାର ସୂଚନା ଦେଇଛନ୍ତି। ତେବେ ସେଗୁଡ଼ିକ ସହିତ ଏକମତ ହୋଇପାରିନାହାନ୍ତି ଅନେକ ବୈଜ୍ଞାନିକ। ସେମାନେ କହୁଛନ୍ତି ଯେ ମସ୍ତିଷ୍କ ନଥିବା ବୃକ୍ଷଲତାମାନେ ବିଭିନ୍ନ ଉଦ୍ଦୀପନା ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିପାରିବେ? ପୁନଶ୍ଚ ଯଦି ତାଙ୍କର ବୁଦ୍ଧିମତ୍ତା ଥାଏ ତେବେ ତା'ର କ୍ରିୟାବିଧି କ'ଣ?

ଏହାର ଜବାବରେ ଜୋ ଏବଂ ତାଙ୍କ ସମର୍ଥକମାନେ କହିଛନ୍ତି ଯେ ବୃକ୍ଷଲତାମାନଙ୍କର ମାଧ୍ୟାକର୍ଷଣକୁ ଅନୁଭବ କରିବା ଶକ୍ତି ରହିଛି। ସେଥିପାଇଁ ସେଗୁଡ଼ିକର ଚେର ଭୂମି ତଳକୁ ଏବଂ ଶାଖା ପ୍ରଶାଖା ଉପରେ ଆଡ଼କୁ ବଢ଼ିଥାଏ। କୌଣସି ସ୍ଥାନରୁ କାଟି ଦେଲେ ଯନ୍ତ୍ରଣା ଅନୁଭବ କଲା ଭଳି ତାଙ୍କର ଶରୀରର ଜୈବରସାୟନ ତତ୍‌କ୍ଷଣାତ୍ ବଦଳିଯାଏ। ପୁନଶ୍ଚ ବୃକ୍ଷଲତାମାନେ ବିଭିନ୍ନ ଧ୍ୱନିର ଆବୃତ୍ତି ଏବଂ କମ୍ପନ ଅନୁଭବ କରିପାରନ୍ତି, ସତେଯେପରି ସେମାନଙ୍କର କାନ ଅଛି। ଏଣୁ ଶଂବାଳୁଆଟିଏ ପତ୍ର ଖାଇଲା ବେଳେ ତହିଁରୁ ଉତ୍ପନ୍ନ ଧ୍ୱନିକୁ ସେମାନେ ଅନୁଭବ କରିପାରନ୍ତି ଏବଂ ସେ ସମ୍ପର୍କରେ ସୂଚନା ପଡ଼ୋଶୀମାନଙ୍କୁ ଦେଇପାରନ୍ତି। ପୁନଶ୍ଚ ଖାଦକର ଆକ୍ରମଣରୁ ନିଜକୁ ସୁରକ୍ଷା ଦେବା ପାଇଁ ବୃକ୍ଷଲତାମାନେ ନିଜ ନିଜର କୀଟାଣୁନାଶକ ମଧ୍ୟ ଉତ୍ପନ୍ନ କରନ୍ତି। ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣି ସେମାନେ ପରାଗରେଣୁକୁ ବିମୁକ୍ତ କରି ଦେଲା ବେଳେ ଘଡ଼ଘଡ଼ିର ଶବ୍ଦ ଶୁଣିଲେ ବର୍ଷା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି। ସମ୍ଭବତଃ ସେମାନଙ୍କ ପତ୍ରରେ ଥିବା କେଶ ସଦୃଶ ଟ୍ରାଇକୋମସ୍‌ଗୁଡ଼ିକ ଆଣ୍ଟେନା ଭଳି ଏଥିରେ ସହାୟତା କରନ୍ତି।

ବୃକ୍ଷଲତାମାନେ କେବଳ ଯେ ଶୁଣି ପାରନ୍ତି, ତା'ନୁହେଁ। ସେମାନେ କଥା କହି ମଧ୍ୟ ପାରନ୍ତି। ତାଙ୍କ ଦ୍ୱାରା ପରସ୍ପର ମଧ୍ୟରେ 'ସୋନାର' ଧ୍ୱନି ଭଳି କିଛି ଶବ୍ଦଭିତ୍ତିକ ଭାଷା ଦ୍ୱାରା ବାର୍ତ୍ତାଳାପ ହୁଏ ବୋଲି ମନେକରାଯାଏ। ଏହାବ୍ୟତୀତ ସେମାନେ ରାସାୟନିକ ସୂଚନା ମଧ୍ୟ ଆଦାନପ୍ରଦାନ କରନ୍ତି। ବୃକ୍ଷଲତାମାନଙ୍କର ମନେ ରଖିବାର ଶକ୍ତି ବି ରହିଛି। ପରାଗସଂଗମକାରୀ କୀଟ ଗତଥର କେତେବେଳେ ଆସିଥିଲା ତାହା ମନେରଖି ସେହି ସମୟରେ ତାଙ୍କ ପରାଗରେଣୁଗୁଡ଼ିକ ବିମୁକ୍ତ ରଖନ୍ତି। ପୁନଶ୍ଚ ଅଧିକାଂଶ ଗଛଲତା ବିଭିନ୍ନ ଋତୁର ଆଗମନ କଥା ମଧ୍ୟ ମନେ ରଖି ସେହି ସମୟରେ ଫୁଲଫଳ ଧାରଣ କରନ୍ତି। ବୃକ୍ଷଲତାମାନଙ୍କର ସାମାଜିକ ଜୀବନ ମଧ୍ୟ ରହିଛି। ତନ୍ମଧ୍ୟରୁ କେତେକ ନିଜ ପ୍ରଜାତି ପ୍ରତି ଆପଣାପଣ ପ୍ରଦର୍ଶନ କରନ୍ତି। ଉପକାରୀ କୀଟମାନଙ୍କ ଆଗମନ ସମ୍ପର୍କରେ ପରସ୍ପର ମଧ୍ୟରେ ରାସାୟନିକ ଓ ଅନ୍ୟାନ୍ୟ ସୂଚନାମାନ ଆଦାନପ୍ରଦାନ କରନ୍ତି। ଅତଏବ ବୃକ୍ଷଲତା ସେହି ଅନୁଯାୟୀ ବିଭିନ୍ନ ସ୍ତରରେ ନିଜକୁ ପ୍ରସ୍ତୁତ କରିନିଅନ୍ତି।

ଏହିଭଳି ବିବିଧଗୁଣକୁ ଏକତ୍ର ରଖି ବିଚାରକୁ ନେଲେ ବୃକ୍ଷଲତାମାନଙ୍କର କିଛିମାତ୍ରାରେ ବୁଦ୍ଧିମତ୍ତା ଥିବାର ମନେହୁଏ। ତେବେ ତାହାର ରୂପରେଖ ଏବଂ କାର୍ଯ୍ୟବିଧି ଆମଠାରୁ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କଠାରୁ ଭିନ୍ନ। ସେଗୁଡ଼ିକ ସଂପୂର୍ଣ୍ଣ ଅଲଗା କ୍ରିୟାବିଧି ଉପରେ ପର୍ଯ୍ୟବସିତ। ତେବେ ଏହାର ଗୁପ୍ତତଥ୍ୟଗୁଡ଼ିକର ଉନ୍ମୋଚନ ଲାଗି ଏବେ ପ୍ରୟାସ ଜାରି ରହିଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ

# ସରକାର ନେତୃତ୍ୱର ଭ୍ରୂଣହତ୍ୟା କରୁଛନ୍ତି: ଭକ୍ତ

ଭୁବନେଶ୍ୱର, ୮।୯ (ସମିସ): ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ, ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ। ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ, ସିଏ ଦେଶ ପାଇଁ ଚିନ୍ତା କରେ। ମାତ୍ର ସରକାର ଛାତ୍ର ନିର୍ବାଚନ ବନ୍ଦ କରି ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ ସେ ନିଜେ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ତେଣୁ ଛାତ୍ରସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହ ଭାଇଚାରାର ପୁନଃପ୍ରତିଷ୍ଠା କରିବାକୁ ସେ ଦାବି କରିଛନ୍ତି।

ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡ଼ିଶାଳ। ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡ଼ବଡ଼ ନେତା ସୃଷ୍ଟି ହୋଇଛନ୍ତି। ସେମାନେ ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି। କେବଳ ରାଜନୀତିକୁ ଯଦି ଧରାଯାଏ, କଂଗ୍ରେସ ଦଳ ଏକାଧିକ ପ୍ରତିଷ୍ଠିତ ରାଜନେତା ସୃଷ୍ଟି କରିଛି। ଜାନକୀବଲ୍ଲଭ ପଟ୍ଟନାୟକ, ଶ୍ରୀବଲ୍ଲଭ ପାଣିଗ୍ରାହୀ, ନିରଂଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ପଞ୍ଚାନନ କାନୁନଗୋ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ



କ୍ୟାମ୍ପସ ରାଜନୀତିରୁ ଆସିଥିବା ବେଳେ ପଞ୍ଚାନନ କାନୁନଗୋ, ସ୍ୱର୍ଗୀୟ ଲୁଲୁ ମହାପାତ୍ର ମଧ୍ୟ ଛାତ୍ର ରାଜନୀତିରୁ ଆସିଥିଲେ। ସେହିପରି ବାଣୀବିହାର ନିର୍ବାଚନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ଲଢ଼େଇ ଆଜି ମଧ୍ୟ ଓଡ଼ିଶା ଛାତ୍ର ରାଜନୀତିର ଚର୍ଚ୍ଚିତ ଅଧ୍ୟାୟ ଭାବେ ଗଣାଯାଏ। ବିଜେଡିରେ ଅରୁଣ ସାହୁଙ୍କ ବ୍ୟତୀତ ପ୍ରତାପ ଜେନା ଓ ରାଜା ସ୍ୱାଇଁଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ଛଡ଼ା, ସୁରେଶ ପୂଜାରୀ ଓ ମନମୋହନ ସାମଲଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି।

ଛାତ୍ର ସଂସଦ ନିର୍ବାଚନ ବିଷୟରେ ଠିକଣା ସମୟରେ ନିଷ୍ପତ୍ତି ନେବୁ ବୋଲି ଶିକ୍ଷାମନ୍ତ୍ରୀ କହିଥିଲେ। ଗତବର୍ଷ ଠିକଣା

### ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି କଲା ଦଳ

ସମୟ ପାଇଥିଲେ, କିନ୍ତୁ କିଛି କଲେନି। ଦଶହରା ଛୁଟି ପୂର୍ବଦିନ ନିର୍ବାଚନ ହୁଏ, ସମୟ ପାଖେଇ ଆସିଲାଣି, ହେଲେ ଶିକ୍ଷା ବିଭାଗ କାହିଁକି କୌଣସି ପଦକ୍ଷେପ ନେଉନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ. ମନୀଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

# ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ: ନବୀନ

ଭୁବନେଶ୍ୱର, ୮।୯ (ସମିସ): ବରିଷ୍ଠ ବିଜେଡି ନେତା, ନୂଆପଡ଼ାରୁ ୪ ଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କର ସୋମବାର ମୃତ୍ୟୁ ଘଟିଛି। ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଶ୍ରୀ ଢୋଲକିଆ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି 'ଏକ୍ସ'ରେ ଗଭୀର ଦୁଃଖ ପ୍ରକାଶ କରି ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ଢୋଲକିଆଙ୍କ ଅସମୟର ସ୍ୱର୍ଗବାସ ପାଇଁ ସେ ଶୋକସନ୍ତପ୍ତ ପରିବାରବର୍ଗ ଓ ନୂଆପଡ଼ାବାସୀଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଏକ୍ସ'ରେ ଉଲ୍ଲେଖ କରି କହିଛନ୍ତି ଯେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକ ବାର୍ତ୍ତାରେ ଉଲ୍ଲେଖ କରି କହିଛନ୍ତି ଯେ ଦଳର ବରିଷ୍ଠ ରାଜନେତା, ନୂଆପଡ଼ାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ଜନସେବାରେ ତାଙ୍କର କାର୍ଯ୍ୟ ସବୁବେଳେ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏମାନଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ-

### ଶଙ୍ଖ ଭବନ ଓ କଂଗ୍ରେସ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା

ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ବିଧାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତଥା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶୋକପ୍ରକାଶ କରିଛନ୍ତି।

ଅପରପକ୍ଷେ ଶ୍ରୀ ଢୋଲକିଆଙ୍କ ବିୟୋଗରେ ସୋମବାର ଶଙ୍ଖ ଭବନରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅମର ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ବିଜେଡି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି। ସେହିପରି ପିସିସି କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେପାଳ ଅଶାନ୍ତ...

ଅଭିଯାନ ଚଳାଇଥିବା ବେଳେ ଏହାର ମୁକାବିଲା କରିବାକୁ ଯାଇ ସରକାର ଫେସବୁକ, ହ୍ୱାଟସ୍‌ଆପ୍ ଓ ଏକ୍ସ ଭଳି ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଇଛନ୍ତି। ଗତ ୩ ତାରିଖରେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ, ହ୍ୱାଟ୍ସଆପ୍, ଏକ୍ସ ସମେତ ୨୬ଟି ସାମାଜିକ ଗଣମାଧ୍ୟମ ସାଇଟ୍‌କୁ ନିଷିଦ୍ଧ କରିଦେଇଥିଲେ। ସରକାର ଯୁକ୍ତି କରିଥିଲେ ଯେ ଏହି ଗଣମାଧ୍ୟମ ପଞ୍ଜୀକରଣ ହୋଇନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସ୍ୱରକୁ ଚପାଇବା ଲାଗି ସରକାର ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇଥିବା ଯୁବଗୋଷ୍ଠୀ ଅଭିଯୋଗ କରିବା ସହିତ ସରକାରଙ୍କ ଏଭଳି ଆଭିମୁଖ୍ୟରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଯାହାକି ଆଜି ବିସ୍ଫୋରକ ହୋଇପଡ଼ିଥିଲା। ଜେନ୍- ଜେଡ୍ ଅର୍ଥାତ ଜେନେରେସନ ଜେଡ୍ ଗୋଷ୍ଠୀ ଟିକ୍‌ଟକ୍ ଜରିଆରେ ଜନମତ ସୃଷ୍ଟି କରି ଆଜି ବଡ଼ ଧରଣର ବିକ୍ଷୋଭର ଆୟୋଜନ କରିଥିଲା। ୧୮ ରୁ ୩୦ ବର୍ଷ ବୟସ୍କ ଯୁବ ବର୍ଗଙ୍କୁ ଜେନ ଜେଡ୍ ଗୋଷ୍ଠୀ ଗଠିତ ହୋଇଛି। ଆଜି ସକାଳେ ୧୨ ହଜାର ଊର୍ଦ୍ଧ୍ୱ ଯୁବ ବିରାଟ ରାଲିରେ ଆସି ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପୁଲିସ ବାରିକେଡ୍ ଭାଙ୍ଗି ସଂସଦ ଭବନ ଭିତରକୁ ପଶିଯାଇଥିଲେ। ନେପାଳ ଇତିହାସରେ ପ୍ରଥମଥର ପାଇଁ ବିକ୍ଷୋଭକାରୀମାନେ ସଂସଦ ପରିସରରେ ପଶିଛନ୍ତି। ଏହା ପରେ ବିକ୍ଷୋଭ ଉଗ୍ରରୂପ ଧାରଣ କରିଥିଲା। ପ୍ରଦର୍ଶନକାରୀମାନେ ସଂସଦ ଭବନର ୧ ଓ ୨ ନଂ ଗେଟ୍‌କୁ କବ୍‌ଜାକୁ ନେଇଥିଲେ। ଏହାକୁ ଦେଖି ସଂସଦ ଭବନ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟସ୍ଥ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଥିଲା।

ଆନ୍ଦୋଳନକାରୀମାାନେ ପୁଲିସ ଉପରକୁ ପଥର ମାଡ କରିଥିଲେ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ପୋଷ୍ଟର ଚିରି ଦେଇଥିଲେ ଓ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। 'ଦୁର୍ନୀତି ବନ୍ଦ କର, ସାମାଜିକ ଗଣମାଧ୍ୟମ ନୁହେଁ' ବୋଲି ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ବିଦେଶରେ ରହୁଥିବା ନେପାଳ ଯୁବକମାନେ ମଧ୍ୟ ଏହି ଆନ୍ଦାଳନକୁ ସମର୍ଥନ କରିଛନ୍ତି। ତେବେ ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଇଁ ସରକାର ସାମାଜିକ ଗଣାଧ୍ୟମଗୁଡ଼ିକ ଉପରେ ଜାରି କରାଯାଇଥିବା ନିଷେଧାଦେଶକୁ ଉଠାଇ ଦେଇଛନ୍ତି। ତେବେ ସତର୍କତା ପଦକ୍ଷେପ ସ୍ୱରୂପ ନେପାଳ ସୀମାରେ ଥିବା ବିହାରର ୭ଟି ଜିଲ୍ଲାର ସୀମାକୁ ସିଲ୍ କରିଦିଆଯାଇଛି। ପରିସ୍ଥିତିର ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ବରିଷ୍ଠ ମନ୍ତ୍ରୀମାନଙ୍କ ସହିତ ସେନାଧ୍ୟକ୍ଷ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ଗୃହ ମନ୍ତ୍ରୀ ରମେଶ ତାଙ୍କ ପଦରୁ ଇସ୍ତଫା ଘୋଷଣା କରିଥିଲେ।

### ଉପରାଷ୍ଟ୍ରପତି ନିର୍ବାଚନ...

୨୧ ତାରିଖରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାପରେ ଏହି ନିର୍ବାଚନ ଜରୁରୀ ହୋଇପଡ଼ିଛି।

ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଯଦି ସମସ୍ତ ବିରୋଧୀ ସାଂସଦ ସେମାନଙ୍କ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦିଅନ୍ତି, ତାହାହେଲେ ପରାଜିତ ପ୍ରାର୍ଥୀ ହିସାବରେ ରେଡ୍ଡୀଙ୍କୁ ସର୍ବାଧିକ ଭୋଟ୍ ମିଳିବ। ଏହାପୂର୍ବରୁ ପରାଜିତ ପ୍ରାର୍ଥୀ ସୁଶୀଲ କୁମାର ସିନ୍ଧେଙ୍କୁ ସର୍ବାଧିକ ୩୦୫ ଭୋଟ୍ ମିଳିଥିଲା। ସେହିଭଳି ବିଜୟୀ ପ୍ରାର୍ଥୀ ହିସାବରେ ଧନଖଡ଼ ସର୍ବାଧିକ ୫୨୮ ଭୋଟ୍ ପାଇଥିବା ବେଳେ ଭେଙ୍କିୟା ନାଇଡୁ ୫୧୬ ଭୋଟ୍ ପାଇଥିଲେ। ଏହି ଦୃଷ୍ଟିରୁ ବିଜୟୀ ପ୍ରାର୍ଥୀଙ୍କୁ ଏଥର କେତେ ଭୋଟ୍ ମିଳିବ ତାହା ଉପରେ ସମସ୍ତଙ୍କର ନଜର ରହିଛି।

### ମତଦାନରୁ ବିରତ...

ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବନାହିଁ। ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ବଦା କାମ କରି ଆସିଛି। ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି। ଆବଶ୍ୟକ ସ୍ଥଳେ କେନ୍ଦ୍ରରେ ଶାସନରେ ଥିବା ମେଣ୍ଟକୁ ବିଜେଡି ପ୍ରସଙ୍ଗ ଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି।

ଅତୀତରେ ୨୦୧୨ ମସିହାରେ ବିଜେଡି ସମାନ ଭାବେ ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିଥିଲା। ୨୦୧୭ ମସିହା ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ ଅଣ-ଏନଡିଏ ପ୍ରାର୍ଥୀ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ବିଜେଡି ସମର୍ଥନ ପ୍ରଦାନ କରିଥିଲା। ୨୦୨୨ ମସିହାରେ ଦଳ ଏନଡିଏ ପ୍ରାର୍ଥୀ ଜଗଦୀପ ଧନକଡ଼ଙ୍କୁ ସମର୍ଥନ ଦେଇଥିଲା।

### ପରଲୋକରେ ବିଧାୟକ...

ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନେ ଶୋକ ପ୍ରକାଶ କରିଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆଜି ଶଙ୍ଖଭବନରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ବିଜେଡି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି। ସେହିପରି ପିସିସି କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି।

ଶ୍ରୀ ଢୋଲକିଆ ୨ ବର୍ଷ ହେବ ହୃଦ୍ ଏବଂ କିଡନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତେବେ ଖରାପ ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ ସେ ସବୁପ୍ରକାର ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ସିଧାସଳଖ ସଂପୃକ୍ତ ରହୁଥିଲେ। ଗତ ୨ ମାସ ଧରି ଚେନ୍ନାଇର ଏମ୍‌ଜିଏମ ହସପିଟାଲରେ ସେ ଚିକିତ୍ସାଧୀନ ଥିଲେ। ଗତ ମାସ ୨୫ ତାରିଖରେ ତାଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯାଇଥିଲା। କିଛି ଦିନ ପରେ ତାଙ୍କର କିଡ଼ନୀ ପ୍ରତ୍ୟାରୋପଣ ମଧ୍ୟ କରାଯିବାର ଥିଲା। ତେବେ ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେଧୀରେ ଖରାପ ହେବାରେ ଲାଗିଥିଲା। ଶେଷରେ ସୋମବାର ପୂର୍ବାହ୍ନରେ ସେ ସବୁଦିନ ପାଇଁ ଆଖିବୁଜିଥିଲେ। ଅନ୍ତିମଶଯ୍ୟା ନିକଟରେ ସ୍ତ୍ରୀ କଳ୍ପନା ଢୋଲକିଆ, ପୁଅ ଜୟ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ବୋହୂ ସୁମନ, ଅମିତ, ଭଉଣୀ ହର୍ଷିତା ପ୍ରମୁଖ ଉପସ୍ଥିତ ଥିଲେ। ମୃତଦେହକୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଏଠାକୁ ଆଣିବାର ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟ, ଶ୍ରୀ ଢୋଲକିଆ ଏକାଧାରରେ ଜଣେ ସମାଜସେବୀ, ବ୍ୟବସାୟୀ ଏବଂ ସଫଳ ରାଜନେତା ଥିଲେ। ସେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ, ହୃଦୟବାନ ଥିଲେ। ସମାଜସେବା ତାଙ୍କର ଏକ ପ୍ରକାର ନିଶା ରହିଥିଲା। ସେ ସ୍କୁଲ ଏବଂ କଲେଜ ଜୀବନରେ ଜଣେ ଭଲ ଖେଳାଳି ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ କରିଥିଲେ। ୧୯୯୦ରେ ସେ ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷ ଭାବେ ପ୍ରଥମ ରାଜନୈତିକ ସଫଳତା ପାଇଥିଲେ। ପରେ ୨୦୦୪ ମସିହାରେ ବିଧାନସଭା ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ନିର୍ଦ୍ଦଳୀୟ ଭାବେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ପରେପରେ ୨୦୦୯, ୨୦୧୯ ଏବଂ ୨୦୨୪ରେ ବିଜେଡି ଟିକଟରେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ଗତ ନବୀନ ସରକାର ସମୟରେ ୨୦୨୨ରେ କ୍ୟାବିନେଟ୍ ମନ୍ତ୍ରୀ ପଦରେ ରହି ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ।

### ୧୧ରୁ ବଢ଼ିବ...

ରହିବାର ସମ୍ଭାବନା ରହିଛି। ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬୩ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୯୨ ମିମି ତୁଳନାରେ ବର୍ଷାର ପରିମାଣ ୩ ପ୍ରତିଶତ କମ୍ ରହିଛି। ମୋଟ୍ ୮ ଟି ଜିଲ୍ଲାରେ ବର୍ଷାର ସ୍ଥିତି ନିଅଣ୍ଟିଆ ରହିଥିବା ବେଳେ ୬ ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

ଅନ୍ୟପଟେ ମୁଣ୍ଡଳୀରେ ଜଳସ୍ତର କମିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡଳୀରେ ୪ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ରବିବାର ମୁଣ୍ଡଳୀରେ ସର୍ବାଧିକ ୬ ଲକ୍ଷ ୨୬ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। ସେହି ପାଣି ବର୍ତ୍ତମାନ ଜଗତସିଂହପୁର, ପୁରୀ ଆଦିକୁ ପ୍ରବେଶ କରୁଛି। ତେଣୁ ଏହା ପ୍ରଭାବରେ କିଛି କିଛି ପାଣି ବଢ଼ିବ। ସେଠାରେ ଧୀରେଧୀରେ ବନ୍ୟାଜଳ ହ୍ରାସ ପାଇବ। କଣାସର ପଠା ଅଞ୍ଚଳରେ କିଛି ପ୍ରଭାବିତ ହେବ। ବର୍ଷାର ପରିମାଣ ମଧ୍ୟ ବିଶେଷ ଅନୁଭୂତ ହୋଇନାହିଁ। ତେଣୁ ରାଜ୍ୟର ସବୁ ନଦୀରେ ଜଳସ୍ତର ହ୍ରାସ ପାଇଛି ଓ କୌଣସି ସ୍ଥାନରେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

### 'ଉତ୍କଳ' ହଷ୍ଟେଲ୍‌ରୁ...

ବିଶ୍ୱବିଦ୍ୟାଳୟ ପ୍ରଶାସନ ସହ ୭ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ୨୦ଜଣ ଅଫିସର ଉଚ୍ଛେଦ କାମରେ ମୁତୟନ ହୋଇଥିଲେ। ପୂର୍ବରୁ ହଷ୍ଟେଲ୍‌କୁ ବିଜୁଳି ଓ ପାଣି ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଅଣଛାତ୍ରମାନେ ରାତିଅଧିଆ କୁଳପତିଙ୍କ ବାସଭବନ ଘେରିଥିଲେ। ଘରକୁ ପଥର ମାରିବା ସହ ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ। ଏଣୁ ଉଚ୍ଛେଦ ବେଳେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ୍ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା।

୧ ନମ୍ବର ହଷ୍ଟେଲ ପାଇଁ ଏସିପି ଅଭିମନ୍ୟୁ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨ ନମ୍ବର ହଷ୍ଟଲ ପାଇଁ ମାନସ ରଞ୍ଜନ ପ୍ରଧାନ, ୩ମ୍ବର ହଷ୍ଟେଲ ପାଇଁ ବିଶ୍ୱଜିତ ମନବୋଧ ଓ ୫ନମ୍ବର ପାଇଁ ଏସିପି ବିଜୟ ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସିପି ମୁଖ୍ୟାଳୟରେ ଥିବା ଡିସିପି ଅନୁପ କାନୁନଗୋଙ୍କୁ ପୁଲିସ ବ୍ୟବସ୍ଥାକୁ ତଦାରଖ କରିଥିଲେ। ବ୍ୟାପକ ପୁଲିସ୍ ସୁରକ୍ଷା ସହିତ ପ୍ରଥମେ ଫକୀରମୋହନ ଛାତ୍ରାବାସର ଜବରଦଖଲ ହୋଇଥିବା ୮୦ରୁ ଅଧିକ ରୁମ୍‌କୁ ଖାଲି କରାଯାଇଥିଲା। ପରେ ମଧୁସୂଦନ ଛାତ୍ରାବାସର ୩୦ଟି, ଗୋପବନ୍ଧୁ ଛାତ୍ରାବାସର ୨୩ଟି ଏବଂ ଆଚାର୍ଯ୍ୟ ହରିହର ଛାତ୍ରାବାସରେ ଜବରଦଖଲ ହୋଇଥିବା ରୁମ୍‌କୁ ଅଣଛାତ୍ରଙ୍କ କବ୍‌ଜାରୁ ମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ରୁମ୍‌ଗୁଡ଼ିକରୁ ବହୁ ନିଶାଦ୍ରବ୍ୟ ସେବନ ସାମଗ୍ରୀ ସହ ପାଠ୍ୟକ୍ରମ ସହିତ ଜଡ଼ିତ ନଥିବା ଦ୍ରବ୍ୟ ବାହାରିଛି। ହେଲେ ସେସବୁକୁ ନେବା ପାଇଁ କେହି ନ ଆସିବାରୁ ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଉଚ୍ଛେଦ ପରେ କୁଳପତି ପ୍ରଫେସର ଦଣ୍ଡପାଟ କହିଛନ୍ତି ଯେ ଏଣିକି ହଷ୍ଟେଲ୍‌ଗୁଡ଼ିକରେ ଥିବା ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ବନ୍ଦ କରାଯିବ। କେବଳ ଗୋଟିଏ ପ୍ରବେଶ ପଥରେ ଯିବା ଆସିବା କରିବା ସହ କଡ଼ାକଡ଼ି ଯାଞ୍ଚ କରାଯିବ। ୨୪ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ଉପରେ ମଧ୍ୟ ସେମାନେ ବିଚାର କରୁଛନ୍ତି। ଖାଲି ହୋଇଥିବା ରୁମ୍‌ଗୁଡ଼ିକୁ ପ୍ରଥମେ ମରାମତି କରାଯିବ। ପରେ ଛାତ୍ରଙ୍କୁ ଆବଣ୍ଟନ କରାଯିବ। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଅଣଛାତ୍ରଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତବରଣ ନଷ୍ଟ ହେଉଥିଲା। ବିଭିନ୍ନ ରାଙ୍କିଙ୍ଗ୍ ମଧ୍ୟ ତଳକୁ ଖସୁଥିଲା। ଏହାସହ କ୍ୟାମ୍ପସ୍ ଓ ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବାହାର କରିବା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲା। ଏସବୁକୁ ଦୃଷ୍ଟିରେ ରଖି ତଦାରଖ କରିବାକୁ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନିଆଯାଇଛି।

ପୁନଃ ଅଣଛାତ୍ରମାନେ ହଷ୍ଟେଲ୍‌ରେ ଆଡ୍ଡା ଜମାଇବାର ଆଶଙ୍କା ଥିବାରୁ ପୁଲିସ୍ ଆଗୁଆ ସଜାଗ ହୋଇଛି। ବିଦା ହୋଇଥିବା ଅଣଛାତ୍ରମାନେ ଯଦି ପୁଣିଥରେ ହଷ୍ଟଲରେ ରହିବାକୁ ଚେଷ୍ଟା କରନ୍ତି ବା ରହୁଥିବା ଜଣାପଡ଼ିଲେ, ସିଧା ସେମାନଙ୍କୁ ଗିରଫ କରାଯିବ ବୋଲି ଏସିପି ବିଶ୍ୱରଞ୍ଜନ ସେନାପତି ଚେତାବନୀ ଦେଇଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ କୁଳସଚିବ ସ୍ୱାତୀ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ମିତାଲି ଚିନାରା, ହଷ୍ଟେଲ୍ ୱାର୍ଡେନ୍ ପ୍ରଫେସର୍ କବୀର ସେଠୀଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସାମିଲ ଥିଲେ।

### କୃଷି ଅଧିକାରୀ, ପାକ୍ସ...

ସମିତିର କର୍ମଚାରୀଙ୍କୁ ଚାଷୀ ତାଲା ପକାଇ ଦେଇଥିଲେ। ଖବର ପାଇ ସଇଁତଳା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ କୃଷି ଅଧିକାରୀ ଓ ସମବାୟ ସମିତି କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ସେହିଭଳି ଭଦ୍ରା ପ୍ରାଥମିକ ସମବାୟ ସମିତିକୁ ସାର ଆସିଥିବା ଖବର ପାଇ ସୋମବାର ସକାଳ ପ୍ରାୟ ୪ଟାରୁ ଚାଷୀ ଆଧାର କାର୍ଡ ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ; ହେଲେ ଚାଷୀଙ୍କୁ ଦେଖି ପେକ୍ସ ସମ୍ପାଦକ ମନୋଜ ସାହୁ ପଳାଇଥିଲେ। ୪ ଘଣ୍ଟା ପରେ ଆସିବାରୁ ସାର ପାଇଁ ସମବାୟ ସମିତି ସାମ୍ନାରେ ଅପେକ୍ଷା କରିଥିବା ଚାଷୀ ଉତ୍ତେଜିତ ହୋଇ ଉଠିଥିଲେ। ଶ୍ରୀ ସାହୁ ଘୁନସର ସମବାୟ ସମିତିର ସମ୍ପାଦକ। ଏହାସହ ସେ ଭଦ୍ରା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଘୁନସର ଚାଷୀଙ୍କ ପାଇଁ ସାର ଆସିନି; ହେଲେ ଘୁନସର ଗାଁର ପାଖାପାଖି ୩୦ ଜଣ ଚାଷୀଙ୍କୁ ଭଦ୍ରା ସମବାୟ ସମିତିରୁ ସାର ଦିଆଯାଇଛି। ଏହାକୁ ନେଇ ଭଦ୍ରା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଖବର ପାଇ ବଡ଼ମାଲ ଫାଣ୍ଡି ପୁଲିସ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ଅନ୍ୟପକ୍ଷେ ଗଣ୍ଡପତ୍ରାପାଲି ସମବାୟ ସମିତିରେ ୩୦୦ରୁ ଅଧିକ ବସ୍ତା ସାର ଆବଶ୍ୟକ ପଡୁଛି; ହେଲେ ୧୮୦ ବସ୍ତା ସାର ମହଜୁଦ୍ ଅଛି। ଏଣୁ ଚାଷୀଙ୍କୁ ସାର ପ୍ରଦାନ କରାଯାଇନି। ସମ୍ପୂର୍ଣ୍ଣ ଭାବେ ସାର ଆସିଲେ ସବୁ ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ସମବାୟ ସମିତି ସଂପାଦକ ସରୋଜ ଖେତି ଚାଷୀଙ୍କୁ କହିଛନ୍ତି। ଏହା ସହ ସେ କିଛି ଚାଷୀଙ୍କଠୁ ସାର ପାଇଁ ଆଗୁଆ ଟଙ୍କା ନେଇଥିବା କେତେକ ଚାଷୀ କହିଛନ୍ତି। ବୁଢ଼ାବାହାଲ ଓ ସଇଁତଳା ସମବାୟ ସମିତିରେ ମଧ୍ୟ ସାର ବଣ୍ଟନ ବେଳେ ଉତ୍ତେଜନା ଦେଖା ଦେଇଥିଲା।

### ଗୋଲାମୁଣ୍ଡା-କେଗାଁ...

ସମବାୟ ସମିତିକୁ ୫୦୦ ପ୍ୟାକେଟ୍ ୟୁରିଆ ଆସିଥିବାବେଳେ ହଜାର ହଜାର ସଂଖ୍ୟାରେ ଚାଷୀ ସକାଳ ୫ରୁ ଅପେକ୍ଷା କରିଥିଲେ। ବହୁ ସଂଖ୍ୟକ ଚାଷୀଙ୍କୁ ଦେଖି ୟୁରିଆ କମ ଥିବାରୁ ଚପ୍ରିଆ ସେବା ସମବାୟ ସମିତି ପକ୍ଷରୁ ଅସମର୍ଥ ପ୍ରକାଶ ପାଇଥିଲା। ଫଳରେ ଚାଷୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏଥିରେ ଅବରୋଧରେ ଚପ୍ରିଆ, କେଗାଁ, ଖଲିଆପାଲି, ସିନାପାଲି, ନୂଆଗାଁ ଆୟତର ହଜାର ହଜାର ଚାଷୀ ସାମିଲ ହୋଇଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate Jharbandh, Dist.- Bargarh dated 6th September 2025, CF No. 02, I Paramananda Sahu, S/o- Late Kailash Sahu, resident of Vill.- Kotana, Po./Ps.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Podman Sahu** to **Padman Sahu**. Henceforth he will be known as **Padman Sahu** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 04, I Sadananda Mahar, S/o- Sankirttan Mahar, resident of village- Kotana, PO/PS- Jharbandh, Dist.- Bargarh, Pin-768042 hereby declares that , I have changed my minor son's name from **Sankar Rana** to **Sankar Mahar**. Henceforth he will be known as **Sankar Mahar** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 01, I Basista Hans, S/o- Late Krushna Hans, resident of Vill.- Kotana, PO/PS-Jharbandh, Dist.- Bargarh, Pin- 768042 hereby declares that, I have changed my minor son's name from **Laxmi Hans (DOB- 28.07.2016)** to **Omprakash Hans (DOB- 29.07.2016)**. Hence he will be known as **Omprakash Hans** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate,Jharbandh, Dist.- Bargarh dated 6th September 2025, CF No. 03, I Dhabalesh Bhoi, S/o- Udan Singh Bhoi, resident of Vill.- Kotana, PO/PS.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Hiteswar Bhoi** to **Chiteswar Bhoi**. Henceforth he will be known as **Chiteswar Bhoi** for all future purposes.

**AFFIDAVIT**

By virtue of an affidavit SL.No.-9, dtd. 30.08.2025 before the Executive Magistrate, Keonjhar, I Gitanjali Naik have changed my name from Gita Naik to Gitanjali Naik. Henceforth I shall be known as Gitanjali Naik instead of Gita Naik for all purposes.

**Sd/- Gitanjali Naik**

**AFFIDAVIT**

I, Shital Kumari Padia, aged about 28 years, W/o- Rajaram Chandgotia, resident of Ward No. 9, Rairangpur, PO/PS- Rairangpur, Dist- Mayurbhanj, PIN:757043, Odisha declared by this affidavit No. 423, dtd- 08/09/2025 that now onwards I shall be known as Shital Chandgotia for all future purposes.

**AFFIDAVIT**

I, B Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 1827, dtd- 08/09/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, vide CF No.- 129, dated: 06/09/2025. I, Jagannath Dakua, S/o- Subasa Dakua, resident of At/Po- B. Kotibadi, Via- Surada, Dist- Ganjam Pin- 761108, declare that I have changed my name from **JAGA DAKUA** (old Name) to **JAGANNATH DAKUA** (new Name). Henceforth, I shall be known as **JAGANNATH DAKUA** for all purposes.

**Jagannath Dakua**

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chndrika Mali. Henceforth She will be known as Chandrika Mali for all purposes.

**Sd/- Sanu Mali**

**AFFIDAVIT**

By virtue of an affidavit no 5405 Swarn before the Executive Magistrate, Champua on dated- 08/09/2025. I, **Manmatha Nayak,** S/o- Gobardhan Nayak Resident of At- Hrudurampur, Po- Bankia, Ps- Champua, Dist-Keonjhar, Odisha, Pin- 758044 declare that I have changed my name from **Manamohan Nayak** (old name) to **Manmatha Nayak** (new name). Henceforth, I shall be known as **Manmatha Nayak,** S/o- Gobardhan Nayak for all future purposes.

**Manmatha Nayak**

**AFFIDAVIT**

By virtue of an affidavit No. 2452, sworn before the Executive Magistrate Sukinda, Jajpur, dated- 3/09/2025. I, **Raghunath Mallik,** resident of Vill-Olia, Po- Ampolaba, Ps- Sukinda, Block- Sukinda, Dist- Jajpur, Odisha, Pin-755018 declare that I have changed my minor son name from **Romiya Mallik** (old name) to **Romio Mallik** (new name). Henceforth, he shall be known as **Romio Mallik**, S/o- Raghunath Mallik for all future purposes.

**Raghunath Mallik**

**AFFIDAVIT**

By virtue of an affidavit No.8886, dtd. 17.11.2021 before the Notary Public, Sambalpur, I, Surajeet Mitra, have changed my minor daughter's name from Preeyasi Mitra to Viana Mitra. Henceforth She will be known as Viana Mitra for all purposes.

**Sd/- Surajeet Mitra**

**AFFIDAVIT**

I, **Suryakant Nayak** holder of Passport number Y7817234, aged about 45 years, S/o- Dinabandhu Nayak, resident of Plot No. K-8/642, Kalinga Nagar, Ps- Bharatpur, Bhubaneswar, Dist- Khurda, Pin- 751029, Odisha declare that I have changed my minor daughter's name holding passport number V6138449, from **YASHITA NAYAK** to **YASHIKA NAYAK**, vide affidavit No.1806, dtd. 04/09/2025, that now onwards she shall be known as **YASHIKA NAYAK** for all future purposes.

**AFFIDAVIT**

I, Madan Guha, aged about 50 years, S/o- Late Mantosh Kumar Guha, resident of Kalimandir Road, Jharsuguda, PO- Kalimandir Road, PS/Dist- Jharsuguda, Odisha declared by this affidavit No. 4690/25, dtd- 08/09/2025 that now onwards I shall be known as **MADAN KUMAR GUHA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Astarang, CF No. 1324, on dated 08/07/2025, I **SURYAKANTA SAHOO**, S/o Purandar Sahoo resident of Village At- Kuhudi Samil Bastadiha, Po/Ps - Astaranga, Dist- Puri, State- Odisha declare that I have changed my minor son's name from **KRISHNA SAHOO** to **RAJKISHORE SAHOO.** Henceforth, he shall be known as **RAJKISHORE SAHOO** for all future purposes.

Sd- **SURYAKANTA SAHOO**

CAD-1700

RAJENDRA UNIVERSITY
PRAJNA VIHAR, BALANGIR-767002, ODISHA (INDIA)
e-mail:rejendrauniversitybar@gmail.com

No. 1310/ RUB    Date 08.09.2025

**QUOTATION / TENDER CALL NOTICE**

The sealed tenders are hereby invited from interested firms/ agencies/ private individuals. Applications should reach to the Registrar, Rajendra University, Balangir-767002 latest by 25.9.2025 at 11 AM for further details please visit district website:balangir.odisha.gov.in and this university website: rajendrauniversity.ac.in

OIPR-11141/11/0010/2526

Sd/- Registrar

**AFFIDAVIT**

I, Sumit Singal, aged about 32 years, S/o- Sushil Kumar Khemka, resident of Ward No-6, Khariar Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1827, dtd. 07/09/2025, that now onwards I shall be known as **SUMIT SINGHAL** for all future purposes.

## ରାଜ୍ୟପାଳଙ୍କ ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତ

# କଫି ବୋର୍ଡରେ କଫି ଚାଷୀଙ୍କ ସହ ଆଲୋଚନା




କୋରାପୁଟ,୮।୯(ସମିସ): ରାଜ୍ୟପାଳ ଡ. ହରିବାବୁ କୁମ୍ଭମପଟି ଦୁଇଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ସୋମବାର ପହଞ୍ଚିଛନ୍ତି। ଜୟପୁର ବିମାନ ବନ୍ଦରରେ ଅବତରଣ କରିବା ପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜୟପୁର ବିମାନ ବନ୍ଦରରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଜୟପୁର ଉପ ଜିଲ୍ଲାପାଳ ଆକ୍କାଭରମ ଶଶ୍ୟା ରେଡ଼ି ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଅପରାହ୍ନରେ କୋରାପୁଟ କଫି ବୋଡର୍‌ରେ ପହଞ୍ଚି କଫି ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ଦରବାରରେ କୋରାପୁଟ କଫି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ କୋରାପୁଟ ଜିଲ୍ଲାରେ ୯୦ ପ୍ରତିଶତ ଅଞ୍ଚଳରେ କଫି ଚାଷ ହେଇ ପାରିବ। ତେଣୁ ଏହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କଫି ଚାଷ କରି ଆଦିବାସୀ ଚାଷୀ ସ୍ୱାବଲମ୍ବୀ ହୋଇଛନ୍ତି। ଆଗକୁ କୋରାପୁଟ କଫି ବଜାରକୁ କିଭଳି ବ୍ୟାପକ କରାଯିବ ସେନେଇ ଅଧିକାରୀ ମାନଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। କୋରାପୁଟ କଫି ବୋଡର୍‌ରେ ପରିଭ୍ରମଣ କରି କଫି ଗଛ ଦେଖିବା ସହ କୋରାପୁଟ କଫି ସ୍ୱାଦର ମଜା ନେଇଥିଲେ ରାଜ୍ୟପାଳ। ଏହି ଅବସରରେ କୋରାପୁଟ କଫି ବୋର୍ଡ ଅଧିକାରୀ ଉପେନ୍ଦ୍ର କୁମାର ଝା ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଦାମନଯୋଡି ନାଲ୍‌କୋ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ନାଲକୋ ନବରତ୍ନ ଠାରୁ ମହାରତ୍ନରେ ରୁପାନ୍ତରିତ ହେବାକୁ ପ୍ରସ୍ତୁତି ହେଉଥିବା ବେଳେ ଏହାର ସ୍ଥିତି ପଚାରି ବୁଝିବା ସହ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ପଚାରି ବୁଝିଥିଲେ। ପରେ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ଭେଷେଜ ମହାବିଦ୍ୟାଳୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ପଚାରି ବୁଝିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲା ସହିଦ୍ ଲକ୍ଷ୍ମଣ ନାୟକ ଭେଷେଜ ମହାବିଦ୍ୟାଳୟ ନିର୍ଭରଶୀଳ ଥିବା ବେଳେ ଏହାର ଭିତ୍ତିଭୂମି ସୁଦୃଢ଼ ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଏକମାତ୍ର ଲକ୍ଷ୍ୟ ରଖିବାର ଆବଶ୍ୟକତା ଥିବା ରାଜ୍ୟପାଳ ମତ ରଖିଥିଲେ। ପରେ ହାଲ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ପରେ କୋଟସ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ। ଏଥି ସହ ମୁଦ୍ରା ହିତାଧିକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀ ମାନଙ୍କ ସହ ଆଲୋଚନା କରଥିଲେ। ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ବୈଠକରେ ବିଧାୟକ ରଘୁରାମ ମାଛ, ରୂପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବର ଏବଂ ଅନ୍ୟାନ୍ୟ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମୋବାଇଲ ଦୋକାନରୁ ଚୋରି

## ସିସି କ୍ୟାମେରା ହାର୍ଡଡିସ୍କ ନେଇଗଲେ

ବିଷମ କଟକ, ୮।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ଥାନାରେ ଗତ ବିଳମ୍ବିତ ରାତିରେ ନେତାଜୀ କ୍ଲବ ପାଖରେ ଥିବା ଏକ ମୋବାଇଲ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ କଳାକନା ବୁଲେଇ ଦେଇଛନ୍ତି। ଦୋକାନ ଭିତରେ ରଖା ଯାଇଥିବା ଲକ୍ଷ୍ୟାଧିକ ଟଙ୍କାର ନାମୀଦାମୀ ମୋବାଇଲ ଚୋରି ହୋଇଛି। ଦୋକାନରେ ଲାଗିଥିବା ସିସି କ୍ୟାମେରାରେ ଚୋରମାନଙ୍କ ଭିଡିଓ କଏଦ ହୋଇଥିବାରୁ ଚୋରମାନେ ଚତୁରତାର ସହ ସିସି କ୍ୟାମେରା ଭାଙ୍ଗିବା ସହ ହାର୍ଡଡିସ୍କକୁ ସାଙ୍ଗରେ ନେଇ ଚାଲିଯାଇଛନ୍ତି। ମୋବାଇଲ ଦୋକାନଟି ବିଷମ କଟକ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଏବଂ ନେତାଜୀ କ୍ଲବ କଡର ମୁଖ୍ୟ ରାସ୍ତାରେ ରହିଛି। ମୁଖ୍ୟ ରାସ୍ତାରୁ ଏଭିଳି ଚୋରି ହୋଇଥିବାରୁ ପୁଲିସର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ। ସୂଚନା ଅନୁଯାୟୀ, ଆଜି ସକାଳେ ଦୋକାନ ମାଲିକ ଅରୁଣା ପାତ୍ର ଦୋକନ ଖୋଲିବାକୁ ଆସିଥିବା ବେଳେ ଦୋକାନର ଦୁଇଟି ତାଲା ଭଙ୍ଗା ହୋଇଥିବା ସହ କବାଟ ଖୋଲାଥିବା ଦେଖିଥିଲେ। ଏ ନେଇ ଦୋକାନ ମାଲିକ ବିଷମ କଟକ ପୁଲିସକୁ ଖବର ଦେଇଥିଲେ। ଖବର ପାଇବା ପରେ ବିଷମ କଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଦୋକାନ ମାଲିକ କହିବା ମୁତାବକ ଦୋକନ ରୁ ୨୨ଟି ନାମୀ ଦାମି ମୋବାଇଲ ସହିତ ୪୦୦୦ ଟଙ୍କା ନଗଦ ଟଙ୍କା ଏବଂ ସିସି



କ୍ୟାମେରା ହାର୍ଡ ଡିସ୍କ ନେଇ ଯାଇଛନ୍ତି। ୨୨ଟି ମୋବାଳର ମୂଲ୍ୟ ୪ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନି କୁକୁର ସହାୟତା ନେଇ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ ସୂଚନା ଦେଇଛନ୍ତି। ବିଷମ କଟକ ପୁଲିସ ତରଫରୁ ରାତ୍ରି ପାଟ୍ରୋଲିଂ ହେଉଥିଲେ ସୁଦ୍ଧା ମୁଖ୍ୟ ରାସ୍ତାକଡ଼ ଦୋକାନରୁ ଚୋରି ହେବା ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି। ମୁଖ୍ୟ ରସ୍ତାରେ ଏଭଳି ଚୋରି ହେବା ଘଟଣା ଚାରିଆଡେ ଖେଳିଯିବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



ଚନ୍ଦ୍ରପୁର, ୮।୯(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଜାରପା କ୍ଲଷ୍ଟର ଅନ୍ତର୍ଗତ କୋଡିସୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗଣଶିକ୍ଷା ବିଭାଗର ପତ୍ର ଅନୁସାରେ ଗତ ୫ ତାରିଖରେ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଲଷ୍ଟରର ୧୬ ଗୋଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଡେଡିକେଟେଡ ଶିକ୍ଷକ ଉପସ୍ଥିତ ଥିଲେ। ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଯଶୋବନ୍ତ କୁମାର ତୁଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଭିଭାଷଣରେ କହିଥିଲେ ଶିଶୁବାଟିକା, ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ଯଦି ଆମେ ସଠିକ୍ ଭାବରେ ଶିକ୍ଷାଦାନ ଦେବା ତେବେ ସେମାନେ ଆଗାମୀ ଦିନରେ ଜଣେ ଜଣେ ସୁ-ଶିକ୍ଷାର୍ଥୀ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଯୋଗ ଦେଇଥିଲେ। ଜାରପା କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଭାପତିତ୍ୱ କରିଥିଲେ। ଏହି ମାସିକ ବୈଠକରେ ବିଦ୍ୟାଳୟର ଉନ୍ନତି ତଥା ଛାତ୍ର ଛାତ୍ରୀ ମାନଙ୍କୁ କିପରି ଗୁଣାଂକ ମାନର ଶିକ୍ଷା ପ୍ରଦାନ କରାଯିବ ତାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଉକ୍ତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ବିପଦସଂକୁଳ ଅବସ୍ଥାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

ରାମନାଗୁଡ଼ା,୮।୯(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟନିକଟରେ୨୦୦୦ମସିହାରେ ଏକ ସରକାରୀ କୋଠା ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ମାଓବାଦୀଙ୍କ ହିଂସାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ନିମନ୍ତେ ସିଆରପିଏଫ ମାନଙ୍କୁ ସେଠାରେ ଅବସ୍ଥାପିତ କରାଯାଇଥିଲା। କିଛି ବର୍ଷ ପରେ ନକ୍ସଲଙ୍କ ଗତିବିଧି ହ୍ରାସ ପାଇଥିବାରୁ ସିଆରପିଏଫ ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପରେ ଉକ୍ତ କୋଠାଟି ଖାଲି ଅବସ୍ଥାରେ ରହିଥିଲା। ଶିକ୍ଷା ବିଭାଗ ପକ୍ଷରୁ ୨୦୧୪ ମସିହା ଏପ୍ରିଲ ମାସ ୧ ତାରିଖ ଠାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଭାବେ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପାଞ୍ଚ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରି ଚାଲି ଯାଇଥିବା ବେଳେ ବର୍ତ୍ତମାନ ଏହି କୋଠାଟି ୨୫ ବର୍ଷ ଅତିକ୍ରମ କରି ସାରିଲାଣି। କୋଠା ଛାତରୁ ଖଣ୍ଡ ଖଣ୍ଡ ହୋଇ ସିମେଣ୍ଟ ଖସୁଥିବା ସହ ଲୁହା ଛଡ଼ ଦେଖା ଯାଉଥିବା ଦେଖିବାକୁ ମିଳିଛି। ବର୍ଷା ହେଲେ ଛାତରୁ ପାଣି ଗଳୁଛି। ବିଭିନ୍ନ ସମୟରେ ଅଫିସ କାର୍ଯ୍ୟ କିମ୍ବା ବୈଠକ ନିମନ୍ତେ ଏଠାକୁ ନିୟମିତ ଭାବରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆସୁଛନ୍ତି। ଏହି କାର୍ଯ୍ୟାଳୟରେ ମାସର ବିଭିନ୍ନ ସମୟରେ ବୈଠକ ଅନୁଷ୍ଠିତ ହୋଇଥାଏ। ଯାହାକୁ ନେଇ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ବାଧ ହେଉଥିବା ଜଣାପଡ଼ିଛି। ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶିକ୍ଷା ବିଭାଗ ସମାଧାନ କରିବାକୁ ଦାବି ହେଉଛି।

## ● ମିଟ୍ସରେ ଦୀକ୍ଷାରମ୍ଭ

# କ୍ୟାରିୟର ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ପରାମର୍ଶ




ରାୟଗଡ଼ା,୮।୯(ସମିସ): ମଝିଘରିଆଣି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ) ଶିଳ୍ପ ତାଲିମ କେନ୍ଦ୍ରରେ ଆଜି ଏହାର କ୍ୟାମ୍ପସରେ ଆଇଟିସି ପ୍ରଥମ ବର୍ଷର ଛାତ୍ରଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ତଥା ଦୀକ୍ଷାରମ୍ଭ ୨୦୨୫ ଆୟୋଜନ ହୋଇଥିଲା।। କାର୍ଯ୍ୟକ୍ରମକୁ ସିଟିସି ଭୁବନେଶ୍ୱର ସମ୍ପ୍ରସାରଣ କେନ୍ଦ୍ର, ରାୟଗଡ଼ାର ପ୍ରଭାରୀ ସନ୍ତୋଷ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମଞ୍ଚରେ ମିଟ୍ସର ନିର୍ଦ୍ଦେଶକ ଡକ୍ଟର ସି.ଭି. ଗୋପୀନାଥ ଏବଂ ମିଟ୍ସ ଆଇଟିସିର ପ୍ରିନ୍ସିପାଲ୍ ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ। ଡକ୍ଟର ଗୋପୀନାଥ ସ୍ୱାଗତ ଭାଷଣରେ ନୂତନ ଭାବରେ ପ୍ରବେଶ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଗାଯୋଗ ଦକ୍ଷତା, ଦକ୍ଷତା ପ୍ରମାଣପତ୍ର ଏବଂ କ୍ୟାରିୟର ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ। ସେମାନଙ୍କୁ ରାୟଗଡ ଜିଲ୍ଲା ଏବଂ ଏହାର ଆଖପାଖରେ ପ୍ରସିଦ୍ଧ ସରକାରୀ, ସରକାରୀ କ୍ଷେତ୍ର ଏବଂ ନାଲ୍‌କୋ, ହାଲ, ବେଦାନ୍ତ, ଆଦିତ୍ୟ ବିର୍ଲା ଗ୍ରୁପ, ଇମ୍ଫା ଏବଂ ଜେକେ ପେପର ଲିମିଟେଡ ସମେତ ପ୍ରତିଷ୍ଠିତ ଘରୋଇ କମ୍ପାନୀଗୁଡ଼ିକରେ ସୁଯୋଗ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସନ୍ତୋଷ ସ୍ୱାଇଁ, ଦକ୍ଷତା ବିକାଶ କ୍ଷେତ୍ରରେ ତାଙ୍କର ବିପୁଳ ଅଭିଜ୍ଞତାକୁ ବ୍ୟବହାର କରି, ଛାତ୍ରଛାତ୍ରୀମାନଙ୍କୁ ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରିବାକୁ, ଶୃଙ୍ଖଳିତ ରହିବାକୁ ଏବଂ ସେମାନଙ୍କ ପସନ୍ଦିତ କ୍ଷେତ୍ରରେ ସଫଳ ହେବା ପାଇଁ ବିଭ୍ରାନ୍ତିକୁ ଏଡାଇବାକୁ ପ୍ରେରଣା ଦେଇଥିଲେ। ପ୍ରାଧ୍ୟାପକ ପ୍ରମୋଦ କୁମାର ସାହୁ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କୁ ମିଟ୍ସ ଆଇଟିସିର ସମ୍ବଳକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବାକୁ ଏବଂ ସେମାନଙ୍କ ବୈଷୟିକ କ୍ୟାରିୟର ପାଇଁ ଦୃଢ଼ ମୂଳଦୁଆ ନିର୍ମାଣ କରିବାକୁ ପ୍ରେରଣା ଦେଇଥିଲେ। ମିଟ୍ସ ଆଇଟିସିର ବରିଷ୍ଠ ଅଧ୍ୟାପକ ଶିବ ପ୍ରସାଦ ମହାଉତିଙ୍କ ଦ୍ୱାରା ପ୍ରସ୍ତାବିତ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ



ମୁନିଗୁଡା,୮।୯(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବଦଳା ଠାରେ ଦୀର୍ଘ ବର୍ଷ ଧରି ଚାଲୁରହିଥିବା ପବିତ୍ର ଦୂର୍ଗା ପୂଜା ପାଇଁ ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦାରେ ମାଟି ଅନୁକୂଳ ସହ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ବିପିନ ବିହାରୀ କର ଓ ଅକ୍ଷୟ କୁମାର ରଥଙ୍କ ଦ୍ୱାରା ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ ସହ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ଚଳିତ ମାସ ୨୨ତାରିଖରୁ ଆରମ୍ଭ ହେବାକୁ ଯାଉଛି ଦଶହରା ପୂଜା। ଦୀର୍ଘ ୧୦ ଦିନ ଧରି ଏହି ପୂଜା ଉତ୍ସବକୁ ବେଶ ଧୂମ ଧାମରେ ପାଳିଥାନ୍ତି ଅମ୍ବାଦଳା ବାସୀ। ପରମ୍ପରା ମୁତାବକ ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦାରେ ମା'ଙ୍କ ମୃଣ୍ମୟ ମୂର୍ତ୍ତୀ ତିଆରି ପାଇଁ ଶୁଭ ମାଟି ଅନୁକୂଳ କରାଯାଇଛି। ଏହି ଶୁଭ ଖୁଣ୍ଟି ସ୍ଥାପନ ଅବସରରେ କର୍ତ୍ତା ଭାବେ ଭି.ସୁରେଶ ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ ଦୁର୍ଗା ପୂଜା କମିଟି ସଭାପତି ସନ୍ତୋଷ ପାତ୍ର, ସମ୍ପାଦକ ବିଦ୍ୟାଧର ସାହୁଙ୍କ ସମେତ ସ୍ଥାନୀୟ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହି,ଜଗନ୍ନାଥ ପ୍ରସାଦ, ଦେବି ପ୍ରସାଦ ମୁଖାର୍ଜୀ, ସନ୍ତୋଷ ଆଚାରୀ, ବିନୋଦ ସାହୁ, ରବି ଦଳେଇ, ସୁବାସ ସେନାପତି, ଶ୍ରୀଧର ସାହୁ, ଜି. ମୁରଲୀ ମୋହନ, ଦଇତାରୀ ନାୟକ, ବାବୁଜୀ ବାଗ, କେ.ପରମେଶ୍ୱର ରାଓ, ମୁକୁନ୍ଦ ତ୍ରିପାଠୀ, ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମା' ମାର୍କମା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ



ବିଷମ କଟକ,୮।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ଆଜି ଜାତୀୟ ସେବା ଯୋଜନା ଭାଗ ୧ ପୁରୁଷ' ଦ୍ୱାରା ଓରେଣ୍ଟେଟେନେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ନୂତନ ଭାବରେ ୧୦୦ ଜଣ ସ୍ୱେଚ୍ଛାସେବକ ପଞ୍ଜିକୃତ ହୋଇଛନ୍ତି। ମାର୍କମା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ପଣ୍ଡା ସେବାର ମୂଲ୍ୟବୋଧ ବିଷୟରେ ସ୍ୱେଚ୍ଛାସେବକ ମାନଙ୍କୁ ଅବଗତ କରାଇଥିଲେ। ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଓଡ଼ିଆ ଅଧ୍ୟାପିକା ଦୀପ୍ତି ରାଣୀ ମିଶ୍ର ଏନଏସ୍‌ଏସ୍ ଦ୍ୱାରା ବ୍ୟକ୍ତିତ୍ୱ କିପରି ବିକାଶ କରିହେବ ଏହାକୁ ଆଲୋଚନା କରିଥିଲେ। ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଇଂରାଜୀ ଅଧ୍ୟାପକ ସଞ୍ଜୟ କୁମାର ତ୍ରିପାଠି ଏନଏସ୍ ଏସ୍ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ନିରଞ୍ଜନ ପାଢ଼ୀ ଏନଏସ୍ ଏସ୍ କିପରି ଉଚ୍ଚ ଶିକ୍ଷା କ୍ଷେତ୍ରରେ ସାହାଯ୍ୟ କରିଥାଏ ତାହା ଆଲୋଚନା କରିଥିଲେ। ପୂର୍ବତନ ଏନଏସ୍‌ଏସ ଅଧ୍ୟାପକ ସୁଧି ସାଗର ପରିଚ୍ଛା ଏନଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥଲେ। କାର୍ଯ୍ୟକ୍ରମ ଅଧିକାରୀ ଅନନ୍ତ ଡଙ୍ଗ୍ରି ସଭାକୁ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




ରାୟଗଡ଼ା,୮।୯(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ସୋମବାର ଦିନ କୋତାପେଟା କ୍ଲଷ୍ଟରର ସରକାରୀ ଉଚ୍ଚ ବିଦ୍ୟାଳୟ ବିରନାରାୟଣପୁର ଠାରେ ଅନୁଷ୍ଠତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ହୁଇକା , ରାୟଗଡ଼ା ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ବିଦ୍ୟାଧର ସେଠି, ବଳଭଦ୍ର ହିମିରିକା, ଗଣେଶ୍ୱର ରାଓ, ଅରକ୍ଷିତ ପାଟିକା, ରମେଶ ଦାସ, ରମେଶ ସାହୁ, ଲାଡି ରମେଶ, ରୋହିତ ଭୋଇ ଜି ଗୋପାଳ କ୍ରିଷ୍ଣା, ସୌମ୍ୟା ପ୍ରିୟଦର୍ଶିନୀ ବିରୋ, ମଧୁସ୍ମିତା ଖୁଣ୍ଟିଆ, ଆରତୀ ବିଡ଼ିକା, କୋତାପେଟା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଗ୍ରାମ ବେହେରା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଙ୍ଗଲି ତଦୀଙ୍ଗି, ସହକାରୀ ଶିକ୍ଷକ ମନୋରଞ୍ଜନ ମିଶ୍ର ଓ ବିଦ୍ୟାଳୟର ସଭାପତି ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗ୍ରାମ ପରିଭ୍ରମଣ କରି ସାକ୍ଷରତା ଉପରେ ସ୍ଲୋଗାନ ମାଧ୍ୟମରେ ସଚେତନତା ଓ ଆହ୍ୱାନ କରାଯାଇଥିଲା।

# ରାୟଗଡ଼ାରେ ବିଶ୍ୱ ସାକ୍ଷରତା ଦିବସ




ରାୟଗଡ଼ା,୮।୯(ସମିସ): ସେପ୍ଟେମ୍ବର ୮ ତାରିଖରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ରାୟଗଡ଼ା ଜିଲ୍ଲାରେ ପାଳନ କରାଯାଇଛି। ପ୍ରତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ରାଲି କରି ନିରକ୍ଷରତାକୁ ଦୂର କରିବା ପାଇଁ ଆହ୍ୱାନ ଦିଆଯାଇଛି। ସେହିପରି ପ୍ରତ୍ୟେକ ବ୍ଲକରେ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଜାନଲାଲ ମାଝି ଓ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୀପକ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛବିଲାଲ ସିଂ, ଜିଲ୍ଲା ପ୍ରଶିକ୍ଷଣ ଓ ତାଲିମ କେନ୍ଦ୍ର, ବିଷମକଟକର ଅଧ୍ୟକ୍ଷ ଜଗନ୍ନାଥ ମେହେର ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା ଭୋଇ ଯୋଗ ଦେଇଥିଲେ। ପ୍ରାରମ୍ଭିକ ଭାଷଣରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ରାୟଗଡ଼ା ବିଶ୍ୱ ସାକ୍ଷରତା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ସାକ୍ଷରତା ହାରକୁ ବୃଦ୍ଧି କରିବା ପାଇଁ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସିଆରସିସି ସଦାନନ୍ଦ ନାୟକ ସମସ୍ତ ଅତିଥି ବୃନ୍ଦ, ଶିକ୍ଷକ/ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଏସଏସଡି ବିଦ୍ୟାଳୟ

# ଶିକ୍ଷକ ଆବଶ୍ୟକ ୧୦, ଅଛନ୍ତି ୪




ଗୁଡାର,୮।୯(ସମିସ): ଗୁଡ଼ାରୀରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଉଦ୍‌ଘାଟନ ଦିନ ଠାରୁ ଆଜି ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦ ପୁରଣ ହୋଇ ନ ଥିବା ବେଳେ ପ୍ରାୟ ଦୁଇବର୍ଷ ହେଲାଣି ଭାରପ୍ରାପ୍ତ ଭାବେ ମନୋଜ ଗମାଙ୍ଗ କାର୍ଯ୍ୟଭାର ତୁଲାଇ ଆସୁଥିଲେ। ଶ୍ରୀ ଗମାଙ୍ଗଙ୍କ ଦେହାନ୍ତର ପ୍ରାୟ ମାସେ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭାରପ୍ରାପ୍ତ ଦାୟିତ୍ୱ ବିଦ୍ୟାଳୟର କୌଣସି ଶିକ୍ଷକଙ୍କୁ ଦିଆଯାଇନାହିଁ। ପଦ ଖାଲି ପଡ଼ି ରହିଥିବା ଯୋଗୁଁ ବିଦ୍ୟାଳୟରେ ଛାତ୍ରୀ ଏବଂ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବ ଦେଖାଦେଇଛି। ବିଦ୍ୟାଳୟରେ ମୋଟ ୧୦ ରୁ ୧୨ଜଣ ଶିକ୍ଷକ ଆବଶ୍ୟକ । କିନ୍ତୁ ଶିକ୍ଷକ ଅଛନ୍ତି ମାତ୍ର ୪ ଜଣ। ଏ ନେଇ ଅତିରିକ୍ତ ଦାୟିତ୍ୱରେ ଥିବା ଗୁଣପୁର ମଙ୍ଗଳ ଅଧିକାରୀ ଶ୍ରୀ ଗଙ୍ଗାଧର ବେହେରାଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି, ଦୁଇ ଦିନ ମଧ୍ୟରେ ଭାରପ୍ରାପ୍ତ ପଦ ପୂରଣ କରାଯିବା ସହ ଶିକ୍ଷକ ଅଭାବି ଦୂର କରିବା ପାଇଁ ଉପରିସ୍ଥ ଅଧିକାରୀ ସହ ଆଲୋଚନା କରାଯାଇଛି । କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବା ସହ ତୁରନ୍ତ ସମାଧାନ ପାଇଁ ଅଭିଭାବକ ଏବଂ ସାଧାରଣରେ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



କୋଲନରା/ରାୟଗଡ଼ା,୮।୯(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ସଭାଗୃହ ଠାରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୬୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୪୨ଟି ବ୍ୟକ୍ତିଗତ, ୨୧ଟି ସାମୂହିକ ଦରଖାସ୍ତ ଓ ୩ଟି ମେଡିକାଲ ଦରଖାସ୍ତ ପଞ୍ଜିକରଣହୋଇଥିଲା।ରେଡ଼କ୍ରସ ପାଣ୍ଠିରୁ ୩ ଜଣଙ୍କୁ ୪୦,୦୦୦ ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୌର ହରି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥୀ ସୋରେନ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ଶିବିର ପରିଚାଳନା କରିଥିଲେ।

## ଯୁବକଙ୍କୁ ଛୁରା ମାଡ଼

ଜୟପୁର,୮।୯(ସମିସ): ଜଣେ ଯୁବକଙ୍କୁ ଛୁରାମାଡ଼ ନେଇ ଜୟପୁର ସଦରଥାନାରେ ଅଭିଯୋଗ ହୋଇଛି। ଏହି ଛୁରାମାଡ଼ରେ ୫ଜଣ ସଂଶ୍ଳିଷ୍ଟ ରହିଥିବା ନେଇ ଯୁବକଙ୍କ ପୁଅ ମୁକେଶ ଖରା ଲିଖିତ ଅଭିଯୋଗ କରିଛନ୍ତି। ମାମଲା ଅନୁଯାୟୀ, ଗତ କାଲି ସଂଧ୍ୟା ୭ଟା ସମୟରେ ଅଭିଯୋଗକାରୀ ମୁକେଶଙ୍କ ପୁଅ ଚନ୍ଦ୍ରଶେଖର ଖରା ଏବଂ ତାଙ୍କ ଅନ୍ୟ ୪ଜଣ ସାଙ୍ଗ ସ୍ଥାନୀୟ ସତିଗୁଡା (ୟେଲୋ ଡ୍ୟାମ୍)କୁ ବୁଲିବାକୁ ଯାଇଥିଲେ। ସେଠାରେ ପୂର୍ବରୁ ରହିଥିବା ୫ଜଣ ଯୁବକ ସହ ପୀଡିତ ଯୁବକ ଏବଂ ତାଙ୍କ ସାଙ୍ଗ ସାଥିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଉଭୟଙ୍କ ଦଳ ମଧ୍ୟରେ ବଚସା ହୋଇଥିଲା। ବିରୋଧି ପକ୍ଷରୁ ହତ୍ୟା କରିବାକୁ ଧମକ ଦେବା ସହ ମାଡ ମାରିଥିଲେ। ପ୍ରତିପକ୍ଷ ଏହାକୁ ପ୍ରତିରୋଧ କରିବାକୁ ଅଭିଯୁକ୍ତ ଯୁବକଙ୍କ ମଧ୍ୟରେ ସ୍ୱରାଜ ପାଡୀ ହଠାତ ଏକ ଛୁରା ବାହର କରିବା ସହ ଆକ୍ରମଣ କରିଥିଲେ। ଏଥିରେ ଚନ୍ଦ୍ରଶେଖରଙ୍କ କାନରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ଖବର ପାଇ ପୀଡିତଙ୍କ ପିତା ତଥା ଅଭିଯୋଗକାରୀ ମୁକେଶ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେତେବେଳେ ଯୁବକ ମାନେ ୨ଟି ବାଇକରେ ଫେରାର ହୋଇଯାଇଥିଲେ। ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

### ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅବହେଳା ଅଭିଯୋଗ

# ପାଇଖାନାରେ ପ୍ରସବ କଲେ ମହିଳା

କାଲିମେଳା,୮।୯(ସମିସ):ଅସହାୟ ଅବସ୍ଥାରେ ପାଇଖାନାରେ ପ୍ରସବ କଲେ ମହିଳା। ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗଣ୍ଡାଗଣ୍ଡା ସ୍ୱାସ୍ଥ୍ୟ କର୍ମଚାରୀ ଥିବା ସତ୍ତ୍ୱେ ପାଇଖାନାରେ ପ୍ରସବ କଲେ ମହିଳା। ହସ୍ପିଟାଲ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।



ସୂଚନା ମୁତାବକ ନାଲାଗୁଣ୍ଟି ଗ୍ରାମର ଜଣେ ମହିଳା ସୋମବାର ସକାଳେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ପାଇଁ ଆଡମିଟ ହୋଇଥିଲେ। ମହିଳା ଜଣଙ୍କ ଗର୍ଭ ଯନ୍ତ୍ରଣା ପାଇଁ କଷ୍ଟ ପାଉଥିବା ବେଳେ ନିଜେ ନିଜେ କଷ୍ଟ ମଷ୍ଟେ ପାଇଖାନା ପାଖରେ ପହଞ୍ଚିଥିଲେ। ତାଙ୍କ ସହ କୌଣସି ମେଡ଼ିକାଲ କର୍ମଚାରୀ ଯାଇନଥିବା ବେଳେ ଅଚାନକ ସେ ଗର୍ଭ ଯନ୍ତ୍ରଣା ପାଇଁ ପାଇଖାନା ପାଖରେ ପହଞ୍ଚି ସେଠାରେ ପ୍ରସବ କରି ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲେ। ପାଇଖାନାରେ ତାଙ୍କୁ ଏଭଳି ଅବସ୍ଥାରେ ଦେଖି ଜଣେ ରୋଗୀଙ୍କ ସମ୍ପର୍କୀୟ ମହିଳା ଏବଂ ଜନ୍ମ ହେଇଥିବା ଶିଶୁପୁତ୍ରଙ୍କୁ ଉଦ୍ଧାର କରିଥିଲେ। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି, ମେଡିକାଲରେ ଗଣ୍ଡା ଗଣ୍ଡା ସ୍ୱାସ୍ଥ୍ୟ କର୍ମଚାରୀ ଥିବା ସତ୍ତ୍ୱେ ଜଣେ ମହିଳା ପାଇଖାନାରେ ପ୍ରସବ କରିବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ବେଳେ ମେଡ଼ିକାଲ ବିଭାଗରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ସ୍ପଷ୍ଟ ବାରି ହେଉଛି। ସେପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିଲା ବେଳେ ସେହି ମେଡ଼ିକାଲ ଅଫିସର୍ ଭାବେ ଦାୟିତ୍ୱରେ ଅଛନ୍ତି। ତେବେ ସେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଛନ୍ତି। ଏପରିକି ରାତ୍ର ସମୟରେ କୌଣସି ପ୍ରସୂତୀ ମହିଳା ଆସିଲେ ତାଙ୍କୁ ଖବର ଦେବା ସତ୍ତ୍ୱେ ସେ ଆସୁନଥିବା ଅଭିଯୋଗ ହେଉଛି। ତେଣୁ ରୋଗୀ ବିଭିନ୍ନ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି ବୋଲି କିଛି ରୋଗୀ ଅଭିଯୋଗ କରିଛନ୍ତି। ଏବାବଦରେ ମେଡ଼ିକାଲ ଅଫିସର୍ ଦୀନବନ୍ଧୁ ମହାନନ୍ଦିଆଙ୍କୁ ପଚାରିବାରୁ ସେ ଏଭଳି ଘଟଣା ସ୍ୱାଭାବିକ ହୋଇଥିବା କହିବା ସହ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

● ତୀର ମାଡ଼ରେ ଜଣେ ଗୁରୁତର

## ତୀର ସହ ମେଡିକାଲରେ ଭର୍ତ୍ତି

ମାଲକାନଗିରି,୮।୯(ସମିସ): ମାଲକାନଗିରି ଜିଲ୍ଲାରେ ତୀର ମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତୀର ଲାଗିଥିବା ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କୋରାପୁଟ ମେଡିକାଲ ପଠାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଥାନା ଅନ୍ତର୍ଗତ ନାୟକଗୁଡା ପଞ୍ଚାୟତ ପାକାନାଗୁଡା ଗ୍ରାମର ଲକ୍ଷ୍ମଣ ଗୌଡ଼ ନିଜ ଘରକୁ ଯାଉଥିବା ବେଳେ ଘର ନିକଟରେ ରହୁଥିବା ବିଶ୍ୱନାଥ ଗୌଡ଼ ହଠାତ୍ ଏକ ଧନୁଶରେ ତାଙ୍କ ଉପରକୁ ତୀର ମାଡ଼ କରିଥିଲେ। ତୀର ମାଡ଼ରେ ଲକ୍ଷ୍ମଣ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ଗ୍ରାମବାସୀ ଓ ପରିବାର ଲୋକେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଲକ୍ଷ୍ମଣଙ୍କ ଦେହରୁ ତୀର ବାହାର କରାଯାଇ ନପାରିବାରୁ ତୀରବିଦ୍ଧ ଅବସ୍ଥାରେ ତାଙ୍କୁ କୋରାପୁଟ ମେଡିକାଲ ପଠାଯାଇଛି। ତୀର ମାଡ଼ର କାରଣ ସ୍ପଷ୍ଟ ହୋଇନାହି।



## ସହିଦ୍ ରାମାୟା ମହୁରିଆ ବାଜାବାଲା ସଂଘ ଗଠନ

ମାଥିଲି, ୮।୯(ସମିସ): ଗତକାଲି ଘଟିଯୋଡି ଗ୍ରାମର ହାଟପଦା ଠାରେ ନରେଶ ଖରାଙ୍କ ଆହ୍ୱାନ କ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ମହୁରିଆ, ବାଜାବାଲା ମାନଙ୍କୁ ଏକତ୍ରିତ କରି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସହିଦ୍ ନରସିଂହ ଡମ୍ ସମାଜର ସଂପାଦକ ତୁଳସୀ ରାମ ଦଳେଇଙ୍କ ସଭାପତିତ୍ୱ କରିଥିଲେ। ଜିଲ୍ଲାରେ ସମସ୍ତ ମହୁରିଆ ଓ ବାଜାବାଲା ମାନଙ୍କୁ ନେଇ ଏକ ସଂଘ ଗଠନ କରିବା ବୋଲି ପ୍ରସ୍ତାବ ଦେଇଥିଲେ। ତାହା ସହିତ ସଂଘ ସଂଗଠନ କରିବାକୁ ହେଲେ ସଞ୍ଚୟ, ସମୟ ଓ ଜ୍ଞାନର ଆବଶ୍ୟକତା ହେଲେ ଯାଇ ସଂଘ ସୁଦୃଢ ହୋଇ ପାରିବ ବୋଲି ବୁଝାଇଥିଲେ। ମହୁରିଆ, ଟାମକିଆ, ଢୋଲିଆ ଓ ଟିଡିବିଡିଆ ଆପଣ ମାନେ ମଧ୍ୟ ଗୋଟିଏ କଳାକାର, ସଂଗଠନ ମାଧ୍ୟମରେ ସମସ୍ତଙ୍କୁ ପରିଚୟ ପତ୍ର, କଳାକାର ପ୍ରମାଣପତ୍ର ଓ ବୟସ ଅନୁପାତରେ କଳାକାର ଭତ୍ତା ପାଇବା ପାଇଁ ସହଯୋଗ ସାହାଯ୍ୟ ରହିବ ବୋଲି ପାଇ ପାରିବେ। ଉପସ୍ଥିତି ରହିଥିବା ସମସ୍ତଙ୍କ ସହମତି କ୍ରମେ ନୂତନ ସଂଘର ନାମ କରି ସହିଦ୍ ରାମାୟା ମହୁରିଆ ବାଜାବାଲା ନାମରେ ନାମିତ କରାଯାଇଥିଲା। ଉକ୍ତ ସଂଘକୁ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହି ସଂଘକୁ ସୁପରିଚାଳନା କରିବା ନିମନ୍ତେ ସଭାପତି ଭାବରେ ନରେଶ ଖରା, ଉପ-ସଭାପତି ଭାବରେ ସନ୍ତୋଷ ପାଙ୍ଗି, ସଂପାଦକ ସୁଦର ପାଙ୍ଗି, ସହ ସଂପାଦକ ଦିନବନ୍ଧୁ କାମିଡି, କୋଷାଧକ୍ଷ ଲକିନାଥ ଦଳେଇ, ଉପଦେଷ୍ଟା ଗଜେନ୍ଦ୍ର ମାଟାମ, ରଘୁରାମ ମାଦ୍ରୀ, ସୁଦର୍ଶନ ପଟଲା ଓ ପୁଲିସ ରାମ ମାଣ୍ଡିଙ୍କୁ ସଂଗଠନର ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୭ଟି ମହୁରିଆ, ବାଜାବାଲା ସହ ଅନ୍ୟ କଳାକାର ମାନେ ଉପସ୍ଥିତ ଥିଲେ।



## ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି,୮।୯(ସମିସ): ମାଲକାନଗିରି ଜିଲ୍ଲାର ଜୁନିଅର ରେଡ଼କ୍ରସର ଅଣ ତାଲିମ ପରାମର୍ଶଦାତା ମାନଙ୍କର ତିନି ଦିନିଆ ପ୍ରଶିକ୍ଷଣ ଶିବିରର ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମ ମାଲକାନଗିରି ସଦର ବ୍ଲକ ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି ୭ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିର ଆରମ୍ଭରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଜୁନିୟର ରେଡ଼କ୍ରସ ବ୍ଲକ ସଂଯୋଜକ ଦେବରାଜ ସେଠୀ ଓ ଆୟୋଜିତ ବିଦ୍ୟାଳୟର କାଉନ୍‌ସିଲ ଅଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାଉନ୍‌ସିଲର ମାନଙ୍କର ଦ୍ୱାରା ଯୋଗ ପ୍ରାଣାୟମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜନ ପାଣିଗ୍ରାହୀଙ୍କଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନର ପ୍ରାଥମିକ ବୈଠକରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପ୍ରାଣିଗ୍ରାହୀ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଓ ରେଡ଼କ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁନାଣ୍ଟଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜୁନିୟର ରେଡ଼କ୍ରସ ଖଇରିପୁଟ ବ୍ଲକ ସଂଯୋଜକ ଦେବରାଜ ସେଠୀ। ୭ ବ୍ଲକ୍‌ର ଷାଠିଏ ଜଣ ନୂତନ ପ୍ରଶିକ୍ଷାର୍ଥୀ ଜୁନିୟର କାଉନସିଲରଙ୍କୁ ପ୍ରଥମ କାଳାଂଶ ଜିଲ୍ଲା ଏମ ଭି ଆଇ ରତି ନାରାୟଣ ବେହେରା ଓ ଜୁନିୟ ଏମଭିଆଇ ସେକ୍ ଜମିର ସଡ଼କ ସୁରକ୍ଷା ଉପରେ ଶିକ୍ଷାଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଫାୟାର ସେଫ୍‌ଟି ଉପରେ ପ୍ରଶିକ୍ଷାର୍ଥୀଙ୍କୁ ଜିଲ୍ଲା ଅଗ୍ନିଶମ ବିଭାଗର ଅଗ୍ନିଶମ ଅଧିକାରୀ କମଳଲୋଚନ ଗୌଡ଼ ନିଆଁ ଲିଭା କୌଶଳକୁ ବିସ୍ତୃତ ଭାବରେ ଶିଖାଇଥିଲେ। ବରିଷ୍ଠ ଜେଆରସି କାଉନସିଲ ଅଜୟ କୁମାର ସ୍ୱାଇଁ, ବିଷ୍ଣୁ ପ୍ରସାଦ ସୁବୁଦ୍ଧି ଶେଷ ପ୍ରର୍ଯ୍ୟାୟରେ ଏଇଚଆଇଭି ଓ ଏଡସ୍ ଉପରେ ଶିକ୍ଷାଦାନ କରିଥିଲେ। ପରେ ଅନୁଷ୍ଠିତ ଉଦଯାପନୀ ସଭାର ମୁଖ୍ୟ ଅତିଥି ଭାବରେ ଅତିରିକ୍ତ କୃଷି ସଚିବ ଡ. ଶୁଭ୍ରାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବରେ ଏପିଡ଼ି ହିମାଂଶୁ ଶେଖର ମହାରଣା ଉପସ୍ଥିତ ରହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ବରିଷ୍ଠ ଜେଆରସ କାଉନସିଲ ଅଜୟ କୁମାର ସ୍ୱାଇଁ, ମନୋଜ ମହାପାତ୍ର, ଦୀନବନ୍ଧୁ ବେଜ୍, ବାସୁଦେବ ପଣ୍ଡା, ଜିତୁରଂଜନ ସ୍ୱାଇଁ, ଶରତ ଚନ୍ଦ୍ର ଦାଶ, ଚତୁର୍ଭୁଜ ଦାସ, ସୁକୁମାର ପଣ୍ଡା, ବସନ୍ତ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନାତନ ପ୍ରଧାନ, ରଂଜନ କୁମାର ବେହେରା ପ୍ରମୁଖଙ୍କ ସହିତ ସମସ୍ତ ଜୁନିଅର ରେଡ଼କ୍ରସର ଅଣତାଲିମ ପରାମର୍ଶଦାତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।



## ଆସଲାମ ଖାନ୍ ରାଜ୍ୟ କଂଗ୍ରେସ ସୋସିଆଲ ମିଡ଼ିଆ ସଦସ୍ୟ ନିଯୁକ୍ତ



ରାୟଗଡ଼ା, ୮।୯(ସମିସ): ଓଡିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡ଼ିଆ ଏବଂ ଡିଜିଟାଲ ଯୋଗାଯୋଗ ବିଭାଗର ଅଧକ୍ଷ ତଥା ରାୟଗଡ ଜିଲ୍ଲା ଗୁଣୁପୁର ନିର୍ବାଚନ ମଣ୍ଡଳୀ ବିଧାୟକ ସତ୍ୟଜିତ ଗମାଙ୍ଗ ଏହି ବିଭାଗରେ ୩୮ ଜଣ ନୂତନ ସଦସ୍ୟଙ୍କୁ ନେଇ ରାଜ୍ୟ ସୋସିଆଲ ମିଡ଼ିଆ କମିଟି ଗଠନ କରିଛନ୍ତି । ଏଆଇସିସି ଓ ପିସିସିର ନେତା ମାନଙ୍କ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାର ଉପଯୁକ୍ତ ପ୍ରସାରଣ ଏବଂ ପ୍ରଚାର ପାଇଁ ଏହି କମିଟି ଗଠିତ ହୋଇଛି। ଏହି କ୍ରମରେ ରାୟଗଡ ଜିଲ୍ଲାର ପୂର୍ବତନ ଯୁବ କଂଗ୍ରେସ ସଭାପତି ଆସଲାମ ଖାନଙ୍କୁ ରାଜ୍ୟ ସୋସିଆଲ ମିଡ଼ିଆ କମିଟିରେ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇ ଥିବାରୁ କମିଟି ଅଧକ୍ଷ ଶ୍ରୀ ଗମାଙ୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି ଆସଲାମ ଖାନ।

## ମାନ୍ୟମକୋଣ୍ଡାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

କାଲିମେଳା,୮।୯(ସମିସ): ଆଜି କାଲିମେଳା ବ୍ଲକ୍ ମାନ୍ୟମକୋଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୭ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୮ଟି ସାମୂହିକ ଅଭିଯୋଗ ରହିଥିଲା। ସେହିପରି ୧୨ ଗୋଟି ଜଙ୍ଗଲ ଜମି, ୧୨ ଗୋଟି ଜମିଜମା ସମ୍ବନ୍ଧୀୟ, ୩ ଗୋଟି ଚାକିରି, ଗୋଟିଏ ସ୍ୱାସ୍ଥ୍ୟ କାର୍ଡ, ୨ ଗୋଟି ପାନୀୟ ଜଳ, ୨ ଗୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୩ ଗୋଟି ଅଙ୍ଗନବାଡି ୬ଟି ସାମାଜିକ ସୁରକ୍ଷା ପେନସନ ଏବଂ ୩୬ଟି ରାସ୍ତା ଓ କୋଠାବାଡ଼ି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ଜଙ୍ଗଲ ଜମି ପଟ୍ଟା, ସାମାଜିକ ସୁରକ୍ଷା ପେନସନ, କୃଷକ ପଞ୍ଜୀକରଣ, ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା। ଆଜିର ଶିବିରରେ ୪୪ ଜଣଙ୍କୁ ସାମାଜିକ ସୁରକ୍ଷା ପେନସନ ନିମନ୍ତେ ପଞ୍ଜୀକରଣ କରାଯାଇଥିବା ବେଳେ ୯୧ ଜଣ ଶ୍ରମିକ ଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିଲା। ୨୨୯ ଜଣ ନିର୍ମାଣ ଶ୍ରମିକଙ୍କୁ ୧, ୦୧,୫୬,୪୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ୨ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ମଞ୍ଜୁର କରିବା ପାଇଁ ନାମ ପଞ୍ଜିକରଣ କରାଯାଇଥିଲା। ନୂତନ ଭାବେ ୮ ଜଣ ହିତାଧିକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି। ୩ ଜଣ କୃଷକଙ୍କ ନାମ ପଞ୍ଜିକରଣ ହୋଇଛି। ପାଞ୍ଚ ଜଣ ବ୍ୟକ୍ତିଙ୍କର ଆଧାର କାର୍ଡ ଅପଡେଟ୍ କରାଯାଇଛି। ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଞ୍ଚଳ ହିତାଧିକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇକିରଣ, ଉପ ଜିଲ୍ଲାପାଳ ଅଶ୍ମି ଏ ଏଲ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଲିମେଳା ବିଡିଓ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



## ମହିଳାଙ୍କ ଆତ୍ମହତ୍ୟା

କୋରୁକୋଣ୍ଡା,୮।୯(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି -୩ ପଞ୍ଚାୟତ ଅଧିନସ୍ତ ଚିତାପାରି-୩ ଗ୍ରାମର ପୂର୍ଣ୍ଣ ମୁଦୁଲିଙ୍କ ଝିଅ ସବିତା ମୁଦୁଲି (୩୦) ନିଜ ବାପାଙ୍କ ଘରେ ବେକରେ ଲୁଗା ଦେଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଏ ନେଇ ମୃତ ମହିଳା ସବିତାଙ୍କ ବାପା ଚନ୍ଦ୍ର ମୁଦୁଲଲି ଓର୍କେଲ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ ଟିମ ଘଟଣା ସ୍ଥଳରେ ପହଞ୍ଚି ସବିତାଙ୍କ ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସର ଅନୁରୋଧ କ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ସାଇଣ୍ଟିଫିକ ଟିମ ରବିବାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।ଏହା ପରେ ପୋଲିସ ପକ୍ଷରୁ ସବିତାଙ୍କ ମୃତ ଦେହକୁ ଜବତ କରି ମାଲକାନଗିରି ମେଡିକାଲକୁ ପଠାଇ ଶବ ବ୍ୟବଛେଦ କରାଇବା ପରେ ମହିଳାଙ୍କ ମୃତ ଶରୀରକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କାରାଯାଇଥିବା ଏସଆଇ ମନୋହର ସାହୁ କହିଛନ୍ତି। କିଛି ବର୍ଷ ପୂର୍ବେ ବୀରକିଶୋରପୁର ଗ୍ରାମର ପବିତ୍ର ଖିଲ ନାମକ ବ୍ୟକ୍ତଙ୍କ ସହିତ ସବିତାଙ୍କର ବିବାହ ହୋଇଥିଲା। କିଛି ଦିନ ସବିତା ତାଙ୍କ ଶାଶୁ ଘରେ ରହିବା ପରେ ତାଙ୍କ ସ୍ୱାମୀ ପବିତ୍ରଙ୍କୁ ଛାଡି ନିଜ ବାପାଙ୍କ ଘରକୁ ପଳାଇ ଆସିଥିଲେ। ୩ ନମ୍ବର ଗାଁରେ ନିଜ ବାପାଙ୍କ ଘରେ କିଛି ଦିନ ରହିବା ପରେ ସେ ଉକ୍ତ ଗ୍ରାମର ଖଗପତି କିର୍ସାନାଙ୍କ ସହ ବିବାହ କରି ଉଭୟ ବାପା ଚନ୍ଦ୍ରଙ୍କ ଘରେ ରହୁଥିଲେ। ତେବେ ଘରେ କେହି ନଥିବା ବେଳେ ସବିତା ବେକରେ ଲୁଗା ଦେଇ ଆଇହତ୍ୟା କରିଛନ୍ତି। ତାଙ୍କର ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ଆଉ ଜଣେ ଦାଦନ ଶ୍ରମିକ ମୃତ

ଟିକିରି,୮।୯(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ମାଙ୍କଡ ଝୋଲା ଗ୍ରାମର ଦଳପତି ମାଝିଙ୍କ ଡିପ୍ଲୋମା ପଢୁଥିବା ପୁଅ ଉମାଶଙ୍କର ମାଝି କାମ ଅନ୍ୱେଷଣରେ ତିରୁପତିରେ ଏକ ପାଇପ୍ ଲାଇନ୍ କମ୍ପାନୀ କାମ କରୁଥିବା ପରିବାର ଲୋକଙ୍କଠାରୁ ଖବର ମିଳିଛି। ୬ ତାରିଖ ଦିନ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ଏହା ପରେ ନିକଟସ୍ଥ ମେଡିକାଲରେ ଚିକିତ୍ସା ପାଇଁ ନିଆଯାଇଥିଲା। ଏହା ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ପରିବାରର ଲୋକେ ଖବର ପାଇ ତିରୁପତି ଯାଇଥିବା ସୂଚନା ମିଳିଛି। ଏବେ କିଛି ବୁଦ୍ଧିଜୀବି ମହଲରେ ପ୍ରକାଶ ପାଉଛି ଯେ କାଶିପୁର ବ୍ଲକ ଗୋଟିଏ କମ୍ପାନୀ ଥିବା ବେଳେ ଆଉ କମ୍ପାନୀ ଗଢ଼ି ଉଠୁଛି। କିନ୍ତୁ କାଶିପୁର ବ୍ଲକ ଶିକ୍ଷିତ ଯୁବକ ଯୁବତୀ ମାନେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଶେଷରେ କେତେ ବେଳେ ନିର୍ଯାତନା ତ ଆଉ କେତେ ବେଳେ ମୃତ୍ୟୁ ହୋଇ ଘରକୁ ଫେରୁଥିବା ବୁଦ୍ଧିଜୀବୀ ମତ ପ୍ରକାଶ ପାଉଛି।



## ଶାବର ଶ୍ରୀକ୍ଷେତ୍ରରେ ରାଜ୍ୟପାଳ

କୋରାପୁଟ,୮।୯(ସମିସ): କୋରାପୁଟ ଗସ୍ତରେ ଆସିଥିବା ରାଜ୍ୟପାଳ ସଂଧ୍ୟା ଦର୍ଶନ କରିବା ପାଇଁ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ରାଜ୍ୟପାଳ ପହଞ୍ଚିବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହିତ ମନ୍ଦିର ପରିଚାଳନା କମିଟି ତରଫରୁ ମହାମହିମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା। ପ୍ରବଳ ବର୍ଷାରେ କୀର୍ତ୍ତନ ମଣ୍ଡଳୀ ସହ ୨୨ ପାହାଚ ଦେଇ ଜଗମୋହନରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କ ଦିବ୍ୟ ଆଳତୀ ଦର୍ଶନ କରିଥିଲେ। ପରେ ବେଢ଼ା ପରିଦର୍ଶନ କରି ସଂକୀର୍ତ୍ତନ ମଣ୍ଡଳୀ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।



## ବଜ୍ରପାତରେ ୬ ଛେଳି ମୃତ

ଗୁଡାରୀ,୮।୯(ସମିସ):ରବିବାରଦିନପ୍ରବଳବର୍ଷାସାଙ୍ଗକୁବଜ୍ରପାତରେଗୁଡ଼ାରୀବ୍ଲକଅନ୍ତରଗତଗୌଡ଼ଡେପାଗୁଡ଼ାଗ୍ରାମରେ୬ଛେଳିମୃତ୍ୟୁବରଣ କରିଥିବା ସୂଚନା ମିଳିଛ। ଜଙ୍ଗଲରେ ମୃତ୍ୟୁ ହୋଇଥିବା ୬ ଛେଳି ଗରିବ ଡ୍ରାମୁ ପରଜାଙ୍କର ବୋଲି ଜଣାପଡିଛି। ବଜ୍ରପାତରେ ଛେଳି ମୃତ୍ୟୁ ଘଟଣା ଶୁଣିବା ପରେ ଗୁଡାରୀ ବ୍ଲକ୍ ଡେପାଗୁଡ଼ା ପଶୁ ଚିକିତ୍ସାଳୟର ଡ. ସଂଗ୍ରାମ ବେହୁରିଆ ଏବଂ ଏଲଆଇ କିଶୋର ନିମାଲ ସେଠାରେ ପହଞ୍ଚିଥିଲେ। ସେଠାକାର ରାଜସ୍ୱ ବିଭାଗ ଅଧିକାରୀ ବି ସନ୍ତୋଷ କୁମାର ମୃତ ଛେଳି ଗୁଡ଼ିକ ଫଟୋ ଉଠାଇଥିଲେ। ସରକାରୀ ସ୍ତରରେ ଯାହା ବ୍ୟବସ୍ଥା ଛେଳି ମାଲିକଙ୍କୁ ଦିଆଯିବ ବୋଲି କହିଥିବା ଜଣାପଡିଛ। ଛେଳି ମାଲିକ ଅତ୍ୟନ୍ତ ଗରିବ ଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ଦାବି ହେଉଛି।



### ଦୁଇମାସ ହେଲା ମିଳୁନି ପୋଷଣ ସାମଗ୍ରୀ

# ନକଲି ଦସ୍ତଖତ କରି ଚଳୁ ଅଭିଯୋଗ

ପଡ଼ିଆ, ୮।୯(ସମିସ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଏମପିଭି ୬୬ ଗ୍ରାମରେ ଅଙ୍ଗନବାଡି ପକ୍ଷରୁ କିଶୋରୀଙ୍କୁ ପୋଷଣ ସାମଗ୍ରୀ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଏହି ଖାଦ୍ୟକୁ ଜାଲିଆତି କରି ଅଙ୍ଗନବାଡି କର୍ମୀ ହଡ଼ପ କରି ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏମପିଭି ୬୬ ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଗତ ଜୁନ୍ ଓ ଜୁଲାଇ ମାସରେ କିଶୋରୀଙ୍କୁ ବଣ୍ଟନ କରାଯିବାକୁ ଥିବା ଅଣ୍ଡା, ଛତୁଆ, ଲଡୁ, ମୁଢ଼ି ଓ ଚଣା କାହାରିକୁ ଦିଆଯାଇନାହିଁ। ଏ ନେଇ କିଶୋରୀ ଉକ୍ତ ଅଙ୍ଗନବାଡି କର୍ମୀଙ୍କୁ ପଚାରିବାରୁ ତାଙ୍କ ନାମ କଟି ଯାଇଥିବା କହି ଏଡ଼ାଇ ଦେଇଥିଲେ। ତେବେ ପ୍ରାୟ ଦୁଇମାସ ବିତିବା ପରେ ପୁଣି ଅଙ୍ଗନବାଡ଼ୀ କର୍ମୀ ଜଣଙ୍କ ସ୍ଥାନୀୟ କିଶୋରୀଙ୍କୁ ଡାକି ପୂର୍ବ ଭଳି ପୋଷଣ ଯୁକ୍ତ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହାରି ମଧ୍ୟରେ କିଛି କିଶୋରୀଙ୍କୁ ଅଣ୍ଡା ପ୍ରଦାନ କରି ଫୋଟ ଉଠାଇ ପୁଣି ଫେରାଇ ନେଇ ଯାଇଥିବା ଏମପିଭି ୬୬ ଗ୍ରାମର କିଶୋରୀମାନେ କହିଛନ୍ତି। ତେବେ ଅଙ୍ଗନବାଡି କର୍ମୀଙ୍କ ଏଭଳି ସ୍ୱଭାବ ଦେଖି ଗ୍ରାମବାସୀ ଅଙ୍ଗନବାଡି କର୍ମୀଙ୍କୁ ଯାଇ କିଶୋରୀଙ୍କୁ ପୋଷଣ ଖାଦ୍ୟ ସାମଗ୍ରୀ ବଣ୍ଟନ ଖାତା ଦେଖିବା ସହ ଗ୍ରାମର କିଶୋରୀଙ୍କ ନକଲ ଦସ୍ତଖତ କରି ବିଭିନ୍ନ ଖାଦ୍ୟ ସମାଗ୍ରୀ ଚଳୁ କରାଯାଇଥିବା ଜାଣିବାକୁ ପାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଏଥିସହ ଗ୍ରାମର କିଶୋରୀ ମାନେ ମଧ୍ୟ ଅଗଷ୍ଟ ମାସରେ ଖାଦ୍ୟ ଗ୍ରହଣ କରିବା ବେଳେ ଅଙ୍ଗନବାଡ଼ୀ କର୍ମୀଙ୍କ ଉକ୍ତ ଖାଦ୍ୟ ସାମଗ୍ରୀ ବଣ୍ଟନ ଖାତାରେ ନକଲ ଦସ୍ତଖତ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ ବୋଲି କହିଛନ୍ତି। ଏ ନେଇ ଗ୍ରାମବାସୀ ଲିଖିତ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିବା କହିଛନ୍ତି। ସେହିପରି ଗ୍ରାମର ଜଣେ ମହିଳାଙ୍କ ନବଜାତ ଶିଶୁକୁ ପାଞ୍ଚମାସ ହୋଇ ଯାଇଥିଲେ ସୁଦ୍ଧା କୌଣସି ପୋଷଣ ସମାଗ୍ରୀ ଓ ଖାଦ୍ୟ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡି କର୍ମୀଙ୍କ ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ ଆସିବା ପରେ ତାଙ୍କ ନିକଟରେ ରହିଥିବା କୌଣସି ଖାତା କିମ୍ବା ରେଜିଷ୍ଟାର ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖାଇବାକୁ ବାରଣ କରିଛନ୍ତି। ଏଥିସହ ଉପରିସ୍ଥ ଅଧିକାରୀଙ୍କ ଠାରୁ ଲିଖିତ ଭାବେ ପାଇବା ପରେ ସେ ରେଜିଷ୍ଟର ଦେଖାଇବେ ବୋଲି କହିଛନ୍ତି। ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ସାମଗ୍ରୀ ଗୁଡିକୁ କୌଣସି କମିଟିକୁ ନଜଣାଇ ଅଙ୍ଗନବାଡି କର୍ମୀ ଜଣଙ୍କ ନିଜ ଘରେ ରଖୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ପଡିଆ ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ରୀନାରାଣୀ ରାଉତଙ୍କୁ ପଚାରିବାରୁ ସେ ଏହି ଘଟଣା ବାବଦରେ ପୂର୍ବରୁ ସୂଚନା ପାଇ ନଥିଲେ। ଘଟଣା ବାବଦରେ ଅବଗତ ହେବା ପରେ ତୁରନ୍ତ ଏ ଦିଗରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଘଟଣା ଉପରେ ଦୃଷ୍ଟି ଦେଇ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍

ରାୟଗଡ଼ା,୮।୯(ସମିସ): ରାୟଗଡ଼ା ଏସଡିଜେଏମ୍ ଆଦାଲତ ଆଜି ଏକ ଚୋରି ମାମଲାର ଶୁଣାଣି କରି ୨ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୪ ମସିହା ସେପ୍ଟେମ୍ବର ୯ ତାରିଖରେ ରାୟଗଡା ହାଉସିଂ ବୋର୍ଡ ନିକଟସ୍ଥ ମାରୁତି ଟ୍ରେଡର୍ସ ଦୋକାନରୁ ସଟର କାଟି ଦୁର୍ବୃତ୍ତମାନେ ୨୦ ହଜାର ଟଙ୍କା ଓ ଗୋଟିଏ ରୂପା ମୁଦ୍ରା ଚୋରି କରି ନେଇଥିଲେ। ଏ ନେଇ ଦୋକାନ ମାଲିକ ଏନ.ମୋହନ ରାଓ ରାୟଗଡ଼ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଏହି ଚୋରି ଘଟଣାରେ ସଂପୃକ୍ତ ଥିବା ବି.ହେମନ୍ତ କୁମାର, ଭି.ଭେଙ୍କେଟେସ ଓ ଶେଖ ବାସାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଏହି ମାମଲାରେ ୮ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଭିତ୍ତି କରି ୨ ଅଭିଯୁକ୍ତମାନଙ୍କୁ ୨ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ଶେଖ ବାଶାଙ୍କୁ ୩ ପି ଓ ଆକ୍ଟ ଅନୁଯାୟୀ ଛାଡି ଦିଆଯାଇଥିଲା ଓ ଜୋରିମାନା ଅନାଦେୟରେ ଆଉ ୬ ମାସ ଅଧିକ ଜେଲ ଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସଡିଜେଏମ ବର୍ଷା ଦାସ। ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରିଥିଲେ ଆଇନଜୀବୀ ସଚିଦାନନ୍ଦ ଖାଡଙ୍ଗା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୧୧
- ୟୁରୋ ୧୦୩.୬୮ ● ୟେନ୍ ୦.୬୦

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୩୧,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୮୭.୦୦
- ନିଫ୍ଟି ୨୪,୭୭୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ୧୨ରେ ସେବି ପରିଷଦ ବୈଠକ

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ମ୍ୟୁଚୁଆଲ୍ ଫଣ୍ଡ, ଆଇପିଓ, ଏଫ୍‌ପିଆଇ ଏବଂ ଏଆଇଏଫ୍‌ଏସ୍ ଆଦି କ୍ଷେତ୍ରରେ ପ୍ରମୁଖ ସଂସ୍କାର ପାଇଁ ଚାଲିଛି ପ୍ରସ୍ତୁତି। ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ସେପ୍ଟେମ୍ବର ୧୨ରେ ଏହାର ଆଗାମୀ ବୋର୍ଡ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ପଦକ୍ଷେପକୁ ଅନୁମୋଦନ କରିପାରେ। ସୂତ୍ର ଅନୁଯାୟୀ, ଏହି ପ୍ରସ୍ତାବଗୁଡ଼ିକରେ ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ଅଣ-ମୁଖ୍ୟ ବ୍ୟବସାୟରେ ନିବେଶ କରିବାକୁ ଅନୁମତି ଦେବା, ବଡ଼ ଆଇପିଓ ପାଇଁ ଡାଇଲ୍ୟୁସନ୍ ନିୟମକୁ ସହଜ କରିବା, ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ପାଇଁ ନିୟମକୁ ସରଳ କରିବା ଏବଂ ବଜାର ଭିତ୍ତିଭୂମି ପ୍ରତିଷ୍ଠାନ (ଏମ୍‌ଆଇଆଇ) ରେ ଶାସନକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଅନ୍ତର୍ଭୁକ୍ତ। ଏହି ବୈଠକ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ବୈଠକ ହେବ। ମ୍ୟୁଚୁଆଲ୍ ଫଣ୍ଡଗୁଡିକ ସହିତ ଜଡିତ ଏହି ନିୟମରେ ପରିବର୍ତ୍ତନ ଆଶା କରାଯାଉଛି ମ୍ୟୁଚୁଆଲ୍ ଫଣ୍ଡ ପାଇଁ, ସେବି ନିୟମ ୨୪ବି ଅନୁଯାୟୀ ପ୍ରତିବନ୍ଧକକୁ କୋହଳ କରିବା ବିଷୟରେ ବିଚାର କରୁଛି। ବିଦେଶୀ ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟବହୃତ ନିବେଶ ପଥ ନିର୍ବିଶେଷରେ ସମ୍ପତ୍ତି ପରିଚାଳନା କମ୍ପାନୀ (ଏଏମ୍‌ସି) ଗୁଡିକ ପୁଲ୍ ହୋଇଥିବା ଅଣ-ପ୍ରଶସ୍ତ-ଆଧାରିତ ପାଣ୍ଠିକୁ ପରିଚାଳନା ଏବଂ ପରାମର୍ଶଦାତା ସେବା ପ୍ରଦାନ କରିବାକୁ ଅନୁମତି ଦିଆଯାଇପାରେ। ଏହି ପଦକ୍ଷେପ ପରିବାର କାର୍ଯ୍ୟାଳୟ ପାଣ୍ଠି ପରିଚାଳନା ଏବଂ ବିଶ୍ୱ ପାଣ୍ଠି ବଣ୍ଟନ ପାଇଁ ପଥ ଖୋଲିବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ବର୍ଗୀକରଣର ସମୀକ୍ଷା ମଧ୍ୟ ସମ୍ଭବ।

ଆଇପିଓ କ୍ଷେତ୍ରରେ, ବଜାର ନିୟାମକ ବଡ଼ ଇସ୍ୟୁ ପାଇଁ ଡାଇଲ୍ୟୁସନ୍ ସ୍ତର ହ୍ରାସ କରିବାକୁ ଏବଂ ୨୫% ସର୍ବନିମ୍ନ ପବ୍ଲିକ୍ ସେୟାରହୋଲ୍ଡିଂ ଆବଶ୍ୟକତା ପୂରଣ କରିବା ପାଇଁ ସମୟ ସୀମା ବୃଦ୍ଧି କରିବାକୁ ଅନୁମତି ଦେଇପାରନ୍ତି। ଏହି ରିହାତିଗୁଡ଼ିକ ବଡ଼ ଆଇପିଓ ଆଣୁଥିବା କମ୍ପାନୀଗୁଡ଼ିକ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଉଦାହରଣ ସ୍ୱରୂପ, ରିଲାଏନ୍ସ ଜିଓ ଇନଫୋକମ୍, ଯାହା ବର୍ତ୍ତମାନ ଆଇପିଓ ଉପରେ ଆଲୋଚନା ଆରମ୍ଭ କରିଛି। ଏହି ପ୍ରସ୍ତାବଗୁଡ଼ିକ ଅର୍ଥ ମନ୍ତ୍ରଣାଳୟକୁ ସେବିର ପୂର୍ବ ସୁପାରିଶ ପରେ ଆସିଛି, ଯେଉଁଥିରେ ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟସ୍ (ନିୟନ୍ତ୍ରଣ) ନିୟମ ସଂଶୋଧନ ପାଇଁ ସୁପାରିଶ ଅନ୍ତର୍ଭୁକ୍ତ ଥିଲା।

## ଆହୁରି କଠୋର ହେଲେ ଟ୍ରମ୍ପ୍

# ଭାରତ ଉପରେ ଅଧିକ ଟାରିଫ୍ ଲଗାଇବାକୁ ଧମକ

ୱାଶିଂଟନ୍, ୮।୯ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୂର୍ବ ତୁଳନାରେ ରୁଷ ଉପରେ ଅଧିକ ପ୍ରତିବନ୍ଧକ ଲଗାଇବାକୁ ଯାଉଥିବା ସୂଚନା ଦେଇଥିଲେ। ଟ୍ରମ୍ପଙ୍କ ଏହି ସୂଚନାର ଗୁରୁତ୍ୱ ଆହୁରି ବଢ଼ିଯାଇଛି, ଯେତେବେଳେ ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ ଅଧିକ ଶୁଳ୍କ ଲଗାଇବା ବିଷୟରେ କହିଥିଲେ। ବେସାଣ୍ଟ ଯୁକ୍ତି ଦର୍ଶାଇଛନ୍ତି ରୁଷକୁ ଆର୍ଥିକ ଭାବରେ ନଷ୍ଟ ନ କରି ପୁଟିନ୍‌ଙ୍କୁ ଆଲୋଚନା ଟେବୁଲକୁ ଆଣିବା ଅସମ୍ଭବ। ଠିକ୍ ଏହି ସମୟରେ ଭାରତ ବିରୋଧରେ ଆହୁରି କଠୋର ହେଉଛନ୍ତି ଟ୍ରମ୍ପ୍। ରୁଷ ସହ ଭାରତ ଉପରେ ଆହୁରି ଟାରିଫ୍ ଲଗାଇବାକୁ ଯୋଜନା କରୁଛି ଟ୍ରମ୍ପ ପ୍ରଶାସନ। ଭାରତକୁ ବେସେଣ୍ଟଙ୍କ ଏହି ନୀତିର ସବୁଠାରୁ ବଡ଼ ଝଟ୍‌କା ଲାଗିପାରେ। କାରଣ ଭାରତ ରୁଷରୁ ବହୁ ପରିମାଣରେ ଅଶୋଧିତ ତେଲ ଆମଦାନୀ କରୁଛି। ଭାରତୀୟ ଶକ୍ତି ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମେରିକା ବିଶ୍ୱାସ କରେ ଯେ ରୁଷ ତେଲ କିଣିବା ଯୋଗୁଁ ଆର୍ଥିକ ଲାଭ ପାଉଛି, ଯାହାକୁ ସେ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହାର କରୁଛି।

ଆମେରିକା ଟ୍ରେଜେରୀ ସଚିବ ସିଧାସଳଖ ଭାରତର ନାମ ନେଇ ନ ଥିଲେ, କିନ୍ତୁ ତାଙ୍କ ଦ୍ୱାରା ଦିଆଯାଇଥିବା ବିବୃତ୍ତିର ସଙ୍କେତ ସ୍ପଷ୍ଟ ଥିଲା। ସେ କହିଛନ୍ତି ଯେ ଯଦି ଆମେରିକା ଏବଂ ୟୁରୋପୀୟ ସଂଘ ମିଳିତ ଭାବରେ ରୁଷୀୟ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଅଧିକ ଶୁଳ୍କ (ଦ୍ୱିତୀୟ




ପ୍ରତିବନ୍ଧକ) ଲଗାନ୍ତି, ତେବେ ରୁଷର ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଭାରତ ପୂର୍ବରୁ ରୁଷରୁ ତେଲ କିଣିବା ପାଇଁ ଅତିରିକ୍ତ ୨୫% ଶୁଳ୍କର ସମ୍ମୁଖୀନ ହେଉଛି, ଯାହା ଯୋଗୁଁ ମୋଟ ଶୁଳ୍କ ୫୦% ପହଞ୍ଚିଛି। ୱାଶିଂଟନର ଶୀର୍ଷ ଅଧିକାରୀମାନେ ସୂଚିନା ଦେଇଛନ୍ତି ଯେ ଆଗାମୀ ଦିନରେ ଭାରତ ଉପରେ ଅଧିକ ଚାପ ପଡ଼ିପାରେ। ତଥାପି, ଏହି ମାମଲାରେ ଭାରତ କହିଛି ଯେ ଏହାର ତୈଳ ଆମଦାନୀ ସମ୍ପୂର୍ଣ୍ଣ ଭାବରେ ଜାତୀୟ ସ୍ୱାର୍ଥରେ ଏବଂ ଏହା କୌଣସି ତୃତୀୟ ଦେଶର ରାଜନୀତି ଦ୍ୱାରା ପ୍ରଭାବିତ ହୋଇ ଏହାର ନୀତି ପରିବର୍ତ୍ତନ କରିବନାହିଁ।

ଆଲାସ୍କାରେ ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ଶିଖର ବୈଠକରୁ ଆଶା କରାଯାଉଥିଲା ଯେ ଉତ୍ତେଜନା ହ୍ରାସ ପାଇବ, କିନ୍ତୁ ଫଳାଫଳ ବିପରୀତ ହୋଇଥିଲା। ଯୁଦ୍ଧ ଆହୁରି ବଢ଼ିଯାଇଛି। ରବିବାର, ରୁଷ କିଭ୍‌ର ସରକାରୀ କମ୍ପ୍ଲେକ୍ସ ଉପରେ ବୋମା ମାଡ଼ କରିଥିଲା, ଯାହା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ଆମେରିକାର ଲକ୍ଷ୍ୟ ହେଉଛି ରୁଷର ରାଜସ୍ୱ ଉତ୍ସ ବନ୍ଦ କରିବା। ରୁଷ ୟୁରୋପ ଏବଂ ଆମେରିକାରୁ ବିଚ୍ଛିନ୍ନ ହୋଇଯାଇଛି, କିନ୍ତୁ ଭାରତ ଏବଂ ଚୀନ୍ ଭଳି ଦେଶ ଯୋଗୁଁ ଏହାକୁ ଏବେ ବି କ୍ରେତା ମିଳୁଛନ୍ତି। ଏହି କାରଣରୁ ଆମେରିକା ଭାରତକୁ ନିରନ୍ତର ଟାର୍ଗେଟ କରୁଛି।

## ମାନିଲେ ମୁଖ୍ୟ ଆର୍ଥିକ ପରାମର୍ଶଦାତା

# ୨୦୨୬ରେ ଟାରିଫ୍ ଜାରି ରହିଲେ ଅବସ୍ଥା ଅସମ୍ଭାଳ

ନୂଆଦିଲ୍ଲୀ,୮।୯ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଗଷ୍ଟ ୨୭ରୁ ଭାରତରୁ ଆମେରିକା ପଠାଯାଉଥିବା ସାମଗ୍ରୀ ଉପରେ ୫୦% ଟାରିଫ୍ ବା ବାଣିଜ୍ୟ ଶୁଳ୍କ ଲାଗୁ କରିବା ଏବେ ଦେଶର ଅର୍ଥନୀତି ପାଇଁ କାଳ ପାଲଟିଛି। ବାଣିଜ୍ୟ ଶୁଳ୍କର ପ୍ରଭାବ ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ପଡିବ। ତେଣୁ ଏହି ଟାରିଫ୍ ମାଡ଼ର ପ୍ରଭାବ ଭାରତ ଉପରେ ଜୋରଦାର ଅନୁଭୂତ ହେବ ବୋଲି ଏବେ ସରକାର ମାନିଲେଣି। ଦେଶର ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଓ) ଭି. ଅନନ୍ତ ନାଗେଶ୍ୱରନ୍ ଏହି କଥାକୁ ସ୍ୱୀକାର କରିଛନ୍ତି। ମୁଖ୍ୟ ଆର୍ଥିକ ପରାମର୍ଶଦାତାଙ୍କ କହିବାନୁଯାୟୀ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ବାଣିଜ୍ୟ ଶୁଳ୍କ ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ୦.୫୦% ହ୍ରାସ ଘଟାଇବ। ତେବେ ଯଦି ଏହି ଟାରିଫ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଭାରତ ଉପରେ ଜାରି ରୁହେ, ତେବେ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ଆହୁରି ଗମ୍ଭୀର ଭାବେ ଅନୁଭୂତ ହେବ। ଯାହାଫଳରେ ଏହା ଭାରତର ଅର୍ଥନୀତି ପାଇଁ ଏକ ବଡ଼ ବିପଦ




**ଜିଡିପି ଅଭିବୃଦ୍ଧି ୦.୫୦% ଖସିଯିବ**

ପାଲଟିପାରେ। ଶ୍ରୀ ନାଗେଶ୍ୱରନ୍‌ଙ୍କ ଅନୁମାନ ଅନୁଯାୟୀ, ଭାରତ ଉପରେ ଟ୍ରମ୍ପ୍ ପ୍ରଶାସନର ଏହି ବାଣିଜ୍ୟ ଶୁଳ୍କ ଅଧିକ ଦିନ ପର୍ଯ୍ୟନ୍ତ ରହିବ ନାହିଁ, ନଚେତ୍ ଏହାର ନକାରାତ୍ମକ ପ୍ରଭାବକୁ ଏଡାଇବା ବହୁତ କଷ୍ଟକର ହେବ।

ବ୍ଲୁମବର୍ଗ ଟିଭିକୁ ଏକ ସାକ୍ଷାତକାର ଦେଇ ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ଟ୍ରମ୍ପ୍ ପ୍ରଶାସନର ଏହି ୫୦% ଟାରିଫ୍ ଦେଶର ବୟନ ଏବଂ ଅଳଙ୍କାର କ୍ଷେତ୍ର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ। ୱାର୍ଲ୍ଡ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ)ର ରିପୋର୍ଟ ଅନୁଯାୟୀ, ଏହି ନୂତନ ଟାରିଫ୍ ଭାରତର ପ୍ରାୟ ୫.୪ ଲକ୍ଷ କୋଟି ଟଙ୍କାର ରପ୍ତାନିକୁ ପ୍ରଭାବିତ କରିପାରେ। ୫୦% ଟାରିଫ୍ ଆମେରିକାରେ ବିକ୍ରି ହେଉଥିବା ପୋଷାକ, ମଣି-ଅଳଙ୍କାର, ଫର୍ଣ୍ଣିଚର, ସାମୁଦ୍ରିକ ଖାଦ୍ୟ ଭଳି ଭାରତୀୟ ଉତ୍ପାଦକୁ ମହଙ୍ଗା କରିବ। ଯାହା ଫଳରେ ଆମେରିକାରେ ଭାରତୀୟ ଉତ୍ପାଦର ଚାହିଦା ପ୍ରାୟ ୭୦% ହ୍ରାସ ପାଇପାରେ। ଏହା ବ୍ୟତୀତ, ଚୀନ୍, ଭିଏତନାମ ଏବଂ ମେକ୍ସିକୋ ଭଳି କମ୍ ଟାରିଫ୍ ଲାଗୁ ହୋଇଥିବା ଦେଶଗୁଡ଼ିକ ଆମେରିକାରେ ଏହି ସାମଗ୍ରୀଗୁଡ଼ିକୁ ଶସ୍ତା ମୂଲ୍ୟରେ ବିକ୍ରି କରିବେ। ଏହା ଆମେରିକାର ବଜାରରେ ଭାରତୀୟ କମ୍ପାନୀଗୁଡ଼ିକର ଅଂଶ ହ୍ରାସ କରିବ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର ଜିଡିପି ଅଭିବୃଦ୍ଧି ୭.୮% ଥିଲା। ଏହା ଗତ ୫ ତ୍ରୈମାସିକ ମଧ୍ୟରେ ସର୍ବାଧିକ। ଉତ୍ପାଦନ, ସେବା ଏବଂ କୃଷି କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ଯୋଗୁଁ ଜିଡିପିରେ ଏହି ବୃଦ୍ଧି ଘଟିଛି। ସେହି ସମୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ସାମ୍ପ୍ରତିକ ମୁଦ୍ରା ନୀତି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧିକୁ ଆନୁମାନିକ ୬.୫% ରେ ବଜାୟ ରଖିଛି। ଆର୍‌ବିଆଇ ଗଭର୍ଣ୍ଣର ଏହା ମଧ୍ୟ କହିଛନ୍ତି ଯେ ଭଲ ମୌସୁମୀ ଏବଂ ଆଗାମୀ ପାର୍ବଣ ଋତୁ ଆର୍ଥିକ କାର୍ଯ୍ୟକଳାପକୁ ସମର୍ଥନ କରିବ। ଏଭଳି ସମୟରେ ଆମେରିକାର ୫୦% ଟାରିଫ୍ ଭାରତର ଆର୍ଥିକ ପ୍ରଗତିରେ ସତର୍କ ଘଣ୍ଟି ବଜାଇଛି। ଯଦି ଏହି ଶୁଳ୍କ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରୁହେ, ତେବେ କେବଳ ବୟନଶିଳ୍ପ, ଅଳଙ୍କାର, ଫର୍ଣ୍ଣିଚର ଏବଂ ସାମୁଦ୍ରିକ ଖାଦ୍ୟ କ୍ଷେତ୍ର ପ୍ରଭାବିତ ହେବ ନାହିଁ, ବରଂ ଏହା ଦେଶର ସମଗ୍ର ଆର୍ଥିକ ବିକାଶ ଉପରେ ପ୍ରଭାବ ପକାଇବ।

# ଏଆଇର ପରବର୍ତ୍ତୀ ପିଢ଼ି ଏସ୍‌ଆଇ

ନୂଆଦିଲ୍ଲୀ,୮।୯ (ଏଜେନ୍ସି)

କୃତ୍ରିମ ବୁଦ୍ଧିମତ୍ତା ବା ଆଇର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ଏ ପର୍ଯ୍ୟନ୍ତ ପ୍ରଯୁକ୍ତିବିଦ୍ୟା ଜଗତର ସବୁଠାରୁ ବଡ଼ ବିପ୍ଳବ ବୋଲି ବିବେଚନା କରାଯାଉଥିଲା। କମ୍ପାନୀଗୁଡ଼ିକ ଏଆଇରେ ପ୍ରଚୁର ପରିମାଣରେ ଅର୍ଥ ନିବେଶ କରୁଛନ୍ତି। ଜନସ୍ୱାସ୍ଥ୍ୟ, ପରିବହନ, କଣ୍ଟେଣ୍ଟ ଲେଖା ସମେତ ଅନେକ କ୍ଷେତ୍ରରେ ଏଆଇକୁ ଏଆଇଠାରୁ ଆଗକୁ ଯାଇପାରିବ। ଏହା ମାନବ ଜୀବନ ଉପରେ ଗଭୀର ପ୍ରଭାବ ପକାଇବ। ସିନ୍ଥେଟିକ୍ ଇଣ୍ଟେଲିଜେନ୍ସକୁ ଏଆଇର ଏକ ଉନ୍ନତ ସଂସ୍କରଣ ବୋଲି ବିବେଚନା କରାଯାଉଛି।

**■ ଏସ୍‌ଆଇ ପ୍ରଯୁକ୍ତିର ବିଶେଷତ୍ୱ**

ଯେତେବେଳେ ଏଆଇ ଡାଟା ଏବଂ ମେସିନ୍ ଲର୍ଣ୍ଣିଂ ଉପରେ ଆଧାରିତ

**ଆଇର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅପେକ୍ଷା ଶକ୍ତିଶାଳୀ**




ବ୍ୟାପକ ଭାବରେ ବ୍ୟବହାର କରାଯାଉଛି। ଶିଳ୍ପ ବିଶେଷଜ୍ଞମାନେ ଏପରିକି କୁହନ୍ତି ଯେ କିଛି କ୍ଷେତ୍ରରେ ଏଆଇ ଯୋଗୁଁ ଲୋକେ ଚାକିରି ହରାଇବେ। ବର୍ତ୍ତମାନ ଯେତେବେଳେ ବିଶ୍ୱ ଏଆଇ ସହିତ ବଞ୍ଚିବା ପାଇଁ ଅଭ୍ୟାସ କରୁଛି, ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତିବିଦ୍ୟା ମଧ୍ୟ ଆସିବାକୁ ପ୍ରସ୍ତୁତ। ତାହା ହେଉଛି ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ (ଏସ୍‌ଆଇ)। ଏସ୍‌ଆଇକୁ ଏବେ ଏଆଇର ପରବର୍ତ୍ତୀ ପିଢ଼ି କୁହାଯାଉଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ସମୟରେ ଏସ୍‌ଆଇ ପ୍ରଯୁକ୍ତିବିଦ୍ୟା ନିଷ୍ପତ୍ତି ନେଇଥାଏ, ଏସ୍‌ଆଇରେ କେବଳ କମ୍ପ୍ୟୁଟେସନାଲ୍ ଶକ୍ତି ନୁହେଁ, ବରଂ ମାନବ ସମ୍ବେଦନଶୀଳତା ଏବଂ ଚେତନା ଭଳି କ୍ଷମତା ମଧ୍ୟ ରହିବ। ଅର୍ଥାତ୍, ଏହା କେବଳ ଶୀଘ୍ର ନିଷ୍ପତ୍ତି ନେଇପାରିବନାହିଁ, ବରଂ ମାନବ ଭାବନାକୁ ମଧ୍ୟ ବୁଝିପାରିବ। ବିଶେଷଜ୍ଞମାନେ କୁହନ୍ତି ଯେ ଏସ୍‌ଆଇକୁ ଏପରି ଭାବରେ ଡିଜାଇନ୍ କରାଯାଇପାରିବ ଯେ ଏହା ନୈତିକ ମୂଲ୍ୟବୋଧ ଏବଂ ସମ୍ବେଦନଶୀଳତାକୁ ଧ୍ୟାନରେ ରଖି କାମ କରିବ। ଉଦାହରଣ ସ୍ୱରୂପ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍‌ଆଇ କେବଳ ଡାକ୍ତରମାନଙ୍କୁ ରୋଗୀଙ୍କ ରୋଗର ସଠିକ୍ ଚିକିତ୍ସା ପରାମର୍ଶ ଦେବ ନାହିଁ ବରଂ ସେମାନଙ୍କର ମାନସିକ ଏବଂ ଭାବପ୍ରବଣ ଦିଗଗୁଡ଼ିକୁ ମଧ୍ୟ ବୁଝିବ।

**■ ଏଆଇ ଅପେକ୍ଷା ଏସ୍‌ଆଇ କିପରି ଆଗରେ**

ଶିକ୍ଷା, ଗବେଷଣା, ମହାକାଶ ବିଜ୍ଞାନ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ମଧ୍ୟ ସିନ୍ଥେଟିକ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରିବ। ଏହା ବିଶ୍ୱାସ କରାଯାଏ ଯେ ଏସ୍‌ଆଇ ସାହାଯ୍ୟରେ କେବଳ କଷ୍ଟକର ସମସ୍ୟାର ସମାଧାନ ହୋଇପାରିବନାହିଁ, ବରଂ ମେସିନଗୁଡ଼ିକରେ ମଣିଷ ପରି ଚିନ୍ତାଧାରା ଏବଂ ନିଷ୍ପତ୍ତି ନେବାର କ୍ଷମତା ବିକଶିତ ହେବ। ତଥାପି, ବିଶେଷଜ୍ଞମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଏପରି ଏକ ଶକ୍ତିଶାଳୀ ପ୍ରଯୁକ୍ତିବିଦ୍ୟା ସହିତ, ନୈତିକ ଏବଂ ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟ ସୃଷ୍ଟି ହେବ। ଯଦି ଏସ୍‌ଆଇର ଅପବ୍ୟବହାର କରାଯାଏ, ତେବେ ଏହା ଏକ ଗମ୍ଭୀର ବିପଦ ମଧ୍ୟ ପ୍ରମାଣିତ ହୋଇପାରେ। ସିନ୍ଥେଟିକ୍ ଇଣ୍ଟେଲିଜେନ୍ସକୁ ଭବିଷ୍ୟତର ଏକ ପ୍ରଯୁକ୍ତିବିଦ୍ୟା ଭାବରେ ବିବେଚନା କରାଯାଏ ଯାହା ମଣିଷ ଏବଂ ମେସିନ ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରାୟତଃ ଦୂର କରିବ।

# ବେଦାନ୍ତ ଆଲୁମିନିୟମ୍‌ର ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ବିଜାପାଲିର ମହିମା ଡିଗ୍ରୀ କଲେଜରେ ବ୍ଲକ ଶିକ୍ଷା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ବ୍ଲକ ସ୍ତରୀୟ ଦିନିକିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ତୃଣମୂଳ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନର ଦକ୍ଷତା ବୃଦ୍ଧି ଏବଂ ମୌଳିକ ସ୍ତରରେ ଶିକ୍ଷାଗତ ଉତ୍କର୍ଷତା ବୃଦ୍ଧି କରିବା, ଯାହା ଲଖନପୁର ବ୍ଲକର ୬୫୦ ରୁ ଅଧିକ ପ୍ରାଥମିକ ଶିକ୍ଷକଙ୍କୁ ଏକାଠି କରିଥିଲା। ଏହି କାର୍ଯ୍ୟକ୍ରମରେ ପାଠ୍ୟ ଖସଡା, ଶ୍ରେଣୀଗୃହ



ପରିଚାଳନା, ଶିକ୍ଷାଦାନ-ତାଲିମ ସାମଗ୍ରୀ ପ୍ରସ୍ତୁତ, ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି, ପ୍ରାଥମିକ ଚିକିତ୍ସା ଏବଂ ଶ୍ରେଣୀଗୃହରେ ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର ଉପରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। ଶିକ୍ଷକମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ତାଲିମ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ, ଡିଏର୍‌ଏସ୍‌ଇ ସମ୍ବଲପୁରର ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।

# ଓଡ଼ିଶା ଡିସ୍‌କମଗୁଡ଼ିକ ପକ୍ଷରୁ ବିଦ୍ୟୁତ୍ ବିତରଣ ନେଟ୍‌ୱର୍କର ସୁଦୃଢ଼ୀକରଣ




ଭୁବନେଶ୍ୱର,୮।୯ (ସମିସ): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ଅଟୋମେସନ୍, ସ୍ମାର୍ଟ ଡିଭାଇସ୍ ଓ ଡିଜିଟାଲ୍ ଟୁଲ୍‌କୁ ସମନ୍ୱିତ କରି ବିଦ୍ୟୁତ ବିତରଣରେ ପ୍ରଯୁକ୍ତି ଆଧାରିତ ନବସୃଜନକୁ ଆଗକୁ ବଢ଼ାଉଛି। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଦ୍ରୁତ ତ୍ରୁଟି ଚିହ୍ନଟ, ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଓ ସାରା ରାଜ୍ୟରେ ପ୍ରାୟ ୧୦ ନିୟୁତ ଗ୍ରାହକମାନଙ୍କ ପାଇଁ ଅଧିକ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ସବ୍‌ଷ୍ଟେସନ୍ ଓ ରିଙ୍ଗ ମେନ୍ ୟୁନିଟ୍ (ଆର୍‌ଏମ୍‌ୟୁ)ର ଅଟୋମେସନ୍ ଉପରେ ମୁଖ୍ୟତଃ ଧ୍ୟାନ ଦିଆଯାଇଛି ଯାହା ରିମୋଟ୍ ତ୍ରୁଟି ଚିହ୍ନଟ, ଆଇସୋଲେସନ୍ (ପୃଥକୀକରଣ), ବିଦ୍ୟୁତ୍ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବାକୁ ସକ୍ଷମ କରିଛି। ସହରାଂଚଳରେ ବିଦ୍ୟୁତ୍ ସରବରାହରେ ବିଭ୍ରାଟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି।ଫଲ୍ଟ ପାସେଜ୍ ଇଣ୍ଡିକେଟର, ଅଟୋ ରିକ୍ଲୋଜର୍ ଭଳି ଡିଭାଇସ୍ ରିକ୍ଲୋଜିଂ ଚକ୍ରକୁ ଶୀଘ୍ର ଓ ବିଳମ୍ବ ଜରିଆରେ ସାମୟିକ ତ୍ରୁଟିକୁ ସୁଧାରିବା ପାଇଁ ସ୍ୱୟଂକ୍ରିୟ ଭାବେ ସର୍କିଟ୍‌କୁ ଟ୍ରିପ୍ ଓ ରିକ୍ଲୋଜ୍ (ପୁନଃ ବନ୍ଦ କରିଥାଏ) କରୁଛି ଏବଂ ରିମୋଟ କଂଟ୍ରୋଲ୍ ବ୍ରେକର୍ ବିଭ୍ରାଟ ସମୟରେ ସେବାକୁ ଶୀଘ୍ର ସ୍ୱାଭାବିକ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଡିସ୍‌କମ୍‌ଗୁଡ଼ିକ ଅତ୍ୟାଧୁନିକ ନିରୀକ୍ଷଣ ଟୁଲ୍ ମଧ୍ୟ ମୂତୟନ କରୁଛନ୍ତି।

## ବେଲ୍‌ଜିୟମ୍‌କୁ ଭାରତ ସରକାର ଦେଲେ ୧୪ ସୁବିଧା ଥିବା ଚିଠା

# ଜେଲ୍‌ରେ ଚୋକ୍‌ସି କାଟିବେ ବିଳାସ ଜୀବନ

ନୂଆଦିଲ୍ଲୀ,୮।୯ (ଏଜେନ୍ସି)

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି) ରେ ସଂଘଟିତ ୧୩,୮୫୦ କୋଟି ଟଙ୍କା ଠକେଇ ଘଟଣାର ଅନ୍ୟତମ ଅଭିଯୁକ୍ତ ପଳାତକ ମେହୁଲ ଚୋକ୍‌ସିଙ୍କୁ ବେଲଜିୟମରୁ ଭାରତ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଭାରତ ସରକାର ବେଲଜିୟମ ସରକାରଙ୍କୁ ଚୋକ୍‌ସିଙ୍କୁ ଜେଲ୍‌ରେ ଯୋଗାଇ ଦିଆଯିବାକୁ ଥିବା ସୁବିଧା ସମ୍ପର୍କିତ ଏକ ଚିଠା ପଠାଇଛନ୍ତି। ଏଥିରେ ଚୋକ୍‌ସିଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲ୍‌ର ବାରାକ୍ ନମ୍ବର-୧୨ରେ ରଖାଯିବ। ଗୋଟିଏ ସେଲ୍‌ରେ ୬ ଜଣ ରହିପାରିବା ଭଳି କ୍ଷମତା ଅଛି। ଚିଠିରେ କୁହାଯାଇଛି ଯେ ଯଦି ଚୋକ୍‌ସିଙ୍କୁ ବେଲଜିୟମରୁ ଭାରତ ଅଣାଯାଏ, ତେବେ ତାଙ୍କ ସହିତ ମାନବିକ ବ୍ୟବହାର କରାଯିବ। ତାଙ୍କୁ ୧୪ ରୁ ଅଧିକ ସୁବିଧା



**୧୩ ହଜାର କୋଟି ପିଏନ୍‌ବି ଠକେଇ ମାମଲା**

ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଛି। ଚିଠିରେ ଏହା ମଧ୍ୟ ଲେଖାଯାଇଛି ଯେ, ମୁମ୍ବାଇରେ କମ୍ ଗରମ ଥିବାରୁ ଜେଲରେ ଏସି ବ୍ୟବସ୍ଥା ନାହିଁ।

ତଥାପି, ଚୋକସିଙ୍କ ପ୍ରତ୍ୟର୍ପଣ ପାଇଁ କେନ୍ଦ୍ର କେବେ ଏହି ଚିଠି ଲେଖିଥିଲା ସେ ବିଷୟରେ ସୂଚନା ପ୍ରକାଶ କରାଯାଇ ନାହିଁ। ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ପ୍ରତ୍ୟର୍ପଣ ଆବେଦନ ଉପରେ ଚୋକ୍‌ସିଙ୍କୁ ଏପ୍ରିଲ ୧୨ରେ ବେଲଜିୟମରେ ଗିରଫ କରାଯାଇଥିଲା। ସେ ଏବଂ ତାଙ୍କ ଭଣଜା ନୀରବ ମୋଦି ପିଏନ୍‌ବି ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ। ପଳାତକ ନୀରବ ଲଣ୍ଡନରେ ଅଛନ୍ତି। ତାଙ୍କ ପ୍ରତ୍ୟର୍ପଣ ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ୨୦୧୮ରେ ଉଭୟ ଭାରତ ଛାଡି ପଳାଇଥିଲେ। ଗୃହ ମନ୍ତ୍ରଣାଳୟ କହିଛି ଯେ ଚିଠି ପଠାଯିବା ପର୍ଯ୍ୟନ୍ତ, ଆର୍ଥର ଜେଲର ବାରାକ ନମ୍ବର-୧୨ର ୨ଟି କୋଠରୀ ଖାଲି ଥିଲା। କୋଠରୀଗୁଡ଼ିକରେ ଗ୍ରୀଲ୍ ଝରକା, ଭେଣ୍ଟିଲେଟର ଏବଂ ସିଲିଂ ଫ୍ୟାନ୍ ଅଛି। ମୁମ୍ବାଇର ପାଗ ସାଧାରଣତଃ ସାରା ବର୍ଷ ସୁଖଦ ରହିଥାଏ ଏବଂ ସେଠାରେ ବହୁତ ଗରମ ହୁଏ ନାହିଁ। ତେଣୁ, କୋଠରୀଗୁଡ଼ିକରେ କୌଣସି ଏସି ସୁବିଧା ନାହିଁ। ସାଧାରଣତଃ ଏହାର ଆବଶ୍ୟକତା ମଧ୍ୟ ପଡ଼େ ନାହିଁ।

'ମୁମ୍ବାଇ ଜେଲର କୋଠରୀଗୁଡ଼ିକୁ ପ୍ରତିଦିନ ସଫା ଏବଂ ମପା କରାଯାଏ ଏବଂ ସଫାସୁତୁରା କରାଯାଏ। ନିୟମିତ ସଫାସୁତୁରା, କୀଟନାଶକ ନିୟନ୍ତ୍ରଣ ଏବଂ ପାଣି ଯୋଗାଣ ପୌରପାଳିକା ଦ୍ୱାରା କରାଯାଏ। ବାସସ୍ଥାନଠାରୁ ଦୂରରେ ଏକ ସଂଲଗ୍ନ ଶୌଚାଳୟ ଏବଂ ବାଥରୁମ୍ ଅଛି। ଏହା ସହିତ, କୋଠରୀ ଭିତରେ ଗାଧୋଇବା ସୁବିଧା ମଧ୍ୟ ଅଛି। ଡାକ୍ତରଙ୍କ ପରାମର୍ଶରେ ବିଶେଷ ଖାଦ୍ୟ ଆବଶ୍ୟକତା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜେଲ କ୍ୟାଣ୍ଟିନ୍, ଫଳ ଏବଂ ମୌଳିକ ଖାଦ୍ୟ ଭଳି ସୁବିଧା ମଧ୍ୟ ଅଛି। ଜେଲ୍ ପରିସରରେ ବ୍ୟାୟାମ ଅନୁମତି ଅଛି ଏବଂ ଘର ଭିତର ମନୋରଞ୍ଜନରେ ବୋର୍ଡ ଖେଳ ଏବଂ ବ୍ୟାଡମିଣ୍ଟନ ଅନ୍ତର୍ଭୁକ୍ତ। ଜେଲରେ ଯୋଗ, ଧ୍ୟାନ ଏବଂ ଏକ ପାଠାଗାର ମଧ୍ୟ ରହିଛି। ୨୪ ଘଣ୍ଟିଆ ଚିକିତ୍ସା ସୁବିଧା, ଯେଉଁଥିରେ ୬ ଜଣ ଡାକ୍ତରୀ କର୍ମଚାରୀ ଅଛନ୍ତି। ଏଠାରେ ଆଇସିୟୁ ସହିତ ୨୦ଶଯ୍ୟା ବିଶିଷ୍ଟ ଜେଲ ହସ୍ପିଟାଲ ଅଛି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରାୟ ୩ କିଲୋମିଟର ଦୂରରେ ଥିବା ସାର୍ ଜେ.ଜେ. ଗ୍ରୁପ୍ ଅଫ୍ ହସ୍ପିଟାଲକୁ ରେଫରାଲ୍ କରାଯାଇପାରିବ। କଏଦୀମାନେ ନିଜ ଖର୍ଚ୍ଚରେ ଘରୋଇ ଚିକିତ୍ସା ସୁବିଧା ମଧ୍ୟ ପାଇପାରିବେ। ଏମିତିକି କୋର୍ଟଙ୍କ ଅନୁମତି ମିଳିଲେ ଚୋକ୍‌ସି ଘର ଖାଦ୍ୟ ମଧ୍ୟ ଖାଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହୋଇପାରେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ।

**କର୍କଟ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ଶିଖନ୍ତୁ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଅତିଥି ସତ୍କାର କରିବେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିପାରନ୍ତି।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯- ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୭- ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨- ଇରାକରେ ହୋଇଥିବା ବୋମା ବିସ୍ଫୋରଣ ଯୋଗୁଁ ଶହେରୁ ଅଧିକ ଲୋକ ମୃତ, ୩୫୦ରୁ ଅଧିକ ଆହତ।



# ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ମା' ହେବା ପରେ ତାଙ୍କ ଜୀବନ ପୂରାପୂରି ବଦଳି ଯାଇଛି। ଏହି କାରଣରୁ ସେ ଏବେ ବାଛି ବାଛି ଫିଲ୍ମ ସାଇନ୍ କରୁଛନ୍ତି। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଆଲିଆ କମେଡି ଫିଲ୍ମରେ କାମ କରିବାକୁ ଇଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ତେବେ ସେ ତାଙ୍କ ଝିଅ ରାହା ପାଇଁ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ଆଲିଆ କହିଥିଲେ ଯେ, 'ମୁଁ ଏପରି ଫିଲ୍ମ କରିବାକୁ ଚାହୁଁଛି ଯାହାକୁ ମୋ ଝିଅ ଦେଖିପାରିବ। ମୁଁ କମେଡି ଫିଲ୍ମ ଆଦୌ କରି ନ ଥିବାରୁ ଏବେ ଏଭଳି ଫିଲ୍ମ କରିବାକୁ ଚାହୁଁଛି। ଇତିମଧ୍ୟରେ ଏଭଳି କିଛି ପ୍ରୋଜେକ୍ଟ ମୋ' ହାତକୁ ଆସିଛି। ଏବେ କିନ୍ତୁ ମୁଁ ସେବିଷୟରେ କିଛି କହିବାକୁ ଚାହୁଁନାହିଁ। ମୁଁ ସଠିକ ଦିଗରେ ଆଗକୁ ବଢ଼ିବାକୁ ଚାହୁଁଛି।' ଆଲିଆଙ୍କ କାମ କଥା କହିବାକୁ ଗଲେ ସେ ଖୁବ୍‌ଶୀଘ୍ର 'ଆଲ୍‌ଫା' ଫିଲ୍ମରେ ନଜର ଆସିବେ। ଏହା ଏକ ଆକ୍ସନ୍ ଡ୍ରାମା ହେବ। ଏଥିରେ ଆଲିଆଙ୍କ ସହ ଶର୍ବରୀ ୱାଗ୍ ମଧ୍ୟ ନଜର ଆସିବେ।

# ବୟସ ବୃଦ୍ଧିକୁ ରୋକିବ ଭିଟାମିନ୍ ଡି'



ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍ ଡି କେବଳ ହାଡ଼କୁ ମଜଭୁତ କରି ନ ଥାଏ ବରଂ ବୟସ ବଢ଼ିବା ପ୍ରକ୍ରିୟାକୁ ମଧ୍ୟ ଧୀମା କରିଦିଏ। ଏହି ଗବେଷଣାରେ ହଜାରେରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କ ଶରୀରରେ ଭିଟାମିନ୍ ଡି'ର ସ୍ତର ଭଲ ଥିଲା, ସେମାନଙ୍କ ବୟସ ବଢ଼ିବା ଗତି ଧିମା ଥିଲା। ଏହି ଗବେଷଣା ଆଣ୍ଟି ଏଜିଂ ପାଇଁ ଚିନ୍ତାରେ ଥିବା ଲୋକଙ୍କ ପାଇଁ ଏକ ଆଶାର କିରଣ ନେଇ ଆସିଛି। ଭିଟାମିନ୍-ଡି ଡିଏନ୍‌କୁ ସୁରକ୍ଷିତ ରଖେ ଏବଂ ଟେଲୋମେରିସ୍ (କ୍ରୋମୋଜୋମର ଶେଷ ମୁଣ୍ଡରେ ଥିବା ଡିଏନ୍ଏ ଏବଂ ପ୍ରୋଟିନ୍‌ର ଏକ ସଂରଚନା) ର ଲମ୍ବ ବଜାୟ ରଖେ। ଯଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଗବେଷଣାରୁ ଏକଥା ବି ଜଣାପଡ଼ିଛି ଯେ, ଭିଟାମିନ୍ ଡି' ହାଡ଼କୁ ମଜଭୁତ ରଖେ, ଇମ୍ୟୁନୋ ସିଷ୍ଟମକୁ ସୁସ୍ଥ ରଖେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ କୋଷକୁ ରକ୍ଷା କରିଥାଏ। ଏହା ମଧୁମେହ, ହୃଦ୍‌ରୋଗ ଏବଂ କର୍କଟ ଭଳି ରୋଗରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ। ଭିଟାମିନ୍ ଡି' ନିତିଦିନ ନେବା ଦ୍ୱାରା ଶରୀରର ଇନ୍‌ଫ୍ଲାମେଟାରି ମେକାନିଜିମ୍‌କୁ ଧୀମା କରିଥାଏ। ଏହାଦ୍ୱାରା ଅଟୋଇମ୍ୟୁନୋ ରୋଗ ଏବଂ କାର୍ଡିଓଭସ୍କୁଲାର ସମସ୍ୟା ଆଶଙ୍କା ହ୍ରାସ ପାଏ। ତେବେ ଭାରତରେ ୬୦-୭୦ ପ୍ରତିଶତ ଲୋକଙ୍କଠାରେ ଭିଟାମିନ୍-ଡିର ଅଭାବ ଦେଖିବାକୁ ମିଳେ। ଭାରତୀୟଙ୍କୁ ନିୟମିତ ଭାବେ ଭିଟାମିନ୍ ଡି'ର ସ୍ତର ପରୀକ୍ଷା କରାଇବା ଦରକାର। ଯଦି ଏହା ୨୦ ନାନୋଗ୍ରାମ ପ୍ରତି ମିଲିଲିଟରରୁ କମ୍ ହୁଏ, ତେବେ ଭିଟାମିନ୍ ଡି' ସପ୍ଲିମେଣ୍ଟ ନେବା ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ଓ ଛୋଟ ପିଲାମାନେ ଭିଟାମିନ୍ ଡି' ସପ୍ଲିମେଣ୍ଟ ନେବା ଉଚିତ। ତେବେ ଭିଟାମିନ୍ ଡି' ଅଧିକ ସେବନ କରିବା ଦ୍ୱାରା ଶରୀରରେ କ୍ୟାଲସିୟମ୍ ଅସନ୍ତୁଳନ ରହେ। ଏହା ବୃକ୍କ ଓ ହୃଦ୍‌ଯନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ସନ୍ତୁଳିତ ଆହାର ଓ ସୂର୍ଯ୍ୟକିରଣ ଏ ଲାଗି ସବୁଠୁ ଉପଯୋଗୀ। ବିଶେଷଜ୍ଞଙ୍କ ମତରେ, ଭିଟାମିନ୍ ଡି' ବୟସ ବଢ଼ିବା ପ୍ରକ୍ରିୟାକୁ ଧିମା କରିବା ସହ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ଏହି ଗବେଷଣା ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନରେ ପ୍ରକାଶ ପାଇଛି।

# ମଶାଶୂନ୍ୟ ଦେଶ

ମଣିଷ ପାଇଁ ବିଶ୍ୱର ସବୁଠୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶା ଯୋଗୁ ପ୍ରତିବର୍ଷ ମ୍ୟାଲେରିଆ ଓ ଡେଙ୍ଗୁରେ ଆକ୍ରାନ୍ତ ହୋଇ ହଜାର ହଜାର ଲୋକ ପ୍ରାଣ ହରାଇଥାନ୍ତି। ତେଣୁ ମଶା ଦାଉରୁ ରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦିଅନ୍ତି। ଏପରି ସ୍ଥଳେ ମଶା ନ ଥିବା ସ୍ଥାନ କଳ୍ପନା କରିବା ଅସମ୍ଭବ। ହେଲେ ଏକ ଦେଶ ରହିଛି, ଯେଉଁଠି ଗୋଟିଏ ହେଲେ ମଶା ଦେଖିବାକୁ ମିଳନ୍ତିନି। ଉତ୍ତର ଆଟଲାଣ୍ଟିକ୍ ମହାସାଗରସ୍ଥିତ ଆଇସ୍‌ଲ୍ୟାଣ୍ଡରେ ଏଭଳି ଭିନ୍ନତା ଦେଖାଯାଇଥାଏ। ଏହା ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠି ମଶା ନାହାଁନ୍ତି। ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଆଇସ୍‌ଲ୍ୟାଣ୍ଡରେ ମଶା ନ ଥିବା ପଛରେ ଅନେକ କାରଣ ଥିବା କହିଛନ୍ତି। ସବୁଠୁ ମୁଖ୍ୟ କାରଣ ହେଉଛି, ଏହାର ପାଣିପାଗ ଓ ଭୌଗୋଳିକ ଅବସ୍ଥିତି। ଏହାର ପଡ଼ୋଶୀ ଦେଶ ନରୱେ, ସ୍କଟ୍‌ଲ୍ୟାଣ୍ଡ, ଡେନ୍‌ମାର୍କ, ଗ୍ରୀନ୍‌ଲ୍ୟାଣ୍ଡରେ ବହୁ ପରିମାଣରେ ମଶା ଦେଖାଯାଉଥିବାବେଳେ ଆଇସ୍‌ଲ୍ୟାଣ୍ଡରେ ଗୋଟିଏ ହେଲେ ମଶା ନାହିଁ। ଏହାର ମୁଖ୍ୟ କାରଣ ହେଉଛି ସାମୁଦ୍ରିକ ଜଳବାୟୁ। ଏଠାରେ ମଶା କେବଳ ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିଥାନ୍ତି। ମ୍ୟୁଜିୟମ୍‌ରେ ଏକ ମଦ ଜାର୍‌ରେ ମଶାଗୁଡ଼ିକୁ ରଖାଯାଇଛି। ସେହିପରି ଆଇସ୍‌ଲ୍ୟାଣ୍ଡର ତାପମାତ୍ରା



ସବୁବେଳେ ଖୁବ୍ କମ୍ ରହିଥାଏ। ବିଶେଷ କରି ଶୀତଦିନେ ଏହା ଶୂନରୁ ତଳକୁ ଚାଲିଯାଏ। ମଶାଙ୍କ ପ୍ରଜନନ ପାଇଁ ସ୍ଥିର ଜଳ ସମେତ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାର ଆବଶ୍ୟକତା ଥାଏ। ଅତ୍ୟଧିକ ଥଣ୍ଡା କାରଣରୁ ଏଠାରେ ଥିବା ପାଣି ଜମାଟ ବାନ୍ଧିଯାଏ। ଫଳରେ ମଶାର ଡିମ୍ବ(ଲାର୍ଭା) ଗୁଡ଼ିକ ଜୀବିତ ରହିପାରନ୍ତିନି। ସେହିଭଳି ଅନ୍ୟ ଦେଶଗୁଡ଼ିକରେ ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ ମଶା ସେମାନଙ୍କ ବଂଶ ବିସ୍ତାର କରିପାରନ୍ତି। ଆଇସ୍‌ଲ୍ୟାଣ୍ଡରେ କିନ୍ତୁ ଏହା ସମ୍ଭବ ନୁହେଁ। ସେହିପରି ଏଠାକାର ମାଟିର ରାସାୟନିକ ସଂରଚନା ମଧ୍ୟ ମଶାଙ୍କ ପାଇଁ କ୍ଷତିକାରକ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଏହି ଦେଶ ମଶା ମୁକ୍ତ ରହିବା ଅସମ୍ଭବ ବୋଲି ବୈଜ୍ଞାନିକ ଓ ପରିବେଶବିତ୍‌ମାନେ କହିଛନ୍ତି। ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହେଲେ ଏଠାରେ ମଶା ସେମାନଙ୍କ ବଂଶ ବିସ୍ତାର କରିଦେବେ ବୋଲି ପରିବେଶବିତ୍‌ମାନେ ଚେତାଇ ଦେଇଛନ୍ତି।




## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ସ୍ଥଗିତ ରଖନ୍ତୁ।
- ବର୍ଷା ଛାଡ଼ିଗଲା ପରେ ଗେଣ୍ଡୁ ଓ ଗୋଲାପରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଜାଇଟ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ମୁଗ ଏବଂ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡ଼ିରାକଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ଝାଉଁଳା ରୋଗର ପରିଚାଳନା ପାଇଁ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ସହିତ ୧ ମିଲି ଟେବୁକୋନାଜୋଲ ମିଶାଇ ଗଛ ମୂଳ ଏବଂ ମାଟିକୁ ଭଲ ଭାବେ ଭିଜାନ୍ତୁ।
- ଶୁଖିଲା ପାଗ ଦେଖି ଝୁଡୁଙ୍ଗରେ ଛୁଇଁ ବିନ୍ଧା ପୋକର ପରିଚାଳନା ପାଇଁ ଇମାମେକ୍ଟିକ ବେଞ୍ଜୋଏଟ୍ ୮୦ ଗ୍ରାମ୍ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ବନ୍ୟା ପ୍ରଭାବିତ ଫସଲର ଯତ୍ନ

**ଚାଷୀଙ୍କ ପାଇଁ ବର୍ଷା ବରଦାନ ସଦୃଶ । ହେଲେ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ହୋଇ ଫସଲ ପାଣିରେ ବୁଡ଼ି ରୁହେ। ଏହାଦ୍ୱାରା ଫସଲ ମୂଳ ପଚିସଢ଼ି ଯିବା ସହିତ ଫସଲ ନଷ୍ଟ ହୋଇଥାଏ। ତେଣୁ ବନ୍ୟା ପାଣି ଛାଡିଲା ପରେ ଫସଲର ଯତ୍ନ କିପରି ନେବେ ଜାଣିବା।**



ବନ୍ୟା ପାଣିରେ ଦୀର୍ଘ ସମୟ ପନିପରିବା ଫସଲ ବୁଡ଼ି ରହିଲେ ମୂଳ ପଚି ସଢ଼ିଯାଏ। ଏଥିରେ ଅମୃତଭଣ୍ଡା ଗଛ ଅଧିକ ପ୍ରଭାବିତ ହୁଏ। ତେଣୁ ପ୍ରଥମେ ଜମିରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। ରୋଗପୋକ ଲକ୍ଷଣ ଅନୁଯାୟୀ ଔଷଧ ପ୍ରୟୋଗ କରିପାରିବେ।

**ଧାନ ଫସଲର ଯତ୍ନ:** ବର୍ତ୍ତମାନ ଧାନ ଫସଲ ଅଙ୍ଗୀୟ ବୃଦ୍ଧ ଅବସ୍ଥାରେ ରହିଛି। ୬ରୁ୭ ଦିନ ଧାନଫସଲ ପାଣିରେ ବୁଡ଼ି ରହିଲେ ଧାନ ଫସଲ ଆଂଶିକ ଭାବେ କ୍ଷତି ହେବ। ଦୀର୍ଘ ସମୟ ପାଣିରେ ଗଛ ବୁଡ଼ି ରହିବା ଦ୍ୱାରା ଗଛକୁ ଅମ୍ଳଜାନ ମିଳି ପାରିବନି। ଏହାଦ୍ୱାରା ପତ୍ର ହଳଦିଆ ପଡ଼ିବା ସହ ମୂଳ ସଢ଼ି ଶେଷରେ ଗଛଟି ମରିଯିବ। ପତ୍ରାଚ୍ଛଦ ପୋଡ଼ାରୋଗର ଅଧିକ ଆଶଙ୍କା ମଧ୍ୟ ଥାଏ। ତେଣୁ ବିଭିନ୍ନ ଉପାୟ ଆପଣାଇ ଜମିରୁ ନାଳୀ କାଟି ଜଳ ନିଷ୍କାସନ କରିବା ଜରୁରି।

ସେହିପରି ବନ୍ୟାପାଣି ଯୋଗୁଁ ଫସଲରେ କାଦୁଅ ପାଣି ବା ପଟୁ ବସିଯାଇଥାଏ। ତେଣୁ ବନ୍ୟା ପରେ ସୁବିଧା ଥିଲେ ପତ୍ର ସଫା କରିପାରିବେ। ହାଲୁକା ବର୍ଷା ହୋଇଗଲେ ପତ୍ର ସଫା ହୋଇ ଆଲୋକଶ୍ଳେଷଣ କରିପାରେ।

**ଗଛ ବୃଦ୍ଧି ପାଇଁ ପୋଷକତତ୍ତ୍ୱ:** ସାଧାରଣତଃ ବନ୍ୟାପାଣି ଯୋଗୁଁ ମାଟି ଧୋଇଯାଇଥାଏ। ଗଛ ବୃଦ୍ଧି ପାଇଁ ମାଟିର ଯବକ୍ଷାରଜାନ ତଥା ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ହ୍ରାସ ପାଏ । ଏହାଦ୍ୱାରା ପତ୍ର ହଳଦିଆ ପଡ଼ିଯାଏ। ଗଛ ବଢ଼ିବାରେ ସମସ୍ୟା ହୁଏ। ତେଣୁ ଫସଲ ପାଇଁ ଜରୁରି ପୋଷକତତ୍ତ୍ୱ ଉପଲବ୍ଧ କରାଇବା ଆବଶ୍ୟକ। ଏନେଇ ବନ୍ୟା ଛାଡ଼ିଯିବା ପରେ ପାଗ ଶୁଖିଲା ଦେଖି ୧୦୦ଲିଟର ପାଣିରେ ୨ କିଗ୍ରା ୟୁରିଆ ପକାଇ ପତ୍ର ସିଞ୍ଚନ କରିପାରିବେ। ସେହିପରି ୟୁରିଆର ପିଲସାର ଓ ଥୋଡ଼ସାର ପ୍ରତି ଏକର ପିଛା ୨୫ରୁ ୩୦ କିଗ୍ରା ପ୍ରୟୋଗ କରିବା ଦ୍ୱାରା ଗଛକୁ ଯବକ୍ଷାରଜାନ ମିଳିବ। ଗଛ ବୃଦ୍ଧି ପାଇବ।


# କମ୍ ଖର୍ଚ୍ଚରେ କୀଟ ନିୟନ୍ତ୍ରଣ

**ଯେକୌଣସି ଫସଲରେ କୀଟ ଲାଗିବା ଦ୍ୱାରା ଗଛର ବିକାଶ ହୁଏନି। ଫୁଲ ଫଳ ଆସିବାରେ ବାଧା ସୃଷ୍ଟି ହୁଏ। ଏନେଇ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ କରିପାରିବେ। ଏହା ପରିବେଶ ଅନୁକୂଳ।**



- ଗଛ ପତ୍ର ଉପରେ ପୋକ ଲାଗିଥିଲେ ଏକ ଚାମଚ ସର୍ଫରେ ଚାରି କପ୍ ପାଣି ମିଶାଇ ଗଛ ମୂଳରେ କିମ୍ବା ପତ୍ର ସିଞ୍ଚନ କରିପାରିବେ। ସପ୍ତାହକୁ ଥରେ ଦୁଇଥର ସିଞ୍ଚନ କଲେ, ଏହା ଦ୍ୱାରା ଜଉପୋକ, ବୁଢ଼ିଆଣୀ, ଅଷ୍ଟପଦୀ କୀଟ ଦୂର ହୋଇଥାନ୍ତି।
- ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣ ଥିବାରୁ ଏହି ପତ୍ରକୁ ପାଣିରେ ଫୁଟାଇ ଥଣ୍ଡା କରି ସପ୍ତାହକୁ ଥରେ ଗଛ ମୂଳେ ପ୍ରୟୋଗ କରିପାରିବେ। ଏହା ଫଳମାଛି, ଜଉପୋକ ନିୟନ୍ତ୍ରଣ କରେ। ରସୁଣ କୋଲାକୁ ଛେଚି ଏହାକୁ ସିଧାସଳଖ ମାଟିରେ ପୋତି ପାରିବେ। ରସୁଣ ଛେଚା ପାଣିକୁ ସିଞ୍ଚନ କରିବା ଦ୍ୱାରା ଫସଲରୁ କୀଟ ନିୟନ୍ତ୍ରଣ ହୋଇଥାଏ।
- ତୁଳସୀ, ପୁଦିନା, ଜୁଆଣି ଜଡିବୁଟି ପତ୍ରକୁ ପାଣିରେ ଭିଜାଇ ଏହାକୁ ପତ୍ରସିଞ୍ଚନ କରିପାରିବେ। ଏହାର ସୁଗନ୍ଧରେ ଗଛରୁ ପୋକ ଦୂର ହୋଇଥାଏ।

# ପାଞ୍ଚରଙ୍ଗର ମକା



ଉତ୍ତରପ୍ରଦେଶ, ସହରାନପୁରର ସଞ୍ଜୟ ସେନି ଜମିରେ ସ୍ୱତନ୍ତ୍ର ପ୍ରକାର ମକା ଫଳାଇ ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଦ୍ୱାରା ଫଳା ଯାଇଥିବା ମକାଟି ପାଞ୍ଚ ରଙ୍ଗର। ଏହା ଯେତିକି ସ୍ୱାଦିଷ୍ଟ, ଦେଖିବାକୁ ମଧ୍ୟ ବହୁତ ଆକର୍ଷଣୀୟ। ଏହି ମକାକୁ ସଞ୍ଜୟ ମହାରାଷ୍ଟ୍ର ପୁଣେରୁ ଆଣି ସହରାନପୁରରେ ପରୀକ୍ଷଣ କରିଥିଲେ। ପ୍ରାୟତଃ ୧୦ଟି କିସମ ମଧ୍ୟରୁ ସେ ଏଠାରେ ପାଞ୍ଚଟି କିସମ ଲଗାଇଥିଲେ। ସେଥିରେ ସେ ସଫଳ ହେଲେ । ଏହି ମକାରେ ଅନେକ ପୋଷକତତ୍ତ୍ୱ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସାଧାରଣ ମକାଠାରୁ ଏହା ପାଖାପାଖି ୫ ଗୁଣ ଅଧିକ ମହଙ୍ଗା। ଏହି କିସମ ମକା ଗଛର ଉଚ୍ଚତା ପାଖାପାଖି ୧୦ ଫୁଟରୁ ଉର୍ଦ୍ଧ୍ୱ ହେବ। ବିଶେଷ କଥା ହେଉଛି, ଏହି ମକାର ଅଟା ମଧ୍ୟ ରଙ୍ଗବେରଙ୍ଗ ହୋଇଥାଏ। ତେଣୁ ଆଗକୁ ସେ ଏହି ରଙ୍ଗବେରଙ୍ଗର ମକା ଅଧିକ ମାତ୍ରାର ଚାଷ କରିବାକୁ ଆଶା ରଖିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ସଞ୍ଜୟ କୁହନ୍ତି।

# ଏସିଆ କପ୍ କ୍ରିକେଟ ଆଜିଠାରୁ

## ରାତି ୮ରୁ ମ୍ୟାଚ୍ ଆରମ୍ଭ, ୧୪ରେ ଭାରତ-ପାକ୍ ମୁକାବିଲା

ଦୁବାଇ,୮।୯(ଏଜେନ୍ସି)

ୟୁଏଇରେ ଏସିଆ କପ୍ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଏସିଆର ଶ୍ରେଷ୍ଠ ୮ଟି ଦଳ ଟି-୨୦ ଫର୍ମାଟରେ ଖେଳିବେ। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିଲେ ମଧ୍ୟ ପାକିସ୍ତାନ ଖେଳିବାକୁ ନ ଆସିବାରୁ ନିରପେକ୍ଷ ଦେଶ ୟୁଏଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ପୂର୍ବରୁ ଏକାଧିକ ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଅଭିଜ୍ଞତା ଥିବାରୁ ଭାରତ ଏହି ଭେନ୍ୟୁରେ ଆୟୋଜନ କରିବାକୁ ରାଜି ହୋଇଛି। ଏହା ଫଳରେ ଦୁବାଇ ଓ ଆବୁଧାବିରେ ଥିବା ଦୁଇଟି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆୟୋଜନ କରାଯିବ। ଏସିଆ କପ୍‌ର ପୂର୍ବସଂସ୍କରଣ ଦିନିକିଆ ଫର୍ମାଟରେ ଖେଳାଯାଇଥିଲା। ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଚଳିତ ସଂସ୍କରଣର ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳିବାକୁ ଏସୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।



ନୂଆ ହେୟାର ଷ୍ଟାଇଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା

### ଭାରତ-ପାକ୍ ଗୋଟିଏ ଗ୍ରୁପ୍‌ରେ

ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ'ରେ ଭାରତ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଦଳଗୁଡ଼ିକ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ଗୋଟିଏ ଗ୍ରୁପ୍ ହୋଇଥିବା ସୁପର-୪'କୁ ଉନ୍ନୀତ ହେବେ। ସୁପର-୪'ରେ ମଧ୍ୟ ଗୋଟିଏ ଦଳ ଅନ୍ୟସହ ଥରେ ଲେଖାଏଁ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ସ୍ଥାନ ପାଇଥିବା ଦୁଇ ଶ୍ରେଷ୍ଠ ଦଳ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

### ୯ରେ ଆରମ୍ଭ, ୨୮ରେ ଫାଇନାଲ

ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଆଫଗାନିସ୍ତାନ ଓ ହଂକଂ ମୁକାବିଲାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୧୯ରେ ଶେଷ ହେବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ମୁକାବିଲା ଖେଳାଯିବ। ୨୮ରେ ଫାଇନାଲ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଥିବା ଭାରତ ସେପ୍ଟେମ୍ବର ୧୦ରେ ପ୍ରଥମ ମ୍ୟାଚ୍ ୟୁଏଇ, ୧୪ରେ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ଓ ତୃତୀୟ ମ୍ୟାଚ୍ ଓମାନ ସହ ୧୯ରେ ଖେଳିବ। ଭାରତ-ଓମାନ ମୁକାବିଲାଟି ମଧ୍ୟ ଲିଗ୍ ପର୍ଯ୍ୟାୟରେ ଶେଷ ମ୍ୟାଚ୍ ହେବ।

| | |
|---|---|
| ଗ୍ରୁପ୍: 'ଏ' | ଭାରତ, ପାକିସ୍ତାନ, ଓମାନ, ୟୁଏଇ। |
| ଗ୍ରୁପ୍: 'ବି' | ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ। |

### ରାତି ୮ଟାରୁ ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କରେ ପ୍ରସାରଣ

ଏହି ମେଗା ଇଭେଣ୍ଟର ଟେଲିଭିଜନରେ ପ୍ରସାରଣ ଲାଗି ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଅଧିକାର ହାସଲ କରିଛି। ଏହା ଛଡ଼ା ସୋନି ଲାଇଭ୍ ଆପ୍‌ରେ ମଧ୍ୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଦେଖାଯାଇପାରିବ। ହଟ୍‌ଷ୍ଟାରରେ ମଧ୍ୟ ଲାଇଭ୍ ଷ୍ଟ୍ରିମିଂ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି।

ସେହିପରି ଭାରତୀୟ ସମୟ ରାତି ୮ଟାରୁ ମ୍ୟାଚ୍ ଆରମ୍ଭ ହେବ। ଏସିଆ କପ୍‌ରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ଗ୍ରୁପ୍-ବି'ର ଓମାନ-ୟୁଏଇ ମୁକାବିଲା ଭାରତୀୟ ସମୟ ଅପରାହ୍ଣ ୪ଟାରୁ ଆରମ୍ଭ। ଟୁର୍ଣ୍ଣାମେଣ୍ଟରେ ଏହି ଗୋଟିଏ ଦିନ ଡବଲ ହେଡର ମ୍ୟାଚ୍ ଖେଳାଯିବ। ରାତି ୮ଟାରୁ ଶ୍ରୀଲଙ୍କା ଓ ହଂକଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଅନ୍ୟ ସମସ୍ତ ମ୍ୟାଚ୍‌ଗୁଡିକର ଆରମ୍ଭ ସମୟ ରାତି ୮ଟା ରଖାଯାଇଛି।

### ଏସିଆ କପ୍ ଖେଳସୂଚୀ

ସେପ୍ଟେମ୍ବର ୯-୨୮, ଦୁବାଇ ଓ ଆବୁଧାବି

| ତାରିଖ | ମୁକାବିଲା | ଭେନ୍ୟୁ |
|---|---|---|
| ୦୯।୯ | ଆଫଗାନିସ୍ତାନ-ହଂକଂ | ଆବୁଧାବି |
| ୧୦।୯ | ଭାରତ-ୟୁଏଇ | ଦୁବାଇ |
| ୧୧।୯ | ବାଂଲାଦେଶ-ହଂକଂ | ଆବୁଧାବି |
| ୧୨।୯ | ପାକିସ୍ତାନ-ଓମାନ | ଦୁବାଇ |
| ୧୩।୯ | ଶ୍ରୀଲଙ୍କା-ବାଂଲାଦେଶ | ଆବୁଧାବି |
| ୧୪।୯ | ଭାରତ-ପାକିସ୍ତାନ | ଦୁବାଇ |
| ୧୫।୯ | ୟୁଏଇ-ଓମାନ | ଆବୁଧାବି |
| ୧୫।୯ | ଶ୍ରୀଲଙ୍କା-ହଂକଂ | ଦୁବାଇ |
| ୧୬।୯ | ବାଂଲାଦେଶ-ଆଫଗାନିସ୍ତାନ | ଆବୁଧାବି |
| ୧୭।୯ | ପାକିସ୍ତାନ-ୟୁଏଇ | ଦୁବାଇ |
| ୧୮।୯ | ଶ୍ରୀଲଙ୍କା-ଆଫଗାନିସ୍ତାନ | ଆବୁଧାବି |
| ୧୯।୯ | ଭାରତ-ଓମାନ | ଆବୁଧାବି |
| ସୁପର-୪ ମୁକାବିଲା | | |
| ୨୦।୯ | ୧. ବି୧ ବନାମ ବି୨ | ଦୁବାଇ |
| ୨୧।୯ | ୨. ଏ୧ ବନାମ ଏ୨ | ଦୁବାଇ |
| ୨୩।୯ | ୩. ଏ୨ ବନାମ ବି୧ | ଦୁବାଇ |
| ୨୪।୯ | ୪. ଏ୧ ବନାମ ବି୨ | ଦୁବାଇ |
| ୨୫।୯ | ୫. ଏ୨ ବନାମ ବି୨ | ଦୁବାଇ |
| ୨୬।୯ | ୬. ଏ୧ ବନାମ ବି୧ | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

### ଅଂଶୁମାନ ରଥ ଏକମାତ୍ର ଓଡ଼ିଆ



ବାମହାତୀ ସ୍ପିନର ପ୍ରଜ୍ଞାନ ଓଝାଙ୍କ ପରେ ଭାରତୀୟ କ୍ରିକେଟ ଦଳରେ ଓଡ଼ିଆ ଛାପ କିମ୍ବା ଓଡ଼ିଶାର ପ୍ରତିନିଧିତ୍ୱ ବନ୍ଦ ହୋଇଯାଇଛି। କିନ୍ତୁ ଓଡ଼ିଶା ପକ୍ଷରୁ ଦୁଇ ସିଜନ ଧରି ଭାରତର ଘରୋଇ କ୍ରିକେଟ ଖେଳିଥିବା ଅଂଶୁମାନ ରଥ ହଂକଂ ଦଳରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ଏକମାତ୍ର ଓଡ଼ିଆ ଖେଳାଳି। କିନ୍ତୁ ଓଡ଼ିଶା ଦଳରେ ହେଉଥିବା ହୀନମନ୍ୟତା, ଅତ୍ୟାଚାର, କୋଚ୍‌ମାନଙ୍କ ଅଶୋଭନୀୟ ବ୍ୟବହାର, ବରିଷ୍ଠ କନିଷ୍ଠ ଖେଳାଳିଙ୍କ ବିବାଦ ମଧ୍ୟରେ ପେସି ହୋଇଯାଇଥିବା ଅଂଶୁମାନ ଖେଳ ଛାଡିଦେଇଥିଲେ। ଭୁବନେଶ୍ୱର ଏହି ବାସିନ୍ଦା ପ୍ରଥମେ ହଂକଂ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ଓ ପରେ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ପରେ ଭାରତରେ ବଡ଼ ଧରଣର କ୍ରିକେଟ କ୍ୟାରିୟର ଗଢ଼ିବାକୁ ଆସି ଚାପି ହୋଇଯିବା ପରେ କ୍ରିକେଟ ଖେଳ ଛାଡ଼ିବାକୁ ଚିନ୍ତାକରିଥିଲେ। ଏବେ ପୁଣିଥରେ ହଂକଂ ପକ୍ଷରୁ ଖେଳିବାକୁ ମନୋନୀତ ହେବା ସହ ଅନ୍ତର୍ଜାତୀୟ କ୍ରିକେଟରେ ଓଡ଼ିଶାର ପରିଚୟ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି।

## ଅଗଷ୍ଟ ମାସର ଶ୍ରେଷ୍ଠ କ୍ରିକେଟର ଦୌଡ଼ରେ ସିରାଜ୍



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଭାରତୀୟ ଫାଷ୍ଟବୋଲର ମହମ୍ମଦ ସିରାଜ୍ ଆଇସିସି ପକ୍ଷରୁ ଅଗଷ୍ଟ ମାସ ପାଇଁ ଶ୍ରେଷ୍ଠ କ୍ରିକେଟର ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ରହିଛନ୍ତି। ଓଭାଲ୍‌ରେ ଘରୋଇ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ତାଙ୍କ ମ୍ୟାଚ୍ ବିଜୟୀ ପ୍ରଦର୍ଶନ ପାଇଁ ସିରାଜ୍‌ଙ୍କୁ ଏହି ତାଲିକାରେ ଆଇସିସି ରଖିଛି। ତାଙ୍କ ସହ ଏହି ତାଲିକାରେ ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଓ ୱେଷ୍ଟଇଣ୍ଡିଜ୍‌ର ପେସ୍ ବୋଲର ଜେଡେନ୍ ସିଲ୍ ମଧ୍ୟ ରହିଛନ୍ତି। ଭୋଟିଂ ମାଧ୍ୟମରେ ଅଗଷ୍ଟର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ଇଂଲଣ୍ଡରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାରେ ସିରାଜ୍? ଏକମାତ୍ର ଭାରତୀୟ ପେସ୍ ବୋଲର ଭାବେ ୫ଟିଯାକ ଟେଷ୍ଟ ଖେଳିଥିଲେ। ପୂରା ସିରିଜ୍‌ରେ ସେ ୧୮୫ରୁ ଅଧିକ ଓଭର ବୋଲିଂକରି ସର୍ବାଧିକ ୨୩ଟି ୱିକେଟ୍ ନେଇଥିଲେ। ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ଥିବା ବେଳେ ଅନ୍ତିମ ଟେଷ୍ଟରେ ୯ଟି ୱିକେଟ ନେଇ ସିରାଜ୍ ଭାରତକୁ ଜିତାଇବା ସହ ଶୃଙ୍ଖଳା ୨-୨ରେ ଡ୍ର ରଖି ପାରିଥିଲେ। ସେ ଏହି ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ୨ଟି ଟେଷ୍ଟରେ ଯଶପ୍ରୀତ ବୁମ୍‌ରା ନ ଥିବା ବେଳେ ସିରାଜ୍ ଭାରତୀୟ ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ। ଜିମ୍ବାୱେ ବିପକ୍ଷ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ୧୬ଟି ୱିକେଟ୍ ନେଇଥିବା ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଏହି ତାଲିକାରେ ଅଛନ୍ତି। ହେନ୍‌ରି ମାତ୍ର ୯ ଆଭ୍‌ରେଜରେ ୧୬ଟି ୱିକେଟ୍ ନେଇ ଦଳକୁ ୨-୦ରେ ଶୃଙ୍ଖଳା ଜିତାଇଥିଲେ। ଅଗଷ୍ଟରେ ଦୀର୍ଘ ୩୪ ବର୍ଷ ପରେ ପାକିସ୍ତାନ ମାଟିରେ ୱେଷ୍ଟଇଣ୍ଡିଜ୍ ଦିନିକିଆ ଶୃଙ୍ଖଳା ଜିତିଥିଲା। ଏହି ଶୃଙ୍ଖଳାର ୨ୟ ମ୍ୟାଚ୍‌ରେ ସିଲ୍‌ସ ୩ଟି ଏବଂ ନିର୍ଣ୍ଣାୟକ ୩ୟ ତଥା ଅନ୍ତିମ ଦିନିକିଆରେ ସିଲ୍‌ସ ୧୮ ରନ୍‌ଦେଇ ୬ଟି ୱିକେଟ୍ ନେଇ ଜୀବନର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ୍ ହେବାରୁ ୱେଷ୍ଟଇଣ୍ଡିଜ ଦିନିକିଆ ଶୃଙ୍ଖଳା ଜିତି ପାରିଥିଲା।

## ମହିଳା ଏସିଆ କପ୍ ହକି ପୁଲ-ବି' ଶୀର୍ଷରେ ଭାରତ



ହାଙ୍ଗଝୋଉ,୮।୯(ଏଜେନ୍ସି): ଦୁର୍ବଳ ସିଙ୍ଗାପୁରକୁ ୧୨-୦ ଗୋଲରେ ହରାଇ ଭାରତ ଏଠାରେ ଚାଲିଥିବା ମହିଳା ଏସିଆ କପ୍ ହକି ପ୍ରତିଯୋଗିତାର ପୁଲ-ବି'ରେ ଶୀର୍ଷସ୍ଥାନ ହାସଲ କରିଛି। ଏହା ଫଳରେ ନଂ-୧ ଦଳ ଭାବେ ଭାରତ ମଧ୍ୟ ସୁପର-୪'ରେ ପ୍ରବେଶ କରିଛି। ପୂର୍ବରୁ ପୁଲ-ବି'ରେ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୧-୦ରେ ପରାସ୍ତ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ସିଙ୍ଗାପୁର ବିପକ୍ଷ ବୃହତ ବିଜୟରେ ଭାରତ ପକ୍ଷରୁ ମମ୍‌ତାଜ୍ ଖାନ୍ ଓ ନବନିତ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ନେହା ୨ଟି, ଲାଲରେମସିଆମି, ଉଦିତା, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପୁଲ-ବି'ରେ ଭାରତ ୨ ବିଜୟ ଓ ୧ ଡ୍ର କରିବା ଫଳରେ ଜାପାନ ସହ ସମାନ ପଏଣ୍ଟ ସଂଗ୍ରହ କରିଥିଲା। କିନ୍ତୁ ଗୋଲ ବ୍ୟବଧାନରେ ଭାରତ ପ୍ରଥମ ଓ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ସୁପର-୪'ରେ ପ୍ରବେଶ କରିଥିଲେ। ସେହିପରି ପୁଲ-ଏ'ରେ ଆୟୋଜକ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟ ସହ ପ୍ରଥମ ଓ ୨ଟି ବିଜୟ ସହ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ସ୍ଥାନରେ ରହି ସୁପର-୪'କୁ ପ୍ରବେଶ କରିଛନ୍ତି। ଭାରତ ସୁପର୍-୪ରେ ପ୍ରଥମ ମ୍ୟାଚ୍ ୧୦ରେ ଦକ୍ଷିଣ କୋରିଆ, ୧୧ରେ ଚୀନ ଓ ୧୩ରେ ଜାପାନ ସହ ଖେଳିବ।

● ଓଡ଼ିଶା ପିକଲ୍‌ବଲ୍ ଓପନ ଉଦ୍‌ଯାପିତ

## ପ୍ରସିଦ୍ଧି ପୋଦ୍ଦାରଙ୍କୁ ତ୍ରିମୁକୁଟ




ଭୁବନେଶ୍ୱର,୮।୯(ସମିସ): ଓଡ଼ିଶା ପିକଲବଲ ସଂଘ ଓ ଭାରତୀୟ ପିକଲବଲ ମହାସଂଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଓପନ ପିକଲବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଶତାଧିକ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବାରୁ ରାଜ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧିପାଇଥିବା ଜଣାଯାଇଛି। ମହିଳା ଖେଳାଳି ପ୍ରସିଦ୍ଧି ପୋଦ୍ଦାର ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ, ଡବଲ୍ସ ଓ ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ତ୍ରିମୁକୁଟ ହାସଲ କରିଛନ୍ତି। ପୁରୁଷ ବିଭାଗ ଓପନ ସିଙ୍ଗଲସରେ ସୁମିତ ପଣ୍ଡା ଓ ଅଂଶୁମାନ ବାବୁ, ଡବଲ୍ସରେ ଔଶ୍ୱଜିତ ଶାହା-ଅଂଶୁମାନ ବାବୁ ଓ ରୋହନ ମିଶ୍ର-ରାଜେଶ ପ୍ରଧାନ, ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦ୍ଦାର ଓ ସ୍ୱୀକୃତି ଦାଶ, ଡବଲ୍ସରେ ସ୍ନେହା ଗର୍ଗ-ପ୍ରସିଦ୍ଧି ପୋଦ୍ଦାର ଓ ଅନିଶା ପାଣିଗ୍ରାହୀ-ଆଲିସ ମହାନ୍ତିଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ହର୍ନେକ ସିଂହ ଓ ଅକ୍ଷଜ କୁମାର, ବାଳିକା ସିଙ୍ଗଲ୍ସରେ ଅନିଶା ପାଣିଗ୍ରାହୀ ଓ ଆୟୁଷୀ ରୟ, ପୁରୁଷ ଓପନ ମିକ୍ସଡ ଡବଲ୍ସରେ ଔଶ୍ୱଜିତ ଶାହା-ପ୍ରସିଦ୍ଧି ପୋଦ୍ଦାର ଓ ଅଂଶୁମାନ ବାବୁ-ଅନିଶା ପାଣିଗ୍ରାହୀଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବିଭାଗରେ ଆନନ୍ଦ ପୋଦ୍ଦାରଙ୍କୁ ହରାଇ ଦିଲୀପ ମହାନ୍ତି ଟାଇଟଲ ଜିତିଥିଲେ।

● କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ବରିଷ୍ଠ ବିଭାଗରେ ଅନୁପମା ଓ ଆଶିଷ ଶ୍ରେଷ୍ଠ




ଭୁବନେଶ୍ୱର,୮।୯(ସମିସ): ତୃତୀୟ ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ଅନୁପମା ସ୍ୱାଇଁ ଓ ପୁରୁଷ ବିଭାଗରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ୍‌ର ମିଳିତ ସହଯୋଗରେ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ଉତ୍କଳ କରାଟେ ସ୍କୁଲ୍ ୧୯ଟି ସ୍ୱର୍ଣ୍ଣ ସହ ପ୍ରଥମ, ଫିଟ୍‌ନେସ ମନ୍ତ୍ରା ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଓ ଡି ଜିମ୍ ୩ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ସ୍ୱନସର ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିସନର ଏମ୍‌ଡି ବିଜୟକୁମାର ମିଶ୍ର, ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସ୍କୁଲ ଓପନ ଚେସ୍ : ସତ୍ୟମ ସ୍ୱରୂପ ଚାମ୍ପିଅନ




ଭୁବନେଶ୍ୱର,୮।୯(ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ଡିଏଭି ପୋଖରୀପୁଟ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସତ୍ୟମ ଓ ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସତ୍ୟମ ପ୍ରଥମ ହୋଇ ଚାମ୍ପିଅନ ଓ ସ୍ୱସ୍ତିକ ଦ୍ୱିତୀୟସ୍ଥାନରେ ରହି ରନର୍ସ ଅପ୍ ହୋଇଥିଲେ। ନୟାପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ତୃତୀୟ, ଏପିଜେ ସ୍କୁଲ୍‌ର ପ୍ରାଂଶୁ ସାହୁ ଚତୁର୍ଥ ଓ ୟୁନିଟ୍ ୮ ଡିଏଭିର ଆକର୍ଷ ପ୍ରକାଶ ୫ମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ ସାହୁ ଉଦ୍‌ଘାଟନ କରିଥିଲାବେଳେ ସ୍କୁଲ୍‌ର ଶିକ୍ଷକମାନେ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ୟୁଏସ୍ ଓପନ୍ ଟେନିସ୍

## ଟାଇଟଲ ସହ ଆଲ୍‌କାରାଜ୍ ବିଶ୍ୱର ନଂ-୧

ନ୍ୟୁୟର୍କ,୮।୯(ଏଜେନ୍ସି)



ସ୍ପେନର୍ ଯୁବ ଟେନିସ ତାରକା କାର୍ଲୋସ ଆଲକାରାଜ ଚଳିତବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ରେ ଏଥର ବାଜି ମାରିଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଆଲ୍‌କାରାଜ୍ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ଟପ୍ ସିଡ୍ ଇଟାଲୀର ୟାନିକ ସିନରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ୨୨ ବର୍ଷୀୟ ଆଲାକାରାଜ ୟୁଏସ୍ ଓପନ୍‌ରେ ଦ୍ୱିତୀୟ ଓ କ୍ୟାରିଅରର ଷଷ୍ଠ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ଏହା ପୂର୍ବରୁ ୨୦୨୨ରେ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ସେ ସେମିରେ ୭ମ ସିଡ୍ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬-୪, ୭-୬, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ। ଅନ୍ୟପଟେ ସିନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗୁର-ଆଲିଆଜିମଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଆଲକାରାଜ ଏଥିସହ ଦୁଇଥର ଲେଖାଏଁ ଫ୍ରେଞ୍ଚ୍ ଓପନ୍ (୨୦୨୪,୨୦୨୫), ୱିମ୍ବଲଡନ (୨୦୨୩-୨୦୨୪) ଓ ୟୁଏସ୍ ଓପନ (୨୦୨୨, ୨୦୨୩) ଟାଇଟଲ ହାସଲ କରିଛନ୍ତି। କ୍ୟାରିଅରରେ ସେ ମୋଟ୍ ଉପରେ ୨୩ତମ ଟାଇଟଲ ହାସଲ କରିଛନ୍ତି।

ଫାଇନାଲ ମ୍ୟାଚରେ ଶେଷ ପର୍ଯ୍ୟନ୍ତ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ଆଲକାରାଜ, ଦ୍ୱିତୀୟରେ ସିନର, ତୃତୀୟ ଓ ଚତୁର୍ଥରେ ପୁଣି ଆଲକାରାଜ ଜିତି ଟାଇଟଲ ହାସଲ କରିଥିଲେ। ଏହି ବିଜୟ ସହ ସେ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ସିନରଙ୍କୁ ହଟାଇ ବିଶ୍ୱର ନଂ୧ ସ୍ଥାନ ହାସଲ କରିଛନ୍ତି। ଅବଶ୍ୟ ପୂର୍ବରୁ ସେ ୨୦୨୩ରେ ନଂ୧ ସ୍ଥାନ ହାସଲ କରିଥିଲେ ଓ ୫ମଥର ପାଇଁ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହାପୂର୍ବରୁ ସେ ମୋଟ୍ ଉପରେ ୩୭ ସପ୍ତାହ ଧରି ନଂ୧ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ତୃତୀୟଥର ପାଇଁ ଅଲକାରାଜ ଓ ସିନର ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହୋଇଥିଲେ। ଗତ ଜୁନ୍‌ରେ ଆଲକାରାଜ ସିନରଙ୍କୁ ହରାଇ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ଜୁଲାଇରେ ସିନର ୱିମ୍ବଲଡନ ଫାଇନାଲରେ ଆଲକାରାଜଙ୍କୁ ହରାଇ ଟାଇଟଲ ଜିତିଥିଲେ। ଗତ ୮ଟି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଏହି ଦୁଇ ଖେଳାଳି ପତିଆରା ଜାହିର କରି ଆସିଛନ୍ତି। ସେହିପରି ସିନର ଫାଇନାଲ ଖେଳିବା ସହ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଖେଳାଳି ଭାବେ ଗୋଟିଏ ବର୍ଷରେ ୪ଟି ଗ୍ରାଣ୍ଡସ୍ଲାମର ଫାଇନାଲ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ରଡ ଲିଭର (୧୯୬୯), ରୋଜର ଫେଡରର (୨୦୦୬, ୨୦୦୭, ୨୦୦୮) ଓ ଜୋକୋଭିଚ୍ (୨୦୧୫, ୨୦୨୧, ୨୦୨୩) ଏହି ସଫଳତା ହାସଲ କରିଥିଲେ। ସେହିପରି ଆଲକାରାଜ ମଧ୍ୟ ଏକ ରେକର୍ଡରୁ ବଞ୍ଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାତ୍ର ଗୋଟିଏ ସେଟ୍‌ରେ ହାରି ଟାଇଟଲ ଜିତିଥିଲେ। ଫାଇନାଲରେ ସିନରଙ୍କଠାରୁ ଦ୍ୱିତୀୟ ସେଟ୍‌ରେ ହାରି ନ ଥିଲେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ କୌଣସି ସେଟ୍ ଡ୍ରପ୍ ନ କରି ଟାଇଟଲ ଜିତିବାରେ ରେକର୍ଡ କରିଥାନ୍ତେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS